Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 201
Thursday, 25 September 2025
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୨୫ ସେପ୍ଟେମ୍ବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

କଲବଲ କୋଲକାତା: କମୁନି ପାଣି, ପୁଣି ବର୍ଷା ପାଇଁ ଆଲର୍ଟ ଜାରି

କୋଲକାତା, ୨୪/୦୯(ନ୍ୟୁ.ଏ): ଯୁଆଡେ ଦେଖିଲେ ଖାଲି ପାଣି ଆଉ ପାଣି । ସହରର ମୁଖ୍ୟ ରାସ୍ତା ହୁଅନ୍ତୁ କି ଗଳିକନ୍ଦି ଅବା ଦୋକାନ ବଜାର । ସବୁଠି ପାଣି ପାଣି । ବର୍ଷା ଏମିତି ହେଲା ଘରେ ଅଣ୍ଟେ ଲେଖାଏଁ ପାଣି ପଶିଗଲା । ରାତିରେ ହଠାତ୍ ବର୍ଷାପାଣି ଘର ମୁହାଁ ହେବା ପରେ ଏବେ କୋଲକାତାର ସ୍ଥିତି ପୁରା ସଙ୍ଗୀନ୍ । କେଉଁଠି କିଏ ଗତ ସୋମବାର ରାତି ଠାରୁ ସେହି ଖଟରେ ବସିଛି ଯେ ବସିଛି । ନା ଘରୁ ବାହାରକୁ ବାହାରି ହେଉଛି ନା ଘରୁ ପାଣି ଛାଡୁଛି । ରାସ୍ତା ବୁଡି ଘର ଘରେ ପାଣିଭ ପଶିଯିବା ପରେ ଗୋଟିଏ ଖଟରେ ମଣିଷ, ଜିନିଷ ପତ୍ର ସବୁ ରହିଥିବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଖାଇବା, ପିଇବା, ଶୌଚ ହେବା ଏକ ପ୍ରକାର ସମସ୍ୟା କୋଲକାତା ସହରରେ ବର୍ଷା ପରେ ବନ୍ୟା ସ୍ଥିତି ପାଇଁ ସୃଷ୍ଟି ହୋଇଛି । ସେପଟେ ଗାଡ଼ି ଚଳାଚଳ, ବସ ସେବା ବ୍ୟାହତ ହୋଇଛି । ରେଳ ଟ୍ରାକ ବୁଡିଥିବାରୁ ଟ୍ରେନ ଚଳାଚଳ ବନ୍ଦ ହୋଇଛି । ସିଆଲଦା ଷ୍ଟେସନ ସମେତ ଅନେକ ଷ୍ଟେସନରେ ଯାତ୍ରୀମାନେ ପ୍ଲାଟଫର୍ମରେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ସହରର ମୁଖ୍ୟ ରାସ୍ତାରେ ପାଣି ଆଜି ବି ବୁଡ଼ି କି ରହିଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଅଧା ରାସ୍ତାରେ ଗାଡ଼ି ବନ୍ଦ ହେଇ ଅଟକିଯାଉଛି । ଦାମୀ ଦାମୀ ଗାଡ଼ି ରାସ୍ତାରେ ପାଣିରେ ଫସି ରହୁଛି । ଦୁର୍ଗାପୂଜା ପୂର୍ବରୁ କୋଲକାତାର ଏ ବର୍ଷା ସମସ୍ତଙ୍କୁ ଚିନ୍ତିତ କରିଛି । ପ୍ରତିବର୍ଷ କୋଲକାତାରେ ଦୁର୍ଗାପୂଜା ପାଇଁ ଭିଡ ଦେଖିବାକୁ ମିଳୁଥିବା ବେଳେ ଏଥର ବର୍ଷା ସବୁକିଛି ଫିକା ପକେଇ ଦେଇଛି । ସେପଟେ ପୂଜା ପେଣ୍ଡାଲ ବି ବୁଡିକି ରହିଛି । ବଡ ବଡ ତୋରଣ, ପେଣ୍ଡାଲ ସବୁ ପାଣି ଘେରରେ ରହିଛି । ଗୋଟେ ପଟେ କୋଲକାତା ପାଣିରେ ବୁଡି ରହିଥିବା ବେଳେ ଅନ୍ୟପଟେ ପୁଣି ୨୪ ଘଣ୍ଟା ଭିତରେ ବର୍ଷାର ଆଲର୍ଟ ଜାରି କରାଯାଇଛି । ଇତିମଧ୍ୟରେ ବର୍ଷା ପରର ସ୍ଥିତିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏହା ଦୀର୍ଘ ୩୭ ବର୍ଷ ପରର ବଡ଼ ବର୍ଷା ବୋଲି କୁହାଯାଉଛି । ସୋମବାର ରାତି ତମାମ ପ୍ରବଳ ବର୍ଷାରେ କୋଲକାତା ସହରର ଅନେକ ଅଂଶ ଜଳମଗ୍ନ ହୋଇ ସାଂଘାତିକ ଟ୍ରାଫିକ୍ ଜାମ୍ ସମସ୍ୟା ଉପୁଜିଛି । ଦୁର୍ଗାପୂଜା ପୂର୍ବରୁ ଏଭଳି ରେକର୍ଡ ବର୍ଷା ଲୋକଙ୍କ ଖୁସିକୁ ପାଣିଚିଆ କରିଦେଇଛି । ବିଦ୍ୟୁତ୍ ଆଘାତରେ, ପାଣିରେ ବୁଡ଼ିଯାଇ ଲୋକଙ୍କ ମୃତ୍ୟୁ ହେଉଥିବା ଖବର ଆସୁଛି । ଏଭଳି ବର୍ଷା ପୂର୍ବରୁ କେବେ ହୋଇନଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କହିଛନ୍ତି ।

ପ୍ରବଳ ବର୍ଷା ପାଇଁ ଧନ ଜୀବନ ପ୍ରଭାବିତ ହୋଇଥିବା ବେଳେ ବର୍ଷାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସହାୟତା ରାଶି ଘୋଷଣା କରିଛନ୍ତି ମମତା ସରକାର । ବର୍ଷା ଏବଂ ବିଦ୍ୟୁତ ଆଘାତ କାରଣରୁ ମୃତ୍ୟୁ ସଂଖ୍ୟା ବଢୁଥିବା ବେଳେ ରାସ୍ତାରେ ଝୁଲିଥିବା ପୁନା ପୁରା ତାର ଏହାର ବଡ କାରଣ ବୋଲି ଅଭିଯୋଗ ହେଉଥିବା ବେଳେ ଇତିମଧ୍ୟରେ ମୃତକଙ୍କ ପରିବାର ପାଇଁ କ୍ଷତିପୂରଣ ଘୋଷଣା କରିଛନ୍ତି ପଶ୍ଚିମବଙ୍ଗ ସରକାର । ପ୍ରତି ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କାର ସହାୟତା ଘୋଷଣା କରାଯାଇଛି । ସୋମବାର ରାତିରୁ ରାଜ୍ୟବ୍ୟାପୀ ବର୍ଷାଜନିତ ଘଟଣାରେ ଅତି କମରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯ଜଣଙ୍କର ମୃତ୍ୟୁ କେବଳ ବିଦ୍ୟୁତ୍ ଆଘାତରେ ହୋଇଛି ବୋଲି ଅଧିକାରୀମାନେ କହିଛନ୍ତି । ଜଳବନ୍ଦୀ ମଧ୍ୟରେ ଅନାବୃତ ଥିବା କିମ୍ବା ଖୋଲାମେଲାରେ ଓହଳିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ପରେ ସହରରେ ବିଦ୍ୟୁତ୍ ଆଘାତ ଜନିତ ମୃତ୍ୟୁ ସଂଖ୍ୟା ବଢିଛି । ଆଉ ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ପରିବାରକୁ ପଶ୍ଚିମବଙ୍ଗ ସରକାର ୨ ଲକ୍ଷ ଲେଖାଏଁ କ୍ଷତିପୂରଣ ଦେବାକୁ ଘୋଷଣା କରିଥିବା ବେଳେ କଲିକତା ବିଦ୍ୟୁତ୍ ଯୋଗାଣ ନିଗମକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମମତା ବାନାର୍ଜୀ ଅନୁରୋଧ କରିଛନ୍ତି ।

କୋଲକାତା ଏବଂ ଅନ୍ୟ ଜିଲ୍ଲାଗୁଡ଼ିକରେ ବର୍ଷା ପରେ ବନ୍ୟା ଭଳି ପରିସ୍ଥିତି ସମୀକ୍ଷା କରିବା ପରେ ମୁଖ୍ୟମନ୍ତ୍ରୀ ମମତା ଏହି ଘୋଷଣା କରିଛନ୍ତି । କହିଛନ୍ତି- ଯଦିଓ ଟଙ୍କା ଜୀବନକୁ ଫେରାଇ ଆଣିପାରିବନି କି ମୂଲ୍ୟବାନ ଜୀବନର କ୍ଷତିକୁ ଭରଣା କରିପାରିବନି, କିନ୍ତୁ ଆମେ ଉକ୍ତ ପରିବାରର ସହ ଅଛୁ । ଯଦି କଲିକତା ବିଦ୍ୟୁତ୍ ଯୋଗାଣ ନିଗମ ଚାକିରି ପ୍ରଦାନ ନକରେ ତେବେ ଆମେ ପରିବାର ସଦସ୍ୟଙ୍କୁ ସ୍ୱତନ୍ତ୍ର ନିଯୁକ୍ତି ନିଶ୍ଚିତ ଦେବୁ ବୋଲି ମମତା କହିଛନ୍ତି । ସେପଟେ କୋଲକାତାରେ ପାଣିର ପ୍ରଳୟ ପରେ ଅସ୍ତବ୍ୟସ୍ତ ହୋଇଛି ଜନ ଜୀବନ । କୋଲକାତାର ବର୍ଷା ପରବର୍ତ୍ତୀ ବିଦ୍ୟୁତ ଜନିତ ମୃତ୍ୟୁ ସଂଖ୍ୟା ବଢୁଥିବା ବେଳେ ଉକ୍ତ ପ୍ରସଙ୍ଗରେ ମମତା ସରକାରକୁ ଘେରିଛନ୍ତି ବିଜେପି ନେତା ଅମିତ ମାଳବ୍ୟ । ସେ କହିଛନ୍ତି- ୨୪ ଘଣ୍ଟାରେ, ଦୁର୍ଗା ପୂଜା ପୂର୍ବରୁ କୋଲକାତା ଏକ କବର ସ୍ଥାନରେ ଫସିଯାଇଛି । ମମତା ସରକାରଙ୍କ ଅବହେଳା ପାଇଁ ବିଦ୍ୟୁତ୍ ଆଘାତରେ ନୀରିହ ଲୋକଙ୍କ ଜୀବନ ଯାଉଛି । କୋଲକାତା- ଭାରତର ଲଣ୍ଡନ ଭାବେ ନିଜକୁ ଗଢ଼ିବାକୁ ସ୍ୱପ୍ନ ଦେଖୁଥିବା ବଏଲେ ମାତ୍ର ୫ ଘଣ୍ଟାର ବର୍ଷାରେ ଏହା କବରସ୍ଥଳୀରେ ପରିଣତ ହୋଇଛି । ଯାହା ମମତା ସରକାରଙ୍କ ଶାସନର ମଜା ଉଡାଉଛି । କାହିଁକି ଖୋଲା ତାର ଏବେ ବି ରାସ୍ତାରେ ଝୁଲୁଛି ? ବିଦ୍ୟୁତ୍ ଆଘାତରେ ମୃତ୍ୟୁ କାହିଁକି ବାରମ୍ବାର ଘଟୁଛି ? କୋଲକାତାରେ ଏହା ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ ବରଂ ଏହା ମମତା ସରକାରଙ୍କ ଶାସନର ବିପର୍ଯ୍ୟୟ ବୋଲି ବର୍ଷିଛନ୍ତି ଅମିତ ।

ଆସନ୍ତାକାଲି ଆଉ ଏକ ଲଘୁଚାପ, ଘଡ଼ଘଡ଼ି ଓ ପବନ ସହିତ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୪/୦୯(ଆ.ପ୍ର): ବଙ୍ଗୋପସାଗରରେ ଗୋଟିଏ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଆସନ୍ତାକାଲି ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିର ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି, ଉତ୍ତର ଓଡ଼ିଶା, ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଗାଙ୍ଗେୟ ପଶ୍ଚିମବଙ୍ଗର ସଂଲଗ୍ନ ଅଞ୍ଚଳ ଉପରେ ଥିବା ଲଘୁଚାପ କ୍ଷେତ୍ର ଆଜି ସକାଳ ସାଢ଼େ ୮ଟା ସୁଦ୍ଧା ସେହି ଅଞ୍ଚଳରେ ରହିଛି । ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ଉଚ୍ଚତା ସହିତ ଦକ୍ଷିଣ-ପଶ୍ଚିମ ଆଡ଼କୁ ଢଳି ରହିଛି । ଏହା ସେହି ଅଞ୍ଚଳରେ ଜାରି ରହିବା ସହିତ ଆଗାମୀ ୧୨ ଘଣ୍ଟାରେ ଦୁର୍ବଳ ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଆଜି ସକାଳ ସାଢ଼େ ୮ଟାରେ କେନ୍ଦ୍ରୀୟ ମିଆଁମାର ଓ ସଂଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରର ପଶ୍ଚିମ ଅଞ୍ଚଳ ଓ ସଂଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଥିବା ଟ୍ରପୋସ୍ଫେରିକ୍ ସ୍ତର ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ଧୀରେ ଧୀରେ ପଶ୍ଚିମ ଆଡ଼କୁ ଗତି କରିବାର ସମ୍ଭାବନା ଅଛି ଏବଂ ଏହାର ପ୍ରଭାବରେ ୨୫ ତାରିଖରେ ଉତ୍ତର ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ପ୍ରାୟ ପଶ୍ଚିମ ଆଡ଼କୁ ଗତି କରି ୨୬ ତାରିଖରେ ଏହା ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର, ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ଏକ ଅବପାତରେ କେନ୍ଦ୍ରିତ ହେବାର ସମ୍ଭାବନା ରହିଛି । ୨୭ ତାରିଖରେ ଏହା ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ।

ରାଜ୍ୟ ଉପରେ ପାଣିପାଗର ସ୍ଥିତି ଏଭଳି ଥିବା ବେଳେ ପ୍ରବଳ ଏବଂ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୨୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ୟେଲୋ ଓ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତାକାଲି (୨୫ ତାରିଖ) ସକାଳ ସାଢ଼େ ୮ଟା ସୁଦ୍ଧା କୋରାପୁଟ, ନବରଙ୍ଗପୁର ଓ ନୂଆପଡ଼ା ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବା ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଏହି ସମୟ ମଧ୍ୟରେ ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଗଜପତି ଓ ବଲାଙ୍ଗିର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୫ ତାରିଖ ସକାଳ ସାଢ଼େ ୮ଟାରୁ ୨୬ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବା ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତେଣୁ ଏହି ଜିଲ୍ଲାକୁ ମାଲକାନଗିରି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଏହି ସମୟ ମଧ୍ୟରେ କୋରାପୁଟ, ନବରଙ୍ଗପୁର, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ପବନ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

୫୦୨୩ ଏମ୍‌ବିଏ ଓ ୫୦୦୦ ପିଜି ସିଟ୍ ବଢ଼ିଲା

ନୂଆଦିଲ୍ଲୀ, ୨୪/୦୯(ଆ.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ବୁଧବାର ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲଗୁଡ଼ିକର ଉନ୍ନତି ଓ ସମ୍ପ୍ରସାରଣ ପାଇଁ ସେଣ୍ଟ୍ରାଲି ସ୍ପନ୍ସର୍ଡ ସ୍କିମ୍(ସିଏସ୍ଏସ୍) ଫେଜ୍-ଆଇଆଇଆଇକୁ ଅନୁମୋଦନ ଦେଇଛି । ଏହା ଅଧୀନରେ ୫୦୨୩ ଏମ୍‌ବିବିଏସ୍ ଓ ୫୦୦୦ ପିଜି ସିଟ୍ ବୃଦ୍ଧି କରାଯିବ, ଯେଉଁଥିପାଇଁ ପ୍ରତି ସିଟ୍ ପାଇଁ ଖର୍ଚ୍ଚ ସୀମା ୧.୫ କୋଟି ଟଙ୍କା ନିର୍ଦ୍ଧାରିତ ହୋଇଛି । ୨୦୨୫-୨୬ରୁ ୨୦୨୮-୨୯ ମଧ୍ୟରେ ଏହି ଯୋଜନା ପାଇଁ ମୋଟ ୧୫୦୩୪.୫ କୋଟି ଟଙ୍କା ବ୍ୟୟ ହେବ, ଯେଉଁଥିରୁ କେନ୍ଦ୍ରର ଅଂଶ ୧୦୩୦୩.୨ କୋଟି ଓ ରାଜ୍ୟର ଅଂଶ ୪୭୩୧.୩ କୋଟି । ଏହା ଦେଶରେ ଡାକ୍ତରଙ୍କ ଉପଲବ୍ଧତା ବୃଦ୍ଧି, ନୂଆ ସ୍ପେସିଆଲିଟି ପ୍ରବର୍ତ୍ତନ ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜବୁତ କରିବ ।

ରାଇରଙ୍ଗପୁରରେ ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୦୯(ଆ.ପ୍ର): ଆୟୁର୍ବେଦରେ ଉପଯୁକ୍ତ ଉପଚାର ସହିତ ସନ୍ତୁଳିତ ଆହାର ଓ ଜୀବନଶୈଳୀ ଦ୍ୱାରା ଆରୋଗ୍ୟ ମିଳିପାରିବ । ବର୍ତ୍ତମାନ ସମସ୍ତେ ପ୍ରାୟ ଆଧୁନିକ ଚିକିତ୍ସା ପଦ୍ଧତି ଗ୍ରହଣ କରୁଛନ୍ତି । ଏହାର ପାର୍ଶ୍ୱ ପ୍ରତିକ୍ରିୟା ଓ ବ୍ୟୟସାପେକ୍ଷ ଚିକିତ୍ସା ପ୍ରଣାଳୀ ଲୋକଙ୍କୁ ବିକଳ୍ପ ଚିକିତ୍ସା ପଦ୍ଧତି ସଂପର୍କରେ ଚିନ୍ତା କରିବା ପାଇଁ ବାଧ୍ୟ କରିଛି ବୋଲି ରାଜ୍ୟସ୍ତରୀୟ ଜାତୀୟ ଆୟୁର୍ବେଦ ଦିବସ-୨୦୨୫ ପାଳନ ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜୟଦେବ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆୟୁର୍ବେଦ ଓ ଯୋଗ ଏକ ସୁସ୍ଥ ଜୀବନଯାପନ ପାଇଁ ମାର୍ଗଦର୍ଶନ କରିଥାଏ । ଏହା ପ୍ରକୃତି ଓ ଶରୀର ସହ ସମନ୍ୱୟ ରକ୍ଷା କରି ଜୀବନର ମାନକୁ ବୃଦ୍ଧି କରୁଥିବାରୁ ସମଗ୍ର ବିଶ୍ୱ ଏକ ଉତ୍ତମ ଚିକିତ୍ସା ପଦ୍ଧତି ଭାବରେ ଗ୍ରହଣ କରିଛି । ଆୟୁର୍ବେଦ ମାନବ ଜୀବନର ଏକ ଅଂଶ ହେବା ଉଚିତ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜାତୀୟ ଆୟୁଷ ମିସନ୍ ଅଧୀନରେ ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ୩ଟି ସମନ୍ୱିତ ଆୟୁଷ ହସ୍ପିଟାଲ ନିର୍ମାଣ କରାଯାଉଛି । ଚଳିତବର୍ଷ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ଏକ ନୂତନ ଆୟୁର୍ବେଦିକ କଲେଜ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ୮୫ କୋଟି ଟଙ୍କା ଖର୍ଚ୍ଚ ହେବ । ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୁଷ ଅଧୀନରେ ଏକ ପଞ୍ଚକର୍ମ ୟୁନିଟ୍ କାର୍ଯ୍ୟରତ ଅଛି । ବରଗଡ଼ ଓ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଦୁଇଟି ୟୁନିଟ୍ ନିର୍ମାଣ କରାଯାଉଛି । ଅଧିକ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ପାଇଁ ଚଳିତବର୍ଷ ଆଉ ୮ଟି ନୂତନ ପଞ୍ଚକର୍ମ କେନ୍ଦ୍ର ବିଭିନ୍ନ ଜିଲ୍ଲା ଆୟୁର୍ବେଦିକ ମୁଖ୍ୟ କାର୍ଯ୍ୟାଳୟରେ ନିର୍ମାଣ କରାଯିବ । ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ଆୟୁର୍ବେଦ ଚିକିତ୍ସା ମାଧ୍ୟମରେ ଚଳିତ ବର୍ଷ ଅଦ୍ୟାବଧି ପ୍ରାୟ ୨ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ସେବା ଦିଆଯାଇଛି । ଏହି ଅବସରରେ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ନ୍ୟୁଜ୍ ଲେଟର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପ୍ରାରମ୍ଭରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ୍. ସ୍ୱାଗତ ଭାଷଣ ଦେଇଥିବା ବେଳେ ଆୟୁଷ ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା ଧନ୍ୟବାଦ ଦେଇଥିଲେ ।

ଦିନକ ପୂର୍ବରୁ ମୌସୁମୀ ଅଧିବେଶନ ଶେଷ, ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହ ମୁଲତବି

ଭୁବନେଶ୍ୱର, ୨୪/୦୯(ଆ.ପ୍ର): ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ବୁଧବାର ଦିନ ଶେଷ ହୋଇଛି । ମୌସୁମୀ ଅଧିବେଶନ ପୂର୍ବ ନିର୍ଦ୍ଧାରିତର ଦିନକ ପୂର୍ବରୁ ଶେଷ ହୋଇଛି । ସେପ୍ଟେମ୍ବର ୧୬ରୁ ଅଧିବେଶନ ଆରମ୍ଭ ହୋଇଥିଲା । ସୂଚୀ ଅନୁସାରେ ସେପ୍ଟେମ୍ବର ୨୫ ଯାଏଁ ଗୃହ ଚାଲିବାର ଥିଲା । ତେବେ ବାଚସ୍ପତି ସୁରମା ପାଢ଼ୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହ କାର୍ଯ୍ୟ ମୁଲତବି ରଖିଛନ୍ତି । କିଛି ସରକାରୀ କାର୍ଯ୍ୟ ନଥିବାରୁ ଓ ନବରାତ୍ର ପୂଜା ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ଗୃହ କାର୍ଯ୍ୟକୁ ବନ୍ଦ ପ୍ରସ୍ତାବ ଆଣିଛନ୍ତି । ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ଗତ ୧୬ ତାରିଖ ଦିନ ଆରମ୍ଭ ହୋଇଥିଲା । ଏହି ଅଧିବେଶନ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାର ଥିଲା । କିନ୍ତୁ କିଛି ସରକାରୀ କାର୍ଯ୍ୟ ନଥିବାରୁ ଓ ନବରାତ୍ର ପୂଜା ପାଇଁ ଆଜି ସରକାରୀ ଦଳ ମୁଖ୍ୟ ସଚେତକ ଗୃହ କାର୍ଯ୍ୟକୁ ବନ୍ଦ ପ୍ରସ୍ତାବ ଆଣିଥିଲେ । ଫଳରେ ଦିନକ ପୂର୍ବରୁ ବିଧାନସଭାର ମୌସୁମୀ ଅଧିବେଶନ ଶେଷ କରାଯାଇଛି । ତେବେ ମୌସୁମୀ ଅଧିବେଶନରେ ସାତଟି କାର୍ଯ୍ୟ ଦିବସ ଥିବା ବେଳେ ଛଅଟି କାର୍ଯ୍ୟ ଦିବସ ଅନୁଷ୍ଠିତ ହୋଇଛି । ବିଧାନସଭାର ଦ୍ୱିତୀୟ ଦିନ ଠାରୁ ଆଜି ପର୍ଯ୍ୟନ୍ତ ବିରୋଧୀ ବିଜେଡି ଓ କଂଗ୍ରେସ ବାରମ୍ବାର ହୋହାଲ୍ଲା କରିଥିଲେ । ଦ୍ୱିତୀୟ ଦିନରେ ବିଜେଡି ବିଧାୟକମାନେ ରାଜ୍ୟରେ ଚାଷୀମାନଙ୍କୁ ଉପଯୁକ୍ତ ପରିମାଣରେ ସାର ଦିଆଯାଉ ନଥିବା ଅଭିଯୋଗ ଆଣି ହୋହାଲ୍ଲା କରିଥିଲେ । ସେହିପରି କଂଗ୍ରେସ ବିଧାୟକମାନେ ଏକାଧିକ ଥର କକ୍ଷତ୍ୟାଗ କରିଥିଲେ । କଂଗ୍ରେସ ବିଧାୟକମାନେ ବିଧାନସଭା ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ମୂର୍ତ୍ତି ତଳେ ବସିଥିଲେ । ଏହି ଅଧିବେଶନରେ କଂଗ୍ରେସ ବିଧାୟକମାନେ ଅନାସ୍ଥା ପ୍ରସ୍ତାବ ମଧ୍ୟ ଦୁଇ ଥର ଆଣିଥିଲେ । ଗୃହ କାର୍ଯ୍ୟ ସମୟରେ ବିରୋଧୀ ଦଳର ବିଧାୟକମାନେ ଶାସକ ଦଳକୁ ଏକାଧିକ ପ୍ରସଙ୍ଗରେ ପ୍ରଶ୍ନ କରିଥିଲେ । ଶାସକ ଦଳ ଏହାର ଉତ୍ତର ଦେଇଥିଲେ । ଷଷ୍ଠ ଦିନରେ ବୁଧବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏଜି ରିପୋର୍ଟ ଉପସ୍ଥାପନ କରିଥିଲେ । ସେହିପରି ଗୃହରେ ଓଡ଼ିଶା ଦ୍ରବ୍ୟ ଓ ସେବା କର(ସଂଶୋଧନ)ବିଲ ୨୦୨୫ ପାରିତ ହୋଇଛି ।

୨୬ ତାରିଖରେ ସରକାରୀ କର୍ମଚାରୀଙ୍କ ଦରମା ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪/୦୯(ଆ.ପ୍ର): ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଆଗୁଆ ମିଳିବ ଦରମା । ଚଳିତ ସେପ୍ଟେମ୍ବର ମାସର ଦରମା ୨୬ ତାରିଖରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ, ଦୁର୍ଗାପୂଜା ପାଇଁ ଆସନ୍ତା ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ । ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏସଟି-୨.୦ ସଂସ୍କାର ପରେ ସାରା ଦେଶରେ ସଞ୍ଚୟ ଉତ୍ସବ ମଧ୍ୟ ପାଳନ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ଚଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ଦରମା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ, ଦୁର୍ଗାପୂଜା ପାଇଁ ଆସନ୍ତା ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ । ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏସଟି-୨.୦ ସଂସ୍କାର ପରେ ସାରା ଦେଶରେ ସଞ୍ଚୟ ଉତ୍ସବ ମଧ୍ୟ ପାଳନ କରାଯାଉଛି ।

ଦଳ ଦ୍ୱାରା ପରିଚାଳିତ ନିର୍ବାଚନ ପ୍ରକ୍ରିୟା ନିୟମାନୁମୋଦିତ ନଥିଲା: ଶ୍ରୀମୟୀ

ଭୁବନେଶ୍ୱର, ୨୪/୦୯(ଆ.ପ୍ର): ବିଜେଡିରେ ମୁଁ ବର୍ଷେ ହେଲା ନାହିଁ । ଆଉ ତାପରେ ନିଲମ୍ବନ, ଜଗତେ କେବଳ ଜନେ ହସିବେ । ଏଭଳି କହି ବିଜେଡିକୁ ସମାଲୋଚନା କରିଛନ୍ତି ଶ୍ରୀମୟୀ ମିଶ୍ର । ସେ ପୁଣି ନିଜର ଫେସ୍‌ବୁକ୍‌ରେ ପୋଷ୍ଟ କରି କହିଛନ୍ତି, ଯେତେବେଳେ ଆମେ ଏକ ଗଣତାନ୍ତ୍ରିକ ଦେଶରେ ଭୋଟ୍ ଦେଉ, ଆମେ ଏକ ଭୋଟର ଆଇଡି ଏବଂ ଏକ ଏପିକ୍ ନମ୍ବର ଆବଶ୍ୟକ କରୁ । ସେହିପରି, ଦଳର ସଭାପତିଙ୍କ ପାଇଁ ଭୋଟ୍ ଦେବାକୁ ହେଲେ ଦଳର ସଦସ୍ୟମାନଙ୍କର ଏକ ଅନନ୍ୟ ସଦସ୍ୟତା ନମ୍ବର ଥିବା ଉଚିତ୍ । ଯଦି ସେହି ଅନନ୍ୟ ନମ୍ବର ସଦସ୍ୟଙ୍କ ପାଖରେ ନାହିଁ, ତେବେ ଏହାର ଅର୍ଥ ଦଳ ଦ୍ୱାରା ପରିଚାଳିତ ନିର୍ବାଚନ ପ୍ରକ୍ରିୟା ନିୟମାନୁମୋଦିତ ନଥିଲା । ସୂଚନାଯୋଗ୍ୟ, ଗତକାଲି ବିଜେଡି ମହିଳା ବ୍ୟାପାର ସାଧାରଣ ସଂପାଦକ ଶ୍ରୀମୟୀ ମିଶ୍ରଙ୍କୁ ବିଜେଡି ଗତକାଲି ନିଲମ୍ବନ କରିଥିଲା । ବିଜେଡି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଏହା କୁହାଯାଇଥିଲା । ବିଜେଡି ଉପସଭାପତି ପ୍ରତାପ ଜେନା ଏହା ସ୍ପଷ୍ଟ କରିଥିଲେ ।

ସଂସାରର ସମସ୍ତ ସୁଖ ସମ୍ଭୋଗ ଠୁଁ ଦୂରେଇ ରହିବା ବା ସମସ୍ତ ମୋହ ମାୟା ପ୍ରତି ଦୁର୍ବଳତା ନ ରଖିବା ବ୍ୟକ୍ତି ବିଶେଷଙ୍କୁ ସମାଜ ସନ୍ନ୍ୟାସୀ ରୂପେ ଗ୍ରହଣ କରେ । କିନ୍ତୁ ଏଥିରେ ସନ୍ଦେହ କିମ୍ବା ବ୍ୟତିକ୍ରମ ହେଲେ ସମାଜ ଭଣ୍ଡ ସନ୍ନ୍ୟାସୀ ର ରୂପ ଦେବାକୁ ଟିକେ ମାତ୍ର ପଛଘୁଞ୍ଚା ଦେଇନାହିଁ । ବର୍ତ୍ତମାନ ଆମସମାଜରେ ଏହିପରି ଆମେ ଅନେକ ଗୁଡ଼ିଏ ଘଟଣା ଶୁଣୁଛେ କିମ୍ବା ଦେଖୁଛେ, ଯେଉଁମାନେ ସନ୍ନ୍ୟାସ କହି ସମସ୍ତ ସୁଖ ସ୍ୱାଛନ୍ଦ୍ୟ ପ୍ରତି ଲାଳାୟିତ ରହୁଛନ୍ତି । ପରମୁହୂର୍ତ୍ତରେ ଏକ ଭଣ୍ଡ ସନ୍ନ୍ୟାସର ଆଖ୍ୟାରେ ପରିଚୟ ପାଇ ଶିରୋନାମା ମଣ୍ଡନ କରୁଛନ୍ତି । ସନ୍ଥ, ସନ୍ନ୍ୟାସୀମାନେ ଜ୍ଞାନ, ତ୍ୟାଗ ଓ ଭକ୍ତିର ନିଦର୍ଶନ ଦିଅନ୍ତି, ତାଙ୍କ ଜ୍ଞାନର ଆଲୋକ ଆମ ଜାତିର ଗୌରବ, ଯାହା ଅନ୍ଧକାର ମନରେ ଆଲୋକ ଭଳି ଭଳି । ବୃକ୍ଷତଳେ ବସି, ନଦୀର କୂଳେ ଧ୍ୟାନମଗ୍ନ ହୋଇ, ଶୂନ୍ୟରୁ ସମସ୍ତ ସୃଷ୍ଟିର ରହସ୍ୟ ଦେଖନ୍ତି, ଆଉ ସର୍ବୋପରି ଜଗତର ମଙ୍ଗଳ କାମନା କରନ୍ତି । ହେଲେ ଏ ଯୁଗର କିଛି ସନ୍ନ୍ୟାସୀଙ୍କ ଭାଷାରେ 'ଜଗତେ ପଙ୍କେ ନର୍କେ ପଡ଼ିଥାଉ, ମୋ ଜୀବନ ଉଦ୍ଧାର ହଉ' । ଏବେ ମଧ୍ୟ କଛି ସନ୍ନ୍ୟାସୀ ଜନମଙ୍ଗଳକରି ଭାବନା ନେଇ ତପସ୍ୟା କରିଛନ୍ତି, ହେଲେ ଆଉ କିଛି ଜଗନ୍ନାଥଙ୍କ ନାମ ନେଇ ଅନ୍ୟ ପାଇଁ ଗାତ ଖୋଳିବାକୁ ଯାଇ, ନିଜେ ଗାତରେ ପଡୁଛନ୍ତି । ଉଲ୍ଲେଖ ଥାଉ କି, ଶ୍ରୀମୟୀ ମିଶ୍ର ଗୋଟିଏ ପରେ ଗୋଟିଏ ସୋସିଆଲ ମିଡ଼ିଆ ପୋଷ୍ଟ କରି ରାଜନୀତି ମହଲରେ ବିସ୍ଫୋରଣ କରିବାରେ ଲାଗିପଡ଼ିଥିଲେ । କିଛିଦିନ ତଳେ ଧୃତରାଷ୍ଟ୍ର ଓ ସନ୍ନ୍ୟାସୀ ଉପାଖ୍ୟାନକୁ ନେଇ ଲେଖିଥିବା ଶ୍ରୀମୟୀ ଗତ ୨୦ ତାରିଖ ଦିନ ନାରୀଙ୍କୁ ସମ୍ମାନ ଓ ସହିବାର ସୀମା ବାବଦରେ ଉଲ୍ଲେଖ କରିଥିଲେ । ଦୁର୍ଗାପୂଜା ଓ ମା' ଦୁର୍ଗାଙ୍କ ଆଗମନ ନେଇ ଶ୍ରୀମୟୀଙ୍କ ଏହି ବାର୍ତ୍ତାରେ ସେ ଉଲ୍ଲେଖ କରିଥିଲେ ଯେ, 'ଆମ ସଂସ୍କୃତିରେ ଯେଉଁ ସ୍ଥାନରେ ନାରୀମାନେ ସମ୍ମାନିତ ହୁଅନ୍ତି, ସେଠାରେ ଦେବତାମାନେ ଆନନ୍ଦରେ ବାସ କରନ୍ତି । କିନ୍ତୁ ଯେଉଁଠାରେ ନାରୀମାନଙ୍କୁ ସମ୍ମାନ ଦିଆଯାଏ ନାହିଁ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ । ଏହି ଶ୍ଳୋକ ନାରୀର ସମ୍ମାନ ଓ ମର୍ଯ୍ୟାଦାର ମହତ୍ୱକୁ ଦର୍ଶାଏ । ଓଡ଼ିଶାର ସାଂସ୍କୃତିକ ପରଂପରାରେ ମଧ୍ୟ ନାରୀଙ୍କୁ ମା', ଦେବୀ ଓ ଶକ୍ତି ରୂପେ ପୂଜା କରାଯାଏ, ଯେପରି ଦୁର୍ଗା ପୂଜାରେ ମା' ଦୁର୍ଗାଙ୍କୁ ଆରାଧନା କରାଯାଇଥାଏ ବୋଲି ଶ୍ରୀମୟୀ କହି କଡ଼ା ସମାଲୋଚନା କରିଛନ୍ତି ।

ପର୍ଯ୍ୟାବରଣର ସୁରକ୍ଷା ପାଇଁ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ତାଳ ବୃକ୍ଷ ରୋପଣ

ଭଦ୍ରକ, ୨୪/୦୯ (ଆ.ପ୍ର) : ବଜ୍ରାଘାତ ଜନିତ ମୃତ୍ୟୁକୁ ହ୍ରାସ କରେ ତାଳ ବୃକ୍ଷ । ମାତ୍ର ତାଳ ବୃକ୍ଷର ଘୋର ଅଭାବ କାରଣରୁ ଦିନକୁ ଦିନ ବୃଦ୍ଧି ପାଉଛି ବଜ୍ରାଘାତ ଜନିତ ମୃତ୍ୟୁ । ଏହାକୁ ଦୃଷ୍ଟିରେ ରଖି ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଭଦ୍ରକ ସହର ନିକଟ ଗେଲଟୁଆ ଠାରେ ୫ ଶହ ତାଳ ବୃକ୍ଷ ରୋପଣ କରାଯାଇଛି । ପର୍ଯ୍ୟାବରଣର ସୁରକ୍ଷା ପାଇଁ ତାଳ ବୃକ୍ଷର ଆବଶ୍ୟକତା ରହିଛି । ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ଜିଲ୍ଲା ତମାମ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ୧ ହଜାର ତାଳ ବୃକ୍ଷ ରୋପଣ କରାଯିବ ବୋଲି ସମିତିର କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି କହିଛନ୍ତି । ଆଜି ଅନୁଷ୍ଠିତ ଏହି ତାଳ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସମିତି ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ଉପ ସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ବରିଷ୍ଠ ଉପଦେଷ୍ଟା ବଦ୍ରୀ ନାରାୟଣ ଧଳ, ପ୍ରଦୀପ୍ତ ବିଶ୍ୱାଳ, ଅମ୍ବିକା ପ୍ରସନ୍ନ ଦାସ, ରଘୁନାଥ ସାହୁ, ବରିଷ୍ଠ ସଦସ୍ୟ ବିଜୟ ଭୂଷଣ ନାୟକ, ହେମନ୍ତ କୁମାର ପାଢ଼ୀ, କୈଳାସ ଦାସ, ପ୍ରେମାନନ୍ଦ ବେହେରା, ସୁରେଶ ସାମଲ, ପ୍ରଭାତ ମହାନ୍ତି, ଅମରେଶ ନାୟକ, ବିମଳ ମିଶ୍ର, ରାଜେଶ ନାୟକ ଯୁବ ସଦସ୍ୟ ସରୋଜ ରାଉତ, ସୁବାସ ମିଶ୍ର, ମାନସ ବାରିକ, ରଶ୍ମି ରଞ୍ଜନ ସାହୁ ଏବଂ ଜ୍ୟୋତି ପ୍ରକାଶ ସାହୁଙ୍କ ସମେତ ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ତାଳ ବୃକ୍ଷ ରୋପଣ କରିଥିଲେ ।

ନିମ୍ନ ଇନ୍ଦ୍ରଜଳସେଚନ ପ୍ରକଳ୍ପରେ ଜାଲ ବିସ୍ଥାପିତଙ୍କ ନାଁରେ ୧ କୋଟି ୮୨ ଲକ୍ଷ ୯୪ ହଜାର ୭୬୮ ଟଙ୍କା ଆତ୍ମସାତ

ନୂଆପଡା, ୨୪/୦୯ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ କୋମନା ଓ ଖଡ଼ିଆଳ ମଧ୍ୟ ଭାଗରେ ନିର୍ମାଣ ହୋଇଥିବା ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ଜାଲ ବିସ୍ଥାପିତଙ୍କ ନାଁରେ ଥଇଥାନ କେଲେଙ୍କାରୀ ହୋଇଥିବା ଅଭିଯୋଗ ହୋଇଛି । ୪୫ ଜଣ ମିଥ୍ୟା ବିସ୍ଥାପିତଙ୍କ ନାଁରେ ୧ କୋଟି ୮୨ଲକ୍ଷ ୯୪ ହଜାର ୭୬୮ ଟଙ୍କା ଆତ୍ମସାତ ହୋଇଥିଲା । ଏହି ଘଟଣାକୁ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ତାର ତଦନ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଇ ନାହିଁ । ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ବିଭାଗର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ବିସ୍ଥାପିତ ମାନେ ଅଭିଯୋଗ କରିଛନ୍ତି । ୨୦୨୦ରେ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ କୋମନା ବ୍ଲକର ବେଲଗାଁ, ହରିପୁର, ଲକ୍ଷ୍ମୀପାଣି, କାଳିମାଟି, ରଜନା ଓ ବୋଡେନ ବ୍ଲକ ଦଦଗାଁର ୪୫ ଜଣ ଜାଲ ବିସ୍ଥାପିତଙ୍କ ନାଁରେ ୧ କୋଟି ୮୨ଲକ୍ଷ ୯୪ ହଜାର ୭୬୮ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି । ନୂଆପଡା ଜିଲ୍ଲା କୋମନା ବ୍ଲକ ବେଲଗାଁର ପବିତ୍ର ମାଝିଙ୍କ ନାଁରେ ୪ଲକ୍ଷ ୫୦ହଜାର ଟଙ୍କା, ଚିତ୍ର ଗୌଡ ଓ ସରସ୍ୱତୀ ଭୋଇଙ୍କ ନାଁରେ ୪ଲକ୍ଷ ଲେଖାଏଁ, ପର୍ଶୁ ରାମ ଶଗରିଆ, ବିଶ୍ୱାଳ ଭୋଇ ଓ ଆକବର ଗୌଡଙ୍କ ନାଁରେ ୪ଲକ୍ଷ ୩୬ ହଜାର ଲେଖାଏଁ, ମଙ୍ଗଳ ଗୌଡଙ୍କ ନାଁରେ ୨ଲକ୍ଷ ୨୬ ହଜାର, ଯୋଗେନ୍ଦ୍ର ସୁନାନି ୫ଲକ୍ଷ ୪୭ ହଜାର, କାର୍ତ୍ତିକ ହରିଜନ ୪ ଲକ୍ଷ,ଛବିଲାଲ ସାହୁ ୪ ଲକ୍ଷ, ଲିଙ୍ଗ ପହରିଆ ୪ ଲକ୍ଷ ୮୧ ହଜାର, ଲମ୍ବଧର ହରିଜନ ୪ ଲକ୍ଷ, ଜିତେନ୍ଦ୍ର ହରିଜନ ୪ ଲକ୍ଷ, ଭବାନୀ ହରିଜନ ୪ଲକ୍ଷ, କୃଷ୍ଣ ଚନ୍ଦ୍ର ହରିଜନ ୪ ଲକ୍ଷ, ସୌରଭ ହରିଜନ ୪ଲକ୍ଷ, ଅରକ୍ଷିତ ହରିଜନ ୪ଲକ୍ଷ ଟଙ୍କା, ସିଙ୍ଗନ ସାଏ ମାଝି ୨ଲକ୍ଷ ୮ ହଜାର ୭୬୮ ଟଙ୍କା, ଗୌରି ଶଙ୍କର ମାଝି ୪ ଲକ୍ଷ ୩୬ ହଜାର ଟଙ୍କା, ଜଗମୋହନ ମାଝି ୪ ଲକ୍ଷ ୩୬ ହଜାର ଟଙ୍କା, ସିଙ୍ଗନ ସାଏ ମାଝି ୪ ଲକ୍ଷ ୩୬ ହଜାର ଟଙ୍କା, ଡିଙ୍ଗର ମାଝି ୪ଲକ୍ଷ ୩୬ ହଜାର ଟଙ୍କା, ଲୋଚନ ମାଝି ୪ଲକ୍ଷ ୩୬ ହଜାର ଟଙ୍କା, ପୁଣି ଦଳ ୨ ଲକ୍ଷ ୭୬ ହଜାର ଟଙ୍କା, ପୁନେ ଦଳ ୨ଲକ୍ଷ ଟଙ୍କା, ସୁଦନ ଦୀପ ୫ଲକ୍ଷ ୪୭ ହଜାର ଟଙ୍କା, ଯୋଗେନ୍ଦ୍ର ସୁନାନି ୫ ଲକ୍ଷ ୪୭ ହଜାର ଟଙ୍କା, ଜଗଦୀଶ ପୋଡ ୪ ଲକ୍ଷ ଟଙ୍କା, ରାଜ ତିନ୍ଦା ୪ ଲକ୍ଷ ଟଙ୍କା, ଗଣ୍ଡାରାମ ଶଗରିଆ ୪ଲକ୍ଷ ଟଙ୍କା, ତରୁଣ ଶଗରିଆ ୪ ଲକ୍ଷ ୩୬ ହଜାର ଟଙ୍କା, କମଳ ଶଗରିଆ ୪ଲକ୍ଷ ୩୬ ହଜାର, ସଦୁ ଶଗରିଆ ୪ ଲକ୍ଷ ୩୬ ହଜାର ଟଙ୍କା, ମହୀନ ହାତୀ ୪ ଲକ୍ଷ ୩୬ ହଜାର ଟଙ୍କା, ରୁଦ୍ରେଶ୍ୱର ବାଗ ୨ଲକ୍ଷ ଟଙ୍କା , ବସନ୍ତ ଶଗରିଆ ୪ ଲକ୍ଷ ଟଙ୍କା, ଗିତେଶ ଶଗରିଆ ୪ ଲକ୍ଷ ଟଙ୍କା, ଇଶ୍ୱର ହରିଜନ ୪ ଲକ୍ଷ ଟଙ୍କା, ଭୁବନେ ତିନ୍ଦା ୪ ଲକ୍ଷ ଟଙ୍କା, ବଳଦେଇ ସଲମା ୪ ଲକ୍ଷ, ତରୁଣ ଶଗରିଆ ୪ ଲକ୍ଷ ୩୬ ହଜାର ଟଙ୍କା, କମଳ ଶଗରିଆ ୪ ଲକ୍ଷ ୩୬ ହଜାର ଟଙ୍କା, ଧନମତି ଶଗରିଆ ୪ ଲକ୍ଷ ୩୬ ହଜାର ଟଙ୍କା, ରାଇମନ ପୋଡ ୪ ଲକ୍ଷ ୩୬ ହଜାର ଟଙ୍କା, ପରମା ପୋଡ ୪ ଲକ୍ଷ ୩୬ ହଜାର ଟଙ୍କା ଲେଖାଏଁ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି । ୨୦୨୨ ଜୁଲାଇ ୧୮ରେ ଜଳ ସମ୍ପଦ ବିଭାଗ ଚିଠିସଂଖ୍ୟା ୧୮୪୧୪ ରେ ପୁନର୍ବାସ ଓ ଥଇଥାନ ବିଭାଗ ନିର୍ଦ୍ଦେଶକ ତଥା ଜଳସମ୍ପଦ ବିଭାଗର ତତ୍କାଳୀନ ଅତିରିକ୍ତ ଶାସନ ସଚିବ ଆଲୋକ କର ଏହାର ତଦନ୍ତ କରିବାକୁ ତତ୍କାଳୀନ ଖଡ଼ିଆଳ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାର ଏକକିତା ନକଲ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରିଥିଲେ । ଏହି ନିର୍ଦ୍ଦେଶକୁ ୩ ବର୍ଷ ବିତି ଯାଇଥିଲେ ମଧ ଜିଲ୍ଲା ପ୍ରଶାସନ ବେଖାତିର କରୁଥିବା ଅଭିଯୋଗ ହୋଇଛି । ଗତ ମାର୍ଚ୍ଚ ୧ ରେ ଜିଲ୍ଲାପାଳଙ୍କ ଚିଠିସଂଖ୍ୟା ୫୦ ରେ ଉପଜିଲ୍ଲାପାଳଙ୍କୁ ତଦନ୍ତ କରି ୧୫ ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ତଦନ୍ତ ରିପୋର୍ଟ ଦେଇ ନଥିବା ଅଭିଯୋଗ ହୋଇଛି । ମୃତବ୍ୟକ୍ତି ଓ ଅଜଣା ବ୍ୟକ୍ତିଙ୍କ ନାଁରେ ଥଇଥାନ ରାଶି ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି । ଚଳିତ ବିଧାନସଭାର ପ୍ରଥମ ଦିନରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ବିସ୍ଥାପିତଙ୍କ ସମସ୍ୟାକୁ ଉପସ୍ଥାପନ କରିଥିଲେ । ଏହି ପ୍ରକଳ୍ପର ବିସ୍ଥାପିତ ମାନେ କ୍ଷତିପୂରଣ ପାଇନାହାନ୍ତି, ବିଭାଗୀୟ ସରକାରୀ ଅଧିକାରୀମାନେ ଦୁର୍ନୀତି କରିଛନ୍ତି । ରାଜ୍ୟ ସରକାର ଦୁର୍ନୀତିର ସୋସିଆଲ ଅଡ଼ିଟ କରିବେ କି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ । ଗତ ୧୯ ତାରିଖରେ ଜଳ ସମ୍ପଦ ବିଭାଗ ଚିଠିସଂଖ୍ୟା ୨୬୬୨୬ ରେ ନୂଆପଡ଼ା ଜିଲ୍ଲାପାଳ, ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ସ୍ୱତନ୍ତ୍ର ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ ଅଧିକାରୀଙ୍କୁ ଜଳସମ୍ପଦ ବିଭାଗ ଉପନିର୍ଦ୍ଦେଶକ ତଥା ଅନୁଶାସନ ସଚିବ ସତ୍ୟଜୀତ ସାହୁ ରିପୋର୍ଟ ମାଗିଛନ୍ତି । ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିସ୍ଥାପିତ ମାନେ ଦାବି କରିଛନ୍ତି ।

ବାଲୁଗାଁ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ

ଚିଲିକା/ବାଣପୁର, ୨୪/୦୯ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ କାର୍ଯ୍ୟକ୍ରମ ଅଧିକାରୀ ଡ଼କ୍ଟର କୈଳାସ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ରୀନା ରାଉତଙ୍କ ତତ୍ତ୍ୱାବଧାନରେ ଆଜି ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଡ଼କ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ମହାବିଦ୍ୟାଳୟରେ ଅୟୋଜିତ ସାତଦିନିଆ ପୂଜା ସ୍ୱତନ୍ତ୍ର ଶିବିରର ତୃତୀୟ ଦିନରେ ଜାତୀୟ ସେବା ଯୋଜନାର ୫୬ ତମ ଜନ୍ମଦିବସ ପାଳନ ଅବସରରେ ବହୁ ପ୍ରାକ୍ତନ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ । ଭାରତର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସେବା ମନୋଭାବ ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ଗଠନ ହୋଇଥିବା ଜାତୀୟ ସେବା ଯୋଜନା ଏହାର ବିବିଧ କାର୍ଯ୍ୟକ୍ରମ ଦ୍ୱାରା ସମ୍ପ୍ରତି ଦେଶର ସ୍ୱେଚ୍ଛାସେବୀ ମାନଙ୍କର ନେତୃତ୍ୱ ବିକାଶ ସହ ଅନ୍ତର୍ନିହିତ ଗୁଣବତାର ପରିସ୍ଫୁଟନ କରିପାରିଛି । ରାଜ୍ୟ ଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମରେରେ ବାଲୁଗାଁ ମହାବିଦ୍ୟାଳୟର ଅନେକ ସ୍ୱେଚ୍ଛାସେବୀ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ଏନଏସଏସର ଗାରିମାକୁ ବହୁଗୁଣିତ କରିବା ଉଦ୍ଦେଶ୍ୟରେ ମହାବିଦ୍ୟାଳୟର ରାଜ୍ୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ବକୁଳ ରଣସିଂହ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସ୍ୱେଚ୍ଛାସେବୀ ବିକ୍ରମ ବିଷୋୟୀ, ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ନବ କିଶୋର ଜାଳି, ଯଶବନ୍ତ ବେହେରା, ଶିବକୁମାର ବେହେରା, ମୋନାଲିସା ରାଉତ, ସନ୍ଧ୍ୟାରାଣୀ ବେହେରା, ସୁଗନ୍ଧରାଜ ଜେନା, ରଶ୍ମିରେଖା ବେହେରା ଯୋଗଦେଇ ନିଜର ଅତୀତ ଶିବିର ଅନୁଭୂତି ଉପସ୍ଥାପନା କରିବା ସହ ସ୍ୱେଚ୍ଛାସେବୀମାନଙ୍କୁ ସେବା ପ୍ରତି ଉତ୍ସର୍ଗୀକୃତ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସ୍ୱେଚ୍ଛାସେବୀ ମାନେ ମହାବିଦ୍ୟାଳୟରେ ବୃକ୍ଷ ରୋପଣ କରିବା ସହ ନିକଟସ୍ଥ ଜରାନିବାସରେ ବୃଦ୍ଧ ବୃଦ୍ଧାମାନଙ୍କୁ ଫଳ ବଂଟନ କରିଥିଲେ । ସ୍ୱେଚ୍ଛାସେବୀ ବିଜୟ ଲକ୍ଷ୍ମୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

କମିଲା ଜିଏସଟି ମିଳିଲା ଉପହାର ଧନ୍ୟବାଦ୍ ମୋଦୀ ସରକାର

କଳାହାଣ୍ଡି, ୨୪/୦୯ (ଆ.ପ୍ର) : କଳାହାଣ୍ଡି ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ନୂତନ କିଶୋର ପୋଡ଼ଙ୍କ ନେତୃତ୍ୱରେ ଭବାନୀପାଟଣା ସର୍କିଟ ହାଉସ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ, ଆତ୍ମ ନିର୍ଭର ଭାରତ ଅଭିଯାନର ରାଜ୍ୟ ସଂଯୋଜକ ତଥା କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଦଳ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଜିଏସଟି ହ୍ରାସ ଦ୍ୱାରା ଦେଶ ର ଆର୍ଥିକ ସୁଧାର ଉପରେ ପ୍ରଧାନମନ୍ତ୍ରୀ ଦେଇଥିବା ବାର୍ତ୍ତା ଉପସ୍ଥାପନ କରିଛନ୍ତି ଓ ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ବାସୀ ଓ ଦେଶବାସୀ ଙ୍କୁ ଦଶହରା ଓ ଦୀପାବଳୀର ଉପହାର ଭେଟି ଦେଇଛନ୍ତି ବୋଲି କହିଛନ୍ତି । ପାଣିଗ୍ରାହୀ, ପୂର୍ବରୁ ରହିଥିବା ଟ୍ୟାକ୍ସ ବ୍ୟବସ୍ଥାରେ ଜନସାଧାରଣ, ବ୍ୟବସାୟୀ, ଛାତ୍ରଛାତ୍ରୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା, ରାଜସ୍ୱ ଆଦାୟରେ ଦେଶର ଆର୍ଥିକ କ୍ଷତି ହେଉଥିଲା । ଏହାକୁ ଦେଖି କେନ୍ଦ୍ରସରକାର ଦେଶରେ ଗୋଟିଏ ଦେଶ ଗୋଟିଏ ଟେକ୍ସ ନିୟମ ଲାଗୁ କରିଥିଲେ ଓ ଏହି ନିୟମ ଅନୁଯାୟୀ ୨୦୧୬ ମସିହାରେ ପ୍ରଥମ ଥର ପାଇଁ ଦେଶରେ ଜିଏସଟି ବ୍ୟବସ୍ଥା ଆରମ୍ଭ ହେଲା । ଯାହାର ଫଳ ସ୍ୱରୂପ ଆଜି ଦେଶ ଆର୍ଥିକ ମଜବୁତ୍ ସହ ଛିଡ଼ା ହେବା ରେ ସକ୍ଷମ ହୋଇ ପାରିଛି, ବର୍ତ୍ତମାନ କ୍ଷେତ୍ରରେ ଏହାକୁ ଦୃଷ୍ଟି ରେ ରଖି କେନ୍ଦ୍ର ସରକାର ଏକ ବହୁତ୍ ବଡ଼ ପରିବର୍ତ୍ତନ ଆଣିଛନ୍ତି । ଜିଏସଟି ସ୍ଲାବ ଯାହା କି ୪ଟି ପର୍ଯ୍ୟାୟ ରେ ଲାଗୁ ହୋଇଥିଲା ଯାହା ୫%ରୁ ନେଇ ୨୮% ପର୍ଯ୍ୟନ୍ତ ରହି ଥିଲା ତାହା ବର୍ତ୍ତମାନ ହ୍ରାସ ହୋଇ ୦%ରୁ ୧୮% ରହିଛି, ଜିଏସଟି ହ୍ରାସ ଦ୍ୱାରା ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀ ଶସ୍ତା ହେବା ସହ ଗ୍ରାହକୁ ଅସ୍ୱସ୍ତି ପ୍ରଦାନ କରିଛି ବୋଲି କହିଛନ୍ତି । ବିଜେପି ଦଳ ତରଫରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମିଡିଆ ସଂଯୋଜକ ନରହରି ପଟ୍ଟନାୟକ ମଂଚ ପରିଚାଳନା କରିଥିଲାବେଳେ ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ପୂର୍ବତନ ଜିଲ୍ଲା ସଭାପତି ଭବେନ୍ଦ୍ର ପଣ୍ଡା, ଆର୍ତ୍ତ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିବ୍ୟଜ୍ୟୋତି ମୁଣ୍ଡ, ଭବାନୀପାଟଣା ନଗର ମଣ୍ଡଳ ସଭାପତି ଚିତ ରଞ୍ଜନ ପାତ୍ର, ପୂର୍ବତନ ନଗର ସଭାପତି ସନ୍ତୋଷ ବିଶି, ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ବିଜୟଦେବ ସାହୁ, ବରିଷ୍ଠ ନେତା ରୁପେଶ ଜୈନ, ପ୍ରଦୀପ ପଣ୍ଡା, ଯୁବମୋର୍ଚ୍ଚା ସମ୍ପାଦକ ମାନସ ଜେନା, ସତିଶ ବେହେରା, ରାକେଶ ଶର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ ।

ବିଧାୟକ ପାଣ୍ଠି ବିନିଯୋଗ ଦିଗରେ ଅନ୍ ଲାଇନ୍ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା, ୨୪/୦୯ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ବିଡିଓ, ସହକାରୀ ଯନ୍ତ୍ରୀ ମାନଙ୍କୁ ମାନ୍ୟବର ବିଧାୟକଙ୍କ ସୁପାରିଶ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଧାରା, ସେଗୁଡିକର ଆର୍ଥିକ ଅନୁଦାନ, ପରୀକ୍ଷଣ, ଅନୁମୋଦନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପାୱାର ପଏଂଟ ଉପକରଣରେ ପ୍ରଶିକ୍ଷଣ ଦିଆଯାଇଥିଲା । ଉକ୍ତ ବୈଠକରେ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପନିର୍ଦ୍ଦେଶକ, ଯୋଜନା ଓ ପରିସଂଖ୍ୟାନ ଶ୍ରୀ ଶଙ୍କର ବେହେରା ଯୋଗ ଦେଇଥିଲେ । ବିଧାୟକଙ୍କ ତିନି ଗୋଟି ବିଭାଗରେ ଯଥା ସାଧାରଣ, ଶିକ୍ଷା ଏବଂ ରାସ୍ତା ଜନିତ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ସୁପାରିଶ ଗୁଡ଼ିକୁ କିଭଳି ଅନଲାଇନରେ କାର୍ଯ୍ୟ ସମ୍ପାଦନ କରାଯିବ ସେ ସମ୍ବନ୍ଧରେ ବିସ୍ତୃତ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ଅନ ଲାଇନ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟଗୁଡ଼ିକ ଦ୍ରୁତ ଗତିରେ ସମ୍ପାଦିତ ହେବାସହ ସର୍ବସାଧାରଣ ଏହାର ସଫଳ ଫାଇଦା ନେଇ ପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଦଶ ଲକ୍ଷରୁ ଅଧିକ ପ୍ରକଳ୍ପ ଗୁଡ଼ିକର ସୁପାରିଶ ଆସିଲେ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବୈଷୟିକ ଅନୁମୋଦନ ଏବଂ ଜିଲ୍ଲାପାଳ ପ୍ରଶାସନିକ ଅନୁମୋଦନ କରିବେ । ଯେଉଁ ପ୍ରକଳ୍ପ ଗୁଡ଼ିକ ଗ୍ରହଣ ଯୋଗ୍ୟ ନୁହେଁ ସେଗୁଡିକୁ ଜିଲ୍ଲା ପାଳ ମାନ୍ୟବର ବିଧାୟକଙ୍କ ନିକଟକୁ ଅନଲାଇନରେ ପ୍ରେରଣ କରିବେ । ଉକ୍ତ ପ୍ରକଳ୍ପ ଗୁଡ଼ିକର ପ୍ରତ୍ୟାଖ୍ୟାନ ମାନ୍ୟବର ବିଧାୟକ କରିବେ । ଏଥି ସହ ବିଡିଓ ଏବଂ ସହକାରୀ ଯନ୍ତ୍ରୀ ମାନଙ୍କ ସ୍ତରରେ ଅନଲାଇନ୍ କାର୍ଯ୍ୟକ୍ରମ ସମ୍ପାଦନ ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ବୈଠକରେ ସମସ୍ତ ବିଡିଓ, ସମସ୍ତ ସହକାରୀ ଯନ୍ତ୍ରୀ, ବୈଷୟିକ ପରାମର୍ଶଦାତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଏବଂ ଯୋଜନା ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ ।

ଉପଭୋକ୍ତା ଗ୍ରାହକ ମହାସଂଘତରଫରୁ ନୂଆପଡ଼ାରେ ଟେଲିକମ୍ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ନୂଆପଡା, ୨୪/୦୯ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସଦର ସ୍ଥିତ ନ୍ୟାସନାଲ୍ କଲେଜରେ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (TRAI) ସହିତ ଜଡିତ ଉପଭୋକ୍ତା ଗ୍ରାହକ ମହାସଂଘ (FOCO ଓଡ଼ିଶା) ତରଫରୁ ଟେଲିକମ୍ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଉଲଟ ଅନୁଷ୍ଠିତ ହୋଇଯାଇଛି । ଜୋନାଲ୍ ସଭାପତି FOCO ଓଡ଼ିଶା, ପି. କାମେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କର୍ମଶାଳାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ହିତେଶ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଏବଂ ସମ୍ମାନିତ ଅତିଥି ଭାବରେ ବି.ସି. ମିଶ୍ର ଏବଂ ପ୍ରକାଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଗ୍ରାହକ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଭଇଏ (କନ୍ଜ୍ୟୁମର ଆଡଭୋକେସି ଗ୍ରୁପ୍) ପକ୍ଷରୁ ଏହି ଭଳଟ ଆୟୋଜନ କରିଥିବା ପି. କାମେଶ୍ୱର ରାଓ, TRAI ର ନିୟମ ଏବଂ ନିୟମାବଳୀ ଜାଣିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମୋବାଇଲ୍ ସେବା ପ୍ରଦାନକାରୀ ସଂସ୍ଥା ମାନଙ୍କ ଦ୍ୱାରା ସାମଗ୍ରିକ ଭାବରେ ଗ୍ରାହକଙ୍କୁ ପ୍ରଦାନ କରାଯାଉଥିବା ସେବା ଉପରେ ଶୋଷଣ, ଅନଧିକାର ହସ୍ତକ୍ଷେପକୁ ରୋକିବା ପାଇଁ ଜନ ସାଧାରଣଙ୍କୁ ଜାଗ୍ରତ କରାଯିବ । ଆମର ନିୟମିତ ଦୈନନ୍ଦିନ ଜୀବନରେ ବ୍ୟକ୍ତି, ସଂଗଠନ, ପ୍ରତିଷ୍ଠାନ ଦ୍ୱାରା ଗ୍ରାହକଙ୍କ ଅଭିଯୋଗ ସମସ୍ୟାପ୍ରତିକାର କିପରି କରାଯାଏ, ଏପରି ସାଇବର ଅପରାଧକୁ ରୋକିବା ପାଇଁ ଗ୍ରାହକ ସଚେତନତା ଉପରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା ସାଇବର୍ କ୍ରାଇମ୍‌କୁ ରୋକିବା ପାଇଁ ସାଇବର୍ ହାଇଜିନ୍ ବିଷୟରେ ସମସ୍ତଙ୍କ ଜାଣିବା ପାଇଁ ଆବଶ୍ୟକ ସୂଚନା ପ୍ରଦାନ କରାଯାଇଥିଲା । "DND" APP ର ବ୍ୟବହାର ଏବଂ ଆର୍ଥିକ ଠକେଇ , ସାଇବର୍ କ୍ରାଇମ୍ ରେ ପୀଡ଼ିତ ବ୍ୟକ୍ତି ହେଲ୍ପ ଲାଇନ୍ ନମ୍ବର୍ ୧୯୩୦କୁ ଯୋଗାଯୋଗ କରି ପାରିବେ କିମ୍ବା https://www. cybercrime. gov.in ରେ ଅଭିଯୋଗ ଦରଜ କରି ପାରିବେ । ଏହି ସବୁ ଉପାଦେୟ ତଥ୍ୟ ଛାତ୍ର ଛାତ୍ରୀ ମାନେ ବହୁ ଉତ୍ସୁକତାର ସହିତ ଗ୍ରହଣ କରିଥିଲେ । ଏହି ଉପଯୋଗୀ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିବା ଅଧ୍ୟକ୍ଷ, ଅତିଥି ଏବଂ ଛାତ୍ରଛାତ୍ରୀମାନଙ୍କୁ ଫୋକୋ ତରଫରୁ ଶ୍ରୀ ପରମେଶ୍ୱର ଧନ୍ୟବାଦ ଜଣାଇ କୃତଜ୍ଞତା ଜ୍ଞାପନ କରିଥିଲେ ।

ବିଭିନ୍ନ ସ୍ୱାସ୍ଥ୍ୟ ଅଗ୍ରଣୀ ଯୋଜନା ସମୀକ୍ଷା ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା, ୨୪/୦୯ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଗ୍ରଣୀ ସ୍ୱାସ୍ଥ୍ୟ ଯୋଜନା ସମୀକ୍ଷା ସହ ପିସିପି ଏନଡିଟି ଆକ୍ଟ ପରାମର୍ଶ ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନାଦି ଚରଣ ସେଠୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇ ଥିଲେ । ଜିଲ୍ଲାପାଳ ଶ୍ରୀ ଋତୁରାଜ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନ ବୟୋ ବନ୍ଦନା ସ୍ୱାସ୍ଥ୍ୟ କାର୍ଡ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବଂଟନର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିବା ସହ ଜନ୍ମରୁ ପାଂଚବର୍ଷ ଶିଶୁ ମାନଙ୍କୁ ପଲ୍ସ ପୋଲିଓ ଟିକା ଖୁଆଇବା ଉପରେ ସମୀକ୍ଷା କରିଥିଲେ । ଆସନ୍ତା ଅକ୍ଟୋବର ୧୨,୧୩, ୧୪ତାରିଖରେ ଶୂନରୁ ପାଂଚ ବର୍ଷ ଶିଶୁ ମାନଙ୍କୁ ଦୁଇ ବୁନ୍ଦା ପୋଲିଓ ଟୀକା ପ୍ରଦାନ କରାଯିବ । ଜିଲ୍ଲାରେ ୧ ଲକ୍ଷ ୨୫ ହଜାର ୭୪୪ ଶିଶୁଙ୍କୁ ଟୀକା ପ୍ରଦାନ କରାଯିବ ଏବଂ ଏହି କାର୍ଯ୍ୟ ସମ୍ପାଦନ ପାଇଁ ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନୱାଡ଼ି ଦିଦିଙ୍କୁ ନେଇ ୨୪୮୦ କର୍ମଚାରୀ ନିଯୁକ୍ତ ହୋଇଛନ୍ତି । ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ବୟୋବନ୍ଦନା କାର୍ଡ ୭୦ ବର୍ଷରୁ ଉର୍ଦ୍ଧ୍ୱ କେତେ ପାଇଛନ୍ତି ଏବଂ କେତେ ପାଇବାକୁ ଅଛନ୍ତି ତାହାର ତାଲିକା ବି ଡି ଓ ମାନଙ୍କ ସହଯୋଗରେ ବୁଥ ସ୍ତରୀ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶଦେଇଥିଲେ । ଜିଲ୍ଲାର ସମସ୍ତ ୧୯ ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା ମାନଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କରାଯିବାକୁ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ବୟୋବନ୍ଦନା କାର୍ଡ ୧୭.୦୭.୨୦୨୫ ରିଖ ସୁଦ୍ଧା ୭ ଲକ୍ଷ ୮୯ ହଜାର ୩୧୧ ମିଳିଥିବା ବେଳେ ୫ ଲକ୍ଷ ୧୧ ହଜାର ୪୫୨ କାର୍ଡ ବଂଟନ କରାଯାଇଅଛି । ଅବଶିଷ୍ଟ କାର୍ଡ ବଂଟନ ତୁରନ୍ତ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର nqas ମାନ୍ୟତା ପାଇଁ ଜୁଲାଇ ୨୦୨୫ ସୁଦ୍ଧା ୧୬୧ ଲକ୍ଷ୍ୟଧାର୍ଯ୍ୟ ଥିବା ବେଳେ ୪୭ ଶତକଡା ସଫଳତା ମିଳିଛି । ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରଙ୍ଗ ଦେବା, ବ୍ରାଣ୍ଡିଂ ବା ଏକ ବୈଶିଷ୍ଟ୍ୟ ସୃଷ୍ଟି କରିବା, ବିଜୁଳି ଆଲୋକ, ଅନ୍ତଃର୍ବିଭାଗ ଶୌଚାଳୟ କୁ ଉତ୍ତମ ରୂପେ ପ୍ରସ୍ତୁତ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ କ୍ଷ ସେହିପରି ଜିଲ୍ଲାରେ ଯକ୍ଷ୍ମା ରୋଗ,ନାଟ ପରୀକ୍ଷା ୧୮୨୧ ଜଣଙ୍କର ପରୀକ୍ଷା କରାଯାଇ ଭୁବନେଶ୍ୱର ଅଂଚଳରେ ଶତକଡା ଶତ ପ୍ରତିଶତ ସଫଳତା ହାସଲ ମିଳିଛି । ଜିଲ୍ଲାରେ ୪୫୩ ଆଲଟ୍ରା ସାଉଣ୍ଡ କେନ୍ଦ୍ର ଥିବା ବେଳେ ୭୧ ଗୋଟି କାର୍ଯ୍ୟକ୍ଷମ, ନୂତନ ଭାବେ ଖୋଲିବା ପାଇଁ ୬ଗୋଟି ଦରଖାସ୍ତ ଏବଂ ନବୀକରଣ ପାଇଁ ୪ ଗୋଟିର ଦରଖାସ୍ତ ମିଳିଛି । ଜିଲ୍ଲାରେ ଅଲଟ୍ରା ସାଉଣ୍ଡ ଗୁଡ଼ିକ ଉପରେ ତହସିଲଦାରଙ୍କ ନେତୃତ୍ୱରେ ମେଡିକାଲ ଅଫିସର ମାନେ ଅଚାନକ ଚଢାଉ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଠାରୁ ୧୦୦ ମିଟର ଦୂରତା ମଧ୍ୟରେ କୌଣସି ତମାଖୁ ଦୋକାନ ଯେପରି ନ ରୁହେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସରପଂଚ ମାନେ ତମାଖୁ ମୁକ୍ତ ଗ୍ରାମ ପଂଚାୟତ ପାଇଁ ଉଦ୍ୟୋଗ କରିବା ସହ ତମାଖୁ ନିଷେଧ ଧାରା ୫, କୋଟପା ଧାରା ୭ ପାଳନ କରିବାସହ, ପରିବହନ ବିଭାଗ, କୃଷି ବିଭାଗ, ସହରାଂଚଳ ବିକାଶ ବିଭାଗ ଆଦି ପ୍ରମୁଖ ବିଭାଗ ଅଧିକାରୀ ମାନେ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ଜିଲ୍ଲାପା ଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ, ପରିବାର କଲ୍ୟାଣ, ଡାକ୍ତର ପିକେ ସାହୁ, ସମସ୍ତ ବ୍ଲକର ବିଡିଓ, ସ୍ତ୍ରୀ ରୋଗ ଏବଂ ପ୍ରସୂତି ଡାକ୍ତର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ସଂପୃକ୍ତ ଡାକ୍ତର ଓ ବୈଷୟିକ କର୍ମକର୍ତ୍ତା ଯୋଗ ଦେଇଥିଲେ ।

ଆଧାତ୍ମିକ ପ୍ରବକ୍ତା ଗଗନ ଗୁରୁଜୀଙ୍କ ପଦାସାହି ଅସ୍ଥାୟୀ ଶ୍ରୀରାମ ମନ୍ଦିରରେ ପ୍ରବଚନ

ଜି.ଉଦୟଗିରି, ୨୪/୦୯ (ଆ.ପ୍ର) : ଜି.ଉଦୟଗିରି ନିକଟସ୍ଥ ପଦାସାହି ଜକଟିପାଙ୍ଗା ପାହାଡ଼ ଠାରେ ଥିବା ଅସ୍ଥାୟୀ ଶ୍ରୀରାମ ମନ୍ଦିରରେ ବୁଧବାର ଦିନ ଟେଲିଭିଜନ ଜଗତର ଆଧାତ୍ମିକ ପ୍ରବକ୍ତା ଗଗନ ଗୁରୁଜୀ ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗାଯୋଗ ଦେଇ ଜୀବନ ବଂଚିବାର ସୂତ୍ର ପ୍ରଦାନ କରିଛନ୍ତି । ଶ୍ରୀରାମ ମନ୍ଦିର ପରିଚାଳନା କମିଟି ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ଭଗବତ କୃପା ଲାଭ କରିଥିଲେ । ସମାଜକୁ ସଂସ୍କାରିତ, ନିଶା ନିବାରଣ, ବୃକ୍ଷ ରୋପଣ, ବିଜ୍ଞାନକୁ ନେଇ ଆଧାତ୍ମିକ, ସମାଜରୁ କୁସଂସ୍କାର ଦୂର କରିବାରେ ପ୍ରମୁଖ ଭୂମିକା ନେଇଥିବା ଗଗନ ଗୁରୁଜୀ ଜୀବନ କିପରି ଜାଣିଲେ ବହୁତ ସୁନ୍ଦର ଏବଂ ମହାନ ହୋଇପାରେ । ସବୁ ସମସ୍ୟାର ସମାଧାନ ମଣିଷ ପାଖରେ ହିଁ ଅଛି । କେବଳ ଦୃଢ଼ ଇଚ୍ଛା ଶକ୍ତି ଏବଂ ସତ କର୍ମ ଦ୍ୱାରା ଏହା କରି ହେବ ବୋଲି ମାର୍ଗ ଦର୍ଶନ କରିଛନ୍ତି । ଏହା ସହିତ ନିର୍ମାଣ ହେବାକୁ ଥିବା ଏହି ଶ୍ରୀରାମ ମନ୍ଦିର କନ୍ଧମାଳ ଜିଲ୍ଲାର ଏକ ପ୍ରମୁଖ ଦର୍ଶନୀୟ ସ୍ଥାନ ହେବା ସହିତ ଏହା ଦିବ୍ୟ ମନ୍ଦିର ହେବ ଏବଂ ଏହାର ପ୍ରତିଷ୍ଠା ଏମିତି ହେବ ଯାହାକୁ ସାରା ଓଡ଼ିଶା ଦେଖିବ ବୋଲି କହିଛନ୍ତି ।

ସେଇଠୁ ଆରମ୍ଭ
SEITHO ARAMBHA

ପରସ୍ପର ଦୋଷାରୋପ ରାଜନୀତି ଭିତରେ ରାଜ୍ୟରେ ନାରୀ ସୁରକ୍ଷା ବଳି ପଡିନଯାଉ : ସୁବାସିନୀ ଜେନା

ବାଲେଶ୍ୱର, ୨୪/୦୯ (ଆ.ପ୍ର) : ଚଳିତ ବିଧାନସଭାର ବୁଧବାର ଦିନ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟରେ ନାରୀ ନିର୍ଯାତନା ଏବଂ ସୁରକ୍ଷା ପ୍ରସଙ୍ଗ ଉପରେ ଆଗତ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନାରେ ଅଂଶଗ୍ରହଣ କରି ବସ୍ତାର ବିଧାୟିକା ସୁବାସିନୀ ଜେନା କହିଥିଲେ ଯେ ପରସ୍ପର ଦୋଷାରୋପ ରାଜନୀତି ଭିତରେ ରାଜ୍ୟରେ ନାରୀ ସୁରକ୍ଷା ବଳି ପଡିନଯାଉ । ଏହି କାଦୁଅ ଫିଙ୍ଗା ଭିତରେ ଜଣେ ସାଧାରଣ ନାରୀଟିଏ ନିଷ୍ପେସିତ ହେଉଛି ବା ନିର୍ଯାତିତ ହେଉଛି ତେଣୁ ଏ ବାବଦରେ ଗଭୀର ଭାବେ ଚିନ୍ତା କରିବାର ସମୟ ଆସିଛି । ସରକାରଙ୍କୁ ମୋର ପରାମର୍ଶ ରହିବ ଏ ବିଷୟକୁ ଗୁରୁତର ସହିତ ନେଇ ଖୋଦ୍ ମୁଖ୍ୟମନ୍ତ୍ରୀ ଗୋଟିଏ ସର୍ବଦଳୀୟ ବୈଠକ ଡାକନ୍ତୁ ଓ ସେହି ବୈଠକର ବରିଷ୍ଠ ପୋଲିସ ଅଧିକାରୀ ମାନଙ୍କୁ ଏବଂ ମହିଳା ସାମାଜିକ କର୍ମୀ ମାନଙ୍କୁ ସଂପୃକ୍ତ କରାଯାଉ । ସେହି ବୈଠକରେ ରାଜ୍ୟର ମହିଳା ମାନେ ଆଗାମୀ ଦିନରେ କିଭଳି ସୁରକ୍ଷିତ ରହିବେ ସେ ବାବଦରେ ବିଚାର ବିମର୍ଶ ବା ଆଲୋଚନା କରାଯାଉ । ଆଉ ଗୋଟେ କଥା ଉପରେ ମୁଁ ଦୃଷ୍ଟି ଆକର୍ଷଣ ନିଶ୍ଚିତ କରିବି ଯେ ଭାରତ ବର୍ଷରେ ଅନ୍ୟକିଛି ରାଜ୍ୟ ଯଥା ତେଲେଙ୍ଗାନା, କେରଳକୁ ଏ ଦିଗରେ ବେଶ୍ ସଫଳତା ହାସଲ କରିଛନ୍ତି । ତେଣୁ ଆମ ରାଜ୍ୟରୁ ଗୋଟିଏ ଟିମ୍ ତେଲେଙ୍ଗାନା ଏବଂ କେରଳକୁ ଯାଇ ଏ ଦିଗରେ ସେମାନଙ୍କ ପଦକ୍ଷେପ ସମ୍ବନ୍ଧରେ ଜାଣନ୍ତୁ ଏବଂ ତାହା ଆମ ମା' ଭଉଣୀ ଓ ଝିଅ ମାନଙ୍କ ବାବଦରେ

ସହାୟକ ହେବ । ବିଧାୟିକା ଜେନା କହିଥିଲେ ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଦେଶର ସର୍ବୋଚ୍ଚ ପଦବୀରେ ମହିଳା ଭାବେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ, ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ସେହିଭଳି ଆମ ରାଜ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭାବରେ ନନ୍ଦିନୀ ଶତପଥୀ, ବର୍ତ୍ତମାନର ଉପ ମୁଖ୍ୟମନ୍ତ୍ରୀ ଭାବେ ପ୍ରଭାତୀ ପରିଡା, ପୂର୍ବତନ ବାଚସ୍ପତି ଭାବରେ ପ୍ରମିଳା ମଲ୍ଲିକ ଏବଂ ବର୍ତ୍ତମାନର ବାଚସ୍ପତି ଭାବରେ ସୁରମା ପାଢ଼ୀ ପ୍ରମୁଖ ଅଧିଷ୍ଠିତ ହୋଇଛନ୍ତି । କିନ୍ତୁ ସମସ୍ତ ପ୍ରଚେଷ୍ଟା ପରେ ମଧ୍ୟ ଆମ ସମାଜର ମହିଳା ମାନେ ଶୋଷଣର ଶିକାର ହେଉଛନ୍ତି । ୨୦୧୨ ମସିହାରେ ଦିଲ୍ଲୀରେ ଚଳନ୍ତା ବସରେ ଯେଉଁଭଳି ଜଘନ୍ୟ ଭାବରେ ନିର୍ଭୟାଙ୍କୁ ହତ୍ୟା କରାଗଲା ସେତେବେଳେ ତାହା ସମସ୍ତ ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଥିଲା । ଭାରତ ସରକାର ଏବାବଦରେ ବିଭିନ୍ନ ପଦକ୍ଷେପ ନେବା ସହିତ ୧୦୦୦କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ । କିନ୍ତୁ ଭାରତ ବର୍ଷରେ ଅନ୍ୟ ରାଜ୍ୟରେ ଶତକଡ଼ା ୭୬ପ୍ରତିଶତ ଖର୍ଚ୍ଚ ହୋଇପାରୁଥିବା ବେଳେ ଓଡ଼ିଶାରେ ତାହା ୨୫ପ୍ରତିଶତରୁ କମ ନିର୍ଭୟ ପାଣ୍ଠି ରହିଛି । ଖୋଦ୍ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥ୍ୟ ରଖିଛନ୍ତି ଯେ ଗତ ୧୪ ମାସ ମଧ୍ୟରେ ଓଡ଼ିଶାରେ ୩୭ହଜାର ରୁ ଉର୍ଦ୍ଧ୍ୱ ଅପରାଧ ମହିଳାଙ୍କ ବିରୁଦ୍ଧରେ ହୋଇଛି । ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ ଅନୁସାରେ ଓଡ଼ିଶାରେ ସର୍ବାଧିକ ସାଇବର କ୍ରାଇମ ମହିଳାଙ୍କ ବିରୁଦ୍ଧରେ ହୋଇଛି । ସମଗ୍ର ଦେଶରେ ଓଡ଼ିଶାରୁ ସର୍ବାଧିକ ମହିଳାଙ୍କୁ ବାହାରକୁ ଚାଲାଣ କରାଯାଇଛି । ଏହା ଆମ ସମସ୍ତଙ୍କ ପାଇଁ ଉଦବେଗର ବିଷୟ, ବିଶେଷକରି ମୁଁ ଜଣେ ଏହି ଗୃହର ମହିଳା ସଦସ୍ୟା ଭାବରେ ଏହି ବାବଦରେ ଅତ୍ୟନ୍ତ ବିବ୍ରତ ଏବଂ ଚିନ୍ତିତ ମଧ୍ୟ । ଯଦି ଆମେ ଗତ ବର୍ଷେ ଭିତରେ ସମସ୍ତ ତଥ୍ୟକୁ ଅନୁଧ୍ୟାନ କରିବା ଗତ ୧୪ ଜୁଲାଇ ୨୦୨୫ ଫକୀର ମୋହନ କଲେଜ ଘଟଣା ସମଗ୍ର ଦେଶକୁ ଦୋହଲାଇ ଦେଇଛି । ସେମିତି ଅଗଷ୍ଟ ୨୦୨୫ରେ ବଲାଙ୍ଗୀର ନିରୀହ ଝିଅର ମୃତ୍ୟୁ , ଅଗଷ୍ଟ ୨୨ରେ ଜଣେ ଛୋଟ ଝିଅର ଗଳାକାଟି ହତ୍ୟା କରାଯାଇଛି, ଅଗଷ୍ଟ ୨୦୨୫ରେ ବାଲେଶ୍ୱର ଭୋଗରାଇର ଜଣେ ୨୧ବର୍ଷ ଝିଅକୁ ଗଣଦୁଷ୍କର୍ମ କରାଗଲା, ଦୋଷୀ ଏପର୍ଯ୍ୟନ୍ତ ଗିରଫ ହେଲାନାହିଁ । ସେହିପରି ସେପ୍ଟେମ୍ବର ୨୦୧୫ ରେ ପୁରୀ ବେଳାଭୂମି ରେ ୧୯ବର୍ଷର ଝିଅକୁ ଦୁଷ୍କର୍ମ, ବଲାଙ୍ଗୀର ଠାରେ ଆଉ ଏକ ଦୁଷ୍କର୍ମ ଏହିଭଳି ଭାବରେ ନାରୀ ଉପରେ ଅତ୍ୟାଚାର ବଢ଼ି ବଢ଼ି ଚାଲିଛି, ଆମେ ଏଥିରେ ନୀରବ ଦ୍ରଷ୍ଟା ସାଜିଛୁ । ଯେଉଁ ମହିଳା ଶିକାର ହେଉଛି ସେ ପାଉଛି କଣ । ଆଜି ଜଣେ ମହିଳା ପୋଲିସ ଷ୍ଟେସନ ଗଲେ ଥାନାରୁ ନ୍ୟାୟ ପାଉନାହିଁ ବିଶେଷ ଭାବରେ ମୁଁ ମୋ ନିର୍ବାଚନ ମଣ୍ଡଳୀ କଥା କହିବି, ବସ୍ତା ନିର୍ବାଚନ ମଣ୍ଡଳୀରେ ବସ୍ତା ଓ ବାଲିଆପାଳ ଦୁଇଟି ପୋଲିସ ଷ୍ଟେସନ ଅଛି । ସେଠାରେ ମହିଳାଟିଏ ଗଲେ ନ୍ୟାୟ ପାଉନାହିଁ । ଏହା ଆମ ସମସ୍ତଙ୍କର ଚିନ୍ତା କରିବାର ବିଷୟ ହେଇଛି । ମୁଁ ଯେହେତୁ ବ୍ୟାସକବି ଫକୀର ମୋହନଙ୍କ ମାଟିରୁ ଆସିଛି ଏବଂ ତାଙ୍କ ରଚିତ ଛଅ ମାଣ ଆଠଗୁଣ୍ଠ ଉପନ୍ୟାସରେ ଝିଅ ମାନଙ୍କ ବିଷୟରେ ଲେଖିଥିଲେ ଯେ, ଘରର ଝିଅମାନେ ହେଲେ ସଂସ୍କାରି, ଦୟାଳୁ ଏବଂ ଦୟାର ପ୍ରତିରୂପ ତା ଅର୍ଥ ନୁହେଁ ଯେ ନାରୀ ମାନେ ସବୁବେଳେ ନିର୍ଯାତିତ ହେଉଥିବେ ଏବଂ ଶୋଷିତ ହେଉଥିବେ ବା ଶୋଷଣ ପରିସର ଭିତରକୁ ଯାଉଥିବେ । ଆଉ ଗୋଟେ କଥା ମୁଁ ନିଶ୍ଚିତ ଭାବେ ଏ ଗୃହରେ ଉପସ୍ଥାପନା କରିବି ଏବଂ ଆଶା କରୁଛି ସରକାର ବିଶେଷ ଭାବରେ ଏ ଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବେ । ଆସନ୍ତା ପାର୍ବଣ ଋତୁକୁ ବିଶେଷ ଭାବେ ମହିଳାଙ୍କ ପାଇଁ ଭୟମୁକ୍ତ ଉତ୍ସବ କରିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ । ମହିଳାଙ୍କ ମନଭିତରେ ଦୁଃଖ, କଷ୍ଟ ଏବଂ କୋହ ବଢି ଚାଲିଛି ଏବଂ ଏହାକୁ ଯଦି ତୁରନ୍ତ ସମାଧାନ କରାନଯାଏ, ମହିଳା ମାନେ ଆସନ୍ତାକାଲି ରାଜରାସ୍ତାକୁ ନ ଓହ୍ଲାଇବେ ତାହା ଏଡାଇ ଦିଆଯାଇ ନପାରେ । ତେଣୁ ଆସନ୍ତା ଦିନରେ ଆମ ଓଡ଼ିଶାର ମା ଭଉଣୀ ଏବଂ ନାରୀ କିଭଳି ସୁରକ୍ଷିତ ରହିବେ ସେ ଦିଗରେ ସରକାରଙ୍କୁ ବିଶେଷ ଧ୍ୟାନ ଦେବାକୁ ପଡ଼ିବ ବୋଲି ବିଧାୟିକା ଜେନା କହିଥିଲେ ।

ସେବାପକ୍ଷ ଅନ୍ତର୍ଗତ ସ୍ୱଚ୍ଛତା ଅଭିଯାନ

ବାଲେଶ୍ୱର, ୨୪/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଦେଶବ୍ୟାପୀ ଚାଲୁଥିବା ସେବା ପକ୍ଷରେ ଆଜି ବାଲେଶ୍ୱର ନଗର ଝାଡେଶ୍ୱର ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ସୁଧାଂଶୁ ଶେଖର ପଣ୍ଡାଙ୍କ ନେତୃତ୍ୱରେ ବାଲେଶ୍ୱର ଲକ୍ଷ୍ମୀନାରାୟଣ ମନ୍ଦିର ଓ ଚତୁର୍ପାଶ୍ୱରେ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଅଳିଆ ଆବର୍ଜନା ସଫା କରିବା ସହିତ ଅଂଚଳକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାପତି ସୁଷମାରାଣୀ ବିଶ୍ୱାଳ, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ପ୍ରବିର କୁମାର ଦାଶ, ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ପୂର୍ବତନ ନଗର ସଭାପତି ଚିତରଞ୍ଜନ ପଣ୍ଡା, ଶୈଳେନ୍ଦ୍ର ପ୍ରସାଦ ଦାସ, ରାଜେନ୍ଦ୍ର ଚାଟାର୍ଜୀ, ଜିତେନ୍ଦ୍ର ପ୍ରହରାଜ, ଜିତେନ୍ଦ୍ର ପରମାଣିକ, ବିନୋଦ ବିହାରୀ ପଣ୍ଡା, ପ୍ରତାପ ପ୍ରଧାନ, ସୁରଜ ବିଶାଳ,ପ୍ରତାପ ମହାନ୍ତି, ରଞ୍ଜନ ଦାସ, ସୌମ୍ୟ ଶଙ୍କର ଦାସ, ପଦ୍ମିନୀ ଅଧିକାରୀ, ପ୍ରଶାନ୍ତ ପାତ୍ର, ଉଦୟ କୁମାର ସାହୁ, ମିନତି ଅପା, ମାନସ ମହାନ୍ତି, ମୁନ୍ନା ଭାଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ମତ୍ସ୍ୟଜୀବୀ ମାନଙ୍କୁ ମିଳିଲା ଲାଇଫ ଜ୍ୟାକେଟ, ଲାଇଫ ବୟ ସାମଗ୍ରୀ ବଂଟନରେ ଅନିୟମିତତା ଅଧିକାରୀଙ୍କୁ ଘେରିଲେ ମତ୍ସ୍ୟଜୀବୀ

ବାଲିଆପାଳ, ୨୪/୦୯ (ଆ.ପ୍ର) : ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବାଲିଆପାଳ ସାମୁଦ୍ରିକ ସଂପ୍ରସାରଣ ଅଧିନରେ ମତ୍ସ୍ୟଜୀବୀ ମାନଙ୍କୁ ଜୀବନ ରକ୍ଷାକାରୀ ଉପକରଣ ଯଥା ଲାଇଫ ବୟ ଓ ଲାଇଫ ଜ୍ୟାକେଟ ଶନିବାର ମଧ୍ୟାହ୍ନରେ ତଲମୁଖ ବେଳାଭୂମିରେ ବଂଟନ କରାଯାଇଛି । ଉକ୍ତ ସାମଗ୍ରୀ ବଂଟନ ପାଇଁ ବାଲିଆପାଳ ମତ୍ସ୍ୟ ବିଭାଗର ସାମୁଦ୍ରିକ ସଂପ୍ରସାରଣ ଅଧିକାରୀ କ୍ଷୀରୋଦ କୁମାର ରାଉତ ଆସିଥିଲେ । ବଂଟନର ଅନିୟମିତତା ଅଭିଯୋଗ କରି ସ୍ଥାନୀୟ ମତ୍ସ୍ୟଜୀବୀ ହୋହାଲ୍ଲା କରିଥିଲେ ତେଣୁ ହରଡଘଣାରେ ପଡ଼ିଥିଲେ ଅଧିକାରୀ । ଯାହା ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ଯୁବସଭାପତି ତୀର୍ଥ କୁମାର ନାଗ ପହଂଚି ଥିଲେ ଏବଂ ଅଧୀକାରୀଙ୍କ ସହିତ କଥା କଟାକଟି ହେବାରୁ ଜଣା ପଡିଥିଲା ବାଲିଆପାଳ ସାମୁଦ୍ରିକ ମତ୍ସ୍ୟ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଛି । ସୂଚନାରୁ ପ୍ରକାଶ ୨୦୨୩ - ୨୦୨୪ ବର୍ଷ ପ୍ରଧାନମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ନୂଆ ବୋଟ, ଇଞ୍ଜିନ ଓ ଜାଲ ପାଇଁ ବାଲିଆପାଳ ବ୍ଲକରୁ ୨୭ ଜଣ ହିତାଧିକାରୀ ଆବେଦନ କରିଥିଲେ । ସେଥିମଧ୍ୟରୁ ପ୍ରତି ବ୍ଲକରେ ଛଅ ଜଣଙ୍କୁ ଦେବେ ବୋଲି ଘୋଷଣା କରାଯାଇଥିଲା । ମାତ୍ର ବାଲିଆପାଳ ବ୍ଲକରେ ହିତାଧିକାରୀ ଚୟନର ବ୍ୟତିକ୍ରମ ଯୋଗୁଁ ବାଦ ପଡ଼ିଥିଲେ ହିତାଧିକାରୀ । ବିଭାଗୀୟ ଅଧିକାରୀ ଙ୍କର ଖାମଖିଆଲି ମନୋଭାବ ଯୋଗୁଁ ଯୋଜନାରୁ ବଂଚିତ ଥିବା ହିତାଧିକାରୀ ମାନେ ମତ୍ସ୍ୟ ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ଘେରିଥିଲେ । ଏହା ବ୍ୟତିତ ନୂଆ ଯନ୍ତ୍ର ଚାଳିତ ଡଙ୍ଗା ପଂଜିକୃତ ପାଇଁ ବାରମ୍ବାର ଅଧିକାରୀଙ୍କୁ କହିବା ପରେ ମଧ୍ୟ କିଛି ଲାଭ ହେଉନାହିଁ କି ଅଫିସରେ ଅଧିକାରୀଙ୍କ ଦେଖା ମଧ୍ୟ ମିଳେନାହିଁ ବୋଲି ମତ୍ସ୍ୟଜୀବୀ ମାନେ ଅଭିଯୋଗ କରିଛନ୍ତି ତଲମୁଖ ବେସରେ ୬୪ ଟି ଡଙ୍ଗାରହିଥିବା ବେଳେ ଅଧିକାରୀ ୧୪ ଟି ଡଙ୍ଗା ପାଇଁ ଜୀବନ ରକ୍ଷା ଉପକରଣ ବାଂଟିବା ପାଇଁ ଯାଇଥିଲେ । ଯାହାକି ସମୁଦ୍ରକୁ ଶଙ୍ଖେ । ଅନ୍ୟ ୫୦ ଡଙ୍ଗାରେ ଉକ୍ତ ଉପକରଣ ମତ୍ସ୍ୟଜୀବୀ ନପାଇବା ,୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ପଂଜିକରଣ ହୋଇଥିବା ଡ଼ଙ୍ଗା ମାଲିକ ନାଁରେ ନ ଆସି ୬ ମାସ ପଂଜିକୃତ କରିଥିବା ଡଙ୍ଗାର କେମିତି ଲିଷ୍ଟ ଆସିଛି ବୋଲି ମତ୍ସ୍ୟଜୀବୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହା ବାବଦରେ ଜାଣିନାହାନ୍ତି ବୋଲି ଅଧିକାରୀ କ୍ଷୀରୋଦ ରାଉତ କହିଛନ୍ତି । ପରେ ତଲମୁଖ ସରପଂଚଙ୍କ ପ୍ରତିନିଧି ବେଣୁଧର ରଣଜିତ, ସନ୍ତୋଷିମା ମତ୍ସ୍ୟଜୀବୀ ସମବାୟ ସମିତିର ସମ୍ପାଦକ ନାରାୟଣ ବେହେରାଙ୍କ ଉପସ୍ଥିତିରେ ୧୪ ଟି ଡଙ୍ଗା ପାଇଁ ଜୀବନ ରକ୍ଷା ଉପକରଣ ବଂଟନ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୫୦ ଟି ବଂଟନ କରିଯିବ ବୋଲି ଅଧିକାରୀ କହିଛନ୍ତି । ମତ୍ସ୍ୟ ବିଭାଗର ଏଭଳି ଦୁର୍ନୀତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦୃଷ୍ଟି ଦେବାକୁ ଦାବି କରିଛି ମତ୍ସ୍ୟଜୀବୀ ସଂଘ ।

ଆନ୍ତଃ- ମହାବିଦ୍ୟାଳୟ ପୁରୁଷ କବାଡ଼ି ପ୍ରତିଯୋଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଦଳ ଉପବିଜେତା

ବାଲେଶ୍ୱର/ନୀଳଗିରି, ୨୪/୦୯ (ଆ.ପ୍ର) : ଚରମ୍ପା ମହାବିଦ୍ୟାଳୟ, ଭଦ୍ରକରେ , ୨୩ ସେପ୍ଟେମ୍ବର ୨୦୨୫ରେ ଆୟୋଜିତ ଆନ୍ତଃ- ମହାବିଦ୍ୟାଳୟ ସ୍ତରୀୟ ପୁରୁଷ କବାଡ଼ି ପ୍ରତିଯୋଗିତା ୨୦୨୫-୨୬ ରେ

ଫକୀରମୋହନ ବିଶ୍ୱବିଦ୍ୟାଳୟର ପି.ଜି. କାଉନ୍ସିଲ୍ ଟିମ୍ ଶୃଙ୍ଖଳାବଦ୍ଧତା ଓ କୌଶଳମୟ ଖେଳ ପ୍ରଦର୍ଶନ କରି ଉପବିଜେତା ସ୍ଥାନ ଅଧିକାର କରିଛନ୍ତି । ପ୍ରତିଯୋଗିତାରେ ଅଂଚଳର ବିଭିନ୍ନ ପ୍ରତିଷ୍ଠିତ ମହାବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ଖେଳାଳିମାନଙ୍କର ମନୋବଳ, ସର୍ବିକିତ ଖେଳ ମନୋଭାବ ଓ ଯୋଜନାମୂଳକ ଖେଳ ଦ୍ୱାରା ଫାଇନାଲରେ ଉପବିଜେତା ସ୍ଥାନ ଅଧିକାର କରିଛନ୍ତି ଓ ବାଲିଆପାଳର ଏସ.ଆର ମହାବିଦ୍ୟାଳୟ ଦଳ ବିଜୟୀ ହୋଇଛନ୍ତି । ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ଼କ୍ଟର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା, ପିଇଓ ଶ୍ରୀ ସଂଗ୍ରାମ ବିଶୋଇଙ୍କ ସହିତ ଆୟୋଜକମାନେ ସମସ୍ତ ଅଂଶଗ୍ରହୀ ଦଳକୁ ଅଭିନନ୍ଦନ ଜଣାଇଥିଲେ ଓ ଏପରି ପ୍ରତିଯୋଗିତାମାନଙ୍କରୁ ଯୁବମାନଙ୍କ ଶାରୀରିକ ସୁସ୍ଥତା, ସର୍ବିକିତ ସହଭାଗିତା ଓ ନେତୃତ୍ୱଗୁଣର ବିକାଶ ହେବାକୁ ଉଲ୍ଲେଖ କରିଥିଲେ । ଏହି କବାଡ଼ି ପ୍ରତିଯୋଗିତାର ସଫଳ ଆୟୋଜନ ତଥା ବିଜୟୀ ଦଳମାନଙ୍କୁ ଉତ୍ସାହିତ କରିବା ସହିତ, ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ନିମନ୍ତେ ପ୍ରୋତ୍ସାହନ ଓ ସାମଗ୍ରିକ ଉନ୍ନତିର ପ୍ରୟାସକୁ ସଫଳ କରାଯାଇଛି ।

ବରିଷ୍ଠଙ୍କ ପାଇଁ ଏମ୍‌ସିଏଲ୍ ମଲ୍‌ଟିପ୍ଲଲ ବିଲ୍‌ଡିଂ ନିର୍ମାଣ କରିବ

ଭଦ୍ରକ, ୨୪/୦୯ (ଆ.ପ୍ର) : ଜିଲାର ବରିଷ୍ଠ ନାଗରିକମାନଙ୍କ ପାଇଁ ମହାନଦୀ କୋଲ୍ ଫିଲଡ୍ ଲିମିଟେଡ୍ (ଏମ୍‌ସିଏଲ୍) ଭଦ୍ରକ ସହରାଂଚଳରେ ଏକ ମଲ୍‌ଟି ପପ୍ରୋର୍ଜ ବିଲ୍‌ଡିଂ ନିର୍ମାଣ କରିବା ପାଇଁ ସମ୍ମତି ପ୍ରକାଶ କରିଛି । ପ୍ରକାଶଯୋଗ୍ୟ ବରିଷ୍ଠ ନାଗରିକମାନଙ୍କ ଅନୁରୋଧ କ୍ରମେ ସାଂସଦ ଅଭିମନ୍ୟୁ ସେଠୀ ଏମ୍‌ସିଏଲ୍ ଅଧ୍ୟକ୍ଷଙ୍କୁ ଏହି ବିଲ୍‌ଡିଂ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବ ଅନୁଯାୟୀ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଜିଲା ପ୍ରଶାସନକୁ ଭଦ୍ରକ ପୌରାଂଚଳରେ ଏକ ମଲ୍‌ଟିପ୍ଲଲ୍ ବିଲ୍‌ଡିଂ ନିର୍ମାଣ ପାଇଁ ଜାଗା ଦେବାକୁ ଚିଠି କରିଥିଲେ । ଏହି ପରିପ୍ରେକ୍ଷୀରେ ଆଜି ବରିଷ୍ଠ ନାଗରିକ ମହାସଂଘର ବୈଠକରେ ଉପଜିଲାପାଳ ସୌରଭ ଚକ୍ରବର୍ତୀ ଓ ତହସିଲଦାର ସଂଗ୍ରାମ ପ୍ରିୟଦର୍ଶୀ ଖୁଂଟିଆଙ୍କ ଉପସ୍ଥିତିରେ ପୌରାଂଚଳରେ ସ୍ଥାନ ନିରୂପଣ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ମହିଳାଙ୍କ ଗଳା କାଟି ହତ୍ୟା ଉଦ୍ୟମ ଅଭିଯୁକ୍ତ ଯୁବକ ଗିରଫ

କୋଣାର୍କ, ୨୪/୦୯ (ଆ.ପ୍ର) : ଅଭିଯୁକ୍ତ ଜଣଙ୍କ ଗୋପ ଥାନା ନୂଆହାଟ ଅଂଚଳ କୋରୁଆଳ ଗ୍ରାମର ସମୀର ରଞ୍ଜନ ସାହୁ । ମୋବାଇଲ ଟ୍ରାକ କରି ଗୋପ, କୋଣାର୍କ, ଚାରିଛକ ଥାନା ଏବଂ ସ୍ପେଶାଲ ସ୍କ୍ୱାଡ଼ ମିଳିତ ସହଯୋଗରେ ସମୀରକୁ ଗାଁରୁ ଉଠାଇ ଆଣିଲା ପୋଲିସ । ଅଧିକ ତଦନ୍ତ ପାଇଁ ସମୀରକୁ ରାମଚଣ୍ଡୀ ପୋଲିସକୁ ହସ୍ତାନ୍ତର କଲା ଗୋପ ପୋଲିସ । ଗତକାଲି କୋଣାର୍କ ବେଳାମାର୍ଗ କଇଁଛଘର ନିକଟରେ ମହିଳାଙ୍କ ଗଳାକାଟି ଫେରାର ହୋଇଯାଇଥିଲା ଅଭିଯୁକ୍ତ । ସମିର କହିବ ଆଉ କିଏ କିଏ ରହିଛନ୍ତି ମହିଳାଙ୍କ ଗଳାକାଟିବା ପଛରେ । କିଏ ଡାଟିଥିଲା କିଏ ଗଳା କାଟିଲା କଣ ରହିଛି ରହସ୍ୟ ସବୁ କହିବକି ସମିର ।

ହାତୀ ପୁଣି ମାତିଲେ ଫସଲ ନଷ୍ଟ କଲେ



ଜି.ଉଦୟଗିରି, ୨୪/୦୯ (ଆ.ପ୍ର) : ବିଗତ ଦିନର ହାତୀ ଆତଙ୍କ ଲୋକମାନଙ୍କ ମନରୁ ନ ଲିଭୁଣୁ ପୁଣି ଦୁଇଟି ହାତୀ ସ୍ଥାନୀୟ ଅଂଚଳରେ ଉପଦ୍ରବ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ସ୍ଥାନୀୟ ବ୍ଲକ କଳିଙ୍ଗା ପଂଚାୟତ ଅନ୍ତର୍ଗତ ସୁଡେଲି ଗ୍ରାମର ଦୂବେଡି ପାଙ୍ଗାରେ ଦିଲିପ କୁମାର ପ୍ରଧାନ ନାମକ ଚାଷୀ ସରକାରଙ୍କ ମିଲେଟ ମିଶନ ଯୋଜନାରେ ୧ ଏକର ବିଶିଷ୍ଟ ଜାଗାରେ ମାଣ୍ଡିଆ, ମୁଗ, କନ୍ଦମୂଳ ଚାଷ କରିଥିଲେ କିନ୍ତୁ ଗତ ରାତି ସମୟ ପ୍ରାୟ ୧୦ ଟା ହେବ ରେଙ୍ଗୁଡି ଜଙ୍ଗଲରୁ ଦୁଇଟି ଦନ୍ତା ହାତୀ ଆସି ସବୁ ଚାଷ ଜମି ନଷ୍ଟ କରିଥିବା ନେଇ ପ୍ରଧାନ କହିଛନ୍ତି । ସୁଡେଲି ଗ୍ରାମର ବ୍ରଜ ସାହୁଙ୍କ ଧାନ ବିଲ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ କରିଥିବା ସୂଚନା ମିଳିଛି । କିଛି ଦିନ ତଳେ ହାତୀ ଆକ୍ରମଣରେ ୩ ମଣିଷଙ୍କ ସହ ୧୦ ରୁ ଉର୍ଦ୍ଧ୍ୱ ଗାଈ ମାରିଥିବା କଥା ଭୁଲି ନ ଥିବା ବେଳେ ପୁଣି ହାତୀ ଆତଙ୍କ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିଛି । ବନବିଭାଗ ତରଫରୁ ଉକ୍ତ ହାତୀଗୁଡ଼ିକୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରହିଥିବା ସୂଚନା ଦେଇଛନ୍ତି ବନ କର୍ମଚାରୀ ।

ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଗଣଧାରଣା ଓ ଦାବିପତ୍ର

ସିମୁଳିଆ, ୨୪/୦୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ରାଜ୍ୟରେ ଧାନ ଉତ୍ପାଦନରେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ନ ଥିବାରୁ ଫଳରେ ଉତର ଓଡିଶାର କୃଷକ ମାନଙ୍କୁ କୃଷିରୁ ନିରୁତ୍ସାହିତ କରିଛି । ତାର ପ୍ରତିବାଦରେ ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ସିମୁଳିଆ ଆନୁକୂଲ୍ୟରେ କମିଟିର ବ୍ଲକ ସଭାପତି ଗଣନାଥ ସାହୁଙ୍କ ନେତୃତ୍ୱରେ ଆଜି ବ୍ଲକ ସମ୍ମୁଖରେ ଗଣଧାରଣା ଦେବା ସହିତ ବିଡ଼ିଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଧାରଣା ସମୟରେ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ସଭାପତି କେଶବ ଚନ୍ଦ୍ର ପଣ୍ଡା,ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଷଡ଼ଙ୍ଗୀ, ସୋର ବ୍ଲକ ସଭାପତି ମହେଶ୍ୱର ପଣ୍ଡା, ସମ୍ପାଦକ ଅଭୟ ମିଶ୍ର, କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର କ୍ରିୟାନୁଷ୍ଠାନ କମିଟିର ବାର୍ତା ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ମାର୍କୋଣା ପଂଚାୟତ ସରପଂଚ କମଳାକାନ୍ତ ନାୟକ,ଭାରତୀ ମଲ୍ଲିକ, ନିରୁପମା ମହାପାତ୍ର, ମନୋରମା ଜେନା, ମିନତୀ ନାୟକ,ପୂର୍ବତନ ବ୍ଲକ ଅଧକ୍ଷ ଗୌରାଙ୍ଗ ଚନ୍ଦ୍ର ପତ୍ରୀ, ପଦ୍ମଲୋଚନ ଦାଶ, ବୀରେନ୍ଦ୍ର କୁମାର ନାୟକ, ବାଇଧର ମହାକୁଡ଼, ଶିବପ୍ରସାଦ ପଣ୍ଡା, ରମାକାନ୍ତ ଅଗସ୍ତି ପ୍ରମୁଖ ଉପସ୍ଥିତ ରହି କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ବୃଢ ଦାବି କରିଥିଲେ ।

ଉପେନ୍ଦ୍ରଭଞ୍ଜଙ୍କ ଲାବଣ୍ୟବତୀ ବହୁ ଦେଶଦର୍ଶୀ ଅଟେ : ପ୍ରଫେସର ବ୍ରଜବନ୍ଧୁ ପଣ୍ଡା

ନୀଳଗିରି, ୧୪/୦୯ (ଆ.ପ୍ର) : ଭଞ୍ଜଙ୍କ ସାହିତ୍ୟରେ ସାହିତ୍ୟିକ ମୂଲ୍ୟବୋଧ ଅପେକ୍ଷା ଶୈକ୍ଷିକ ମୂଲ୍ୟବୋଧ ଅଧିକ ରହିଛି । ପୂର୍ବରାଗ, ସ୍ୱପ୍ନଦର୍ଶନ, ସାକ୍ଷାତ୍ ଦର୍ଶନ, ପରିବାର ବର୍ଣ୍ଣନ, ଦିବ୍ୟନାରିତ୍ୱଭାବ ନିହିତ ରହିଛି । କାବ୍ୟାଦର୍ଶ ପାଇଁ ଋତୁବର୍ଣ୍ଣନା, ପ୍ରକୃତି ବର୍ଣ୍ଣନା ଭାରତୀୟ ଜ୍ଞାନ ପରମ୍ପରା ଲାବଣ୍ୟବତୀରେ ନିହିତ ରହିଛି । ଭଞ୍ଜସାହିତ୍ୟ ଏକ ସୀମାରେ ନୁହେଁ ବରଂ ସମ୍ଭାବନାମୟ ପରିବେଶ ତିଆରି କରିଛି । ଭଞ୍ଜଙ୍କୁ କବିସମ୍ରାଟ କହିବା ଅପେକ୍ଷା ଭାଷାସମ୍ରାଟ କହିବା ଅଧିକ ଯୁକ୍ତିଯୁକ୍ତ । ଲାବଣ୍ୟବତୀରେ ଭାବ ଭାଷାର ଛନ୍ଦ ଭିତରେ ଲାଳିତ୍ୟ ପରିବେଶ ତିଆରି କରିଛି । କାବ୍ୟରେ ଭାଷାର ଲୁକ୍କାୟିତ ଶକ୍ତି, ଛନ୍ଦାୟିତ ଶକ୍ତି, ଆଳଙ୍କାରିକ ଶକ୍ତି, ଆନୁପ୍ରାସିକତା କବିଙ୍କ ଅଭିବ୍ୟକ୍ତିକୁ ରସୋତୀର୍ଣ୍ଣ କରିଛି । ମଧୁରତା ପାଠକ ମନରେ ଶିହିମ ତିଆରି କରେ । ଲାବଣ୍ୟବତୀରେ ମିଳନ, ବିଚ୍ଛେଦ ଓ ପୁନର୍ମିଳନ କାବ୍ୟର ମୁଖ୍ୟ କଥାବସ୍ତୁ । ପ୍ରତ୍ୟେକ କାବ୍ୟ ଭାଷିକ ବର୍ଣ୍ଣନାର ବିଷୟ ଅଟେ । ଭାଷିକ କହିଲେ ଭାଷାର ବର୍ଣ୍ଣନା ଓ ନିର୍ଦ୍ଦିଷ୍ଟ ଭାବ ଉପସ୍ଥାପନାକୁ ବୁଝାଯାଏ ।

ଚିତ୍ରକଳ୍ପ ମଧ୍ୟଯ ମଧ୍ୟଯୁଗ କାବ୍ୟରେ ଥିଲା । ଭଞ୍ଜ ସମୃଦ୍ଧ ପଦରଚନା ଓ ବାକ ବିନ୍ୟାସର ପ୍ରତିନିଧି । ଲାବଣ୍ୟବତୀ କାବ୍ୟରେ ବାସ୍ତବ ଜଗତରୁ ସଂଗୃହୀତ ଉପମା ଗୁଡ଼ିକ ଅପୂର୍ବ ଜଗତରେ ପ୍ରୟୋଗ ହୋଇଛି । କବି ଓ କାବ୍ୟ ଜାତିର ଚିରନ୍ତନ ଭାବବିକାଶକୁ ଜୀବନ୍ତ କରିରଖେ । ଲାବଣ୍ୟବତୀ କାବ୍ୟ ଏକ ଅତୁଳନୀୟ କାବ୍ୟବିଭବ । କାବ୍ୟରେ କବିଙ୍କ ପାଣ୍ଡିତ୍ୟର ବିକାଶ କଳ୍ପନା ଭିତରେ ନିହିତ । କବି ଗୋଟାଏ ଜାତିର ମନୋଜଗତରେ ବାସକରେ । ଭଞ୍ଜଙ୍କ କାବ୍ୟରଚନା ଗୁଡ଼ିକ ମଧ୍ୟରେ କଳ୍ପନା, କଳ୍ପନା ମୂଳରେ ଭାବସମ୍ପଦ, ଭାବସମ୍ପଦ ମୂଳରେ କବିର ଦର୍ଶନ ଓ କବିର ଦର୍ଶନ ମଧ୍ୟରେ ଭାଷାବ୍ୟଞ୍ଜନା ନିହିତ । ମର୍ତ୍ତ୍ୟରେ କାବ୍ୟକୁ ନାରୀ ସହ ତୁଳନା ହୋଇଛି । ଲାବଣ୍ୟବତୀ ସେ ସମୟର ପ୍ରତିନିଧି ସ୍ଥାନୀୟ କାବ୍ୟ । କାବ୍ୟରେ ସ୍ୱକୀୟତା ଓ ଆଭିଜାତ୍ୟ ପ୍ରେମରେ ପ୍ରତିଷ୍ଠା ପାଇଛି । ସର୍ବୋପରି ଉପେନ୍ଦ୍ରଭଞ୍ଜଙ୍କ ଲାବଣ୍ୟବତୀ କାବ୍ୟରେ ସୁନ୍ଦରେ ସୁନ୍ଦର ଗୁଡ଼ିକ ମିଳିତ ହୋଇଛନ୍ତି ବୋଲି ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୬୯ତମ ଆଭାସୀ ଆଲୋଚନାଚକ୍ରରେ ଉପେନ୍ଦ୍ରଭଞ୍ଜଙ୍କ ଲାବଣ୍ୟବତୀର ନବ ମୂଲ୍ୟାୟନ ଶୀର୍ଷକ ପାଠଚକ୍ରରେ ଅତିଥି ବିଶିଷ୍ଟ ବକ୍ତା ପ୍ରଫେସର ବ୍ରଜବନ୍ଧୁ ପଣ୍ଡା, ଆଲୋଚକ ଭାଷାବିତ୍ ପ୍ରଫେସର ନଟବର ଶତପଥୀ ଓ ଭଞ୍ଜସାହିତ୍ୟ ବିଶେଷଜ୍ଞ ପ୍ରଫେସର କଂଜୁପାଣି ସାମନ୍ତ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ନୀଳଗିରିରୁ ସୁଶ୍ରୀ ଭାର୍ଗବୀ ରାଉତ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ଭୁବନେଶ୍ୱରରୁ ସୁଶ୍ରୀ ମାମାଲି ସାହୁ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ଶତାଧିକ ପାଠକ ଯୋଗଦାନ କରିଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA
ଗୁରୁବାର, ୨୫ ସେପ୍ଟେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ବିପଦଯୁକ୍ତ କ'ଣ

ବାହନଟା ଖାଲି କିଣିଦେଲେ ଚଳିବ ନାହିଁ । ତାକୁ ସେହି ଅନୁସାରେ ମେଣ୍ଟେନ କରିବା ପାଇଁ ପଡ଼ିବ । କୌଣସି ବି ପଦାର୍ଥ ହେଉ କି ବସ୍ତୁ, ସବୁଠାରୁ ବଡ଼ କଥା ହେଲା, ତା'ର ସୁପରିଚାଳନା ଯାହାକୁ ଅତି ଗୁରୁତ୍ୱର ସହ ପରିଚାଳନା କରିବା ଅବା ତା'ର ଯତ୍ନ ନେବା ଅତି ଜରୁରୀ । ସେହି ଅନୁସାରେ ସେ ଫଳ ବି ପ୍ରଦାନ କରେ । ଯଦି ତା'ର ସେପରି କୌଣସି ଯତ୍ନ ନିଆନଯାଏ କି ସେପରି ତା' ପ୍ରତି କୌଣସି ଗୁରୁତ୍ୱ ଦିଆନଯାଏ, ତେବେ ତା'ର ଗୁରୁତ୍ୱ ବି କମ୍ ହୋଇଯାଏ । ସେଭଳି ସ୍ଥିତି ଲାଗିରହିଲେ ପରବର୍ତ୍ତୀ ସମୟରେ ସେହି ବସ୍ତୁ ବା ପଦାର୍ଥକୁ ନେଇ କିଛି ନା କିଛି ସମସ୍ୟା ଦେଖାଦିଏ । ସମସ୍ୟା ବେଳେ ବେଳେ ଅତି ଗମ୍ଭୀର ହୋଇଯାଏ । ପରିସ୍ଥିତି ଏପରି ବିଗିଡ଼ିଯାଏ, ଯାହା ଜୀବନ ପ୍ରତି ଘାତକ ସାବ୍ୟସ୍ତ ହୋଇଥାଏ । ଏହାଠାରୁ ବଡ଼ ସମସ୍ୟାଆଉ କ'ଣ ହୋଇପାରେ । ଏହାଠାରୁ ବଡ଼ ବିପଦ ଆଉ କ'ଣ ହୋଇପାରେ । ଯଦି ସେପରି ହୁଏ ତେବେ ତାକୁ କିଭଳି ବିକଳ୍ପ କୁହାଯାଇପାରିବ । କୌଣସି ବିପଦଯୁକ୍ତ କ'ଣ କେବେ କାହାପାଇଁ କିମ୍ବା କାହାର ବିକଳ୍ପ ହୋଇପାରେ । କେବେ ବି ନୁହେଁ । ସେଭଳି କ୍ଷେତ୍ରରେ ସେହି ବିକଳ୍ପକୁ ତୁରନ୍ତ ହଟାଇବାର ପ୍ରୟାସ କରାଯାଇପାରେ କିମ୍ବା ସେହି ବିକଳ୍ପର ଆଉ କିଛି ବିକଳ୍ପର ସନ୍ଧାନ ନିଆଯାଇପାରେ ହେଲେ କୌଣସି ବି କ୍ଷେତ୍ରରେ ସୁରକ୍ଷା ପ୍ରସଙ୍ଗ ଉପରେ କୌଣସି ପ୍ରକାର ବୁଝାମଣା କରାଯାଇନପାରେ । ଏହା ସବୁବେଳେ ଧ୍ୟାନ ଭିତରେ ରହିବା ଉଚିତ୍ । ଯଦି କୌଣସି କାରଣରୁ ଏହି ପ୍ରସଙ୍ଗର ଗୁରୁତ୍ୱ କମ୍ ହୋଇଯାଏ କିମ୍ବା ସେହି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆନଯାଏ ତେବେ ଆଗାମୀ ସମୟରେ ସେଥିନେଇ ବିପଦର ସମ୍ଭାବନା ସୃଷ୍ଟି ହେବା ନିଶ୍ଚିତ ଯାହା ପ୍ରତି ଆରମ୍ଭରୁ ସତର୍କ ରହିବା ଜରୁରୀ ଅନ୍ୟଥା ଇ ଭେଇକିଲ୍ ଭଳି ସମସ୍ୟା ସୃଷ୍ଟି ହେବ । ଏବେ ଇ ଭେଇକିଲ୍‌ର ଡିମାଣ୍ଡ ଦିନକୁ ଦିନ ବଢ଼ିବାରେ ଲାଗିଛି ।ଦେଶରେ ପେଟ୍ରୋଲ୍ , ଡିଜେଲ ଯେଭଳି ଭାବେ ବଢ଼ିବାରେ ଲାଗିଛି, ତା'ର ବିକଳ୍ପ ଭାବେ ଇ ଭେଇକିଲ୍ ଏବେ ବିଶ୍ୱ ପାଇଁ ବିକଳ୍ପ ଭାବେ ଉଭା ହୋଇଛି । ହେଲେ ସେହି ଭେଇକିଲ୍‌ରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଛି । ସେହି ଭେଇକିଲ୍‌ରେ ଯେଉଁଭଳି ଭାବେ ତ୍ରୁଟି ପରିଲକ୍ଷିତ ହେଉଛି ତାହା ଜୀବନ ପ୍ରତି ଘାତକ ସାବ୍ୟସ୍ତ ହେଉଛି । କେବେ କେବେ ଗାଡ଼ି ଜଳିଯାଉଛି ତ ଆଉ କେବେ ବାଟ ଅଧରେ ଅଟକି ଯାଉଛି ଗାଡ଼ି । ଏଭଳି ସ୍ଥିତିରେ କ'ଣ କରାଯାଇପାରେ । ଗାଡ଼ି ଛାଡ଼ି ଡ୍ରାଇଭର କ'ଣ ଫେରାର ହୋଇପାରେ କି । ନା କେବେ ନୁହେଁ । ବାଟରେ କେହି କେବେ ତା'ର ଗାଡ଼ିକୁ ଛାଡ଼ିଯିବା ସମ୍ଭବ ନୁହେଁ । ଗାଡ଼ିଟା ଯଦି ଖରାପ୍ ହୋଇଯାଏ ତେବେ ଜଣେ ସେହି ଗାଡ଼ିକୁ ବାଟରେ ଛାଡ଼ିଯିବା ହୁଏତ ସମ୍ଭବ ହୋଇନପାରେ ହେଲେ ଗାଡ଼ିଟା ଯଦି ପୁରାପୁରି ଜଳିଯାଏ ତେବେ କ'ଣ କରାଯାଇପାରେ । ଗାଡ଼ି ଛାଡ଼ି ଯେ କେହି ବି ଦୌଡ଼ି ପଳାଇବେ କାରଣ ସେହି ଗାଡ଼ି ପାଇଁ କୌଣସି ସମୟରେ ଜଳିଯାଇପାରେ ତେବେ ସେହି ଗାଡ଼ିକୁ ଛାଡ଼ି ପଳାଇବା ବାଧ୍ୟତାମୂଳକ ହୋଇଯିବ । କାରଣ ସେପରି ନ କଲେ ସେହି ଗାଡ଼ିରେ ପଡ଼ି ଚାଳକ ବି ମରିଯାଇପାରେ ଯାହାଦ୍ୱାରା ସେ ଲୋକର ପରିବାର ତ କ୍ଷତିଗ୍ରସ୍ତ ହେବ ନିଶ୍ଚୟ । ତା' ସହ ସେହି କମ୍ପାନୀ ବି ସର୍ବାଧିକ କ୍ଷତିଗ୍ରସ୍ତ ହେବ ଯାହାର ଭରଣା ଆଉ କେବେ ବି ସମ୍ଭବ ହୋଇନପାରେ । ତେବେ ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଲା ଯଦି ଇ ଭେଇକିଲ୍‌ରେ ଏଭଳି ଗମ୍ଭୀର ସମସ୍ୟା ରହିଛି ତେବେ ତାକୁ ବଜାରରେ ଲଞ୍ଚ୍ କରାଗଲା କାହିଁକି । ୟୁରୋପିଆନ୍ ସାଇଡ୍‌ରୁ ଆରମ୍ଭ ହୋଇ ଏବେ ପୂରା ବିଶ୍ୱରେ ବେଶ୍ ପରିଚିତି ହାସଲ କରିପାରିଥିବା ଏଭଳି ଇଲେକ୍ଟ୍ରିକ ସ୍କୁଟର୍ ରାସ୍ତାରେ ଗଲାବେଳେ ହଠାତ୍ କେବେ କେବେ ଜଳିଯାଉଥିଲା । କାରଣ ନେଇ ଭାରତ ବଜାରକୁ ଛାଡୁଥିବା କେତେକ କମ୍ପାନୀ ସେହି ଇଲେକ୍ଟ୍ରିକ୍ ଭେଇକିଲ୍ ଉପରେ ତାଙ୍କର ମତାମତ ଅବଶ୍ୟପ୍ରଦାନ କରିଥିଲେ । କେତେକଙ୍କ ମତରେ ସେହି ଭେଇକିଲ୍‌ରେ ବ୍ୟବହୃତ ହେଉଥିବା ବ୍ୟାଟେରୀକୁ ଦୁର୍ବଳ ବୋଲି ମତ ଦେଉଥିଲା ବେଳେ ଆଉ କେତେକ ବ୍ୟାଟେରୀର କାପାବିଲିଟୀ ଉପରେ ସନ୍ଦେହ ପ୍ରକଟ କରିଥିଲେ । ତେବେ ଇଲେକଟ୍ରିକ୍ ସ୍କୁଟର ଅନ୍ୟାନ୍ୟ ଦୃଷ୍ଟି କୋଣରୁ ଅବଶ୍ୟ ସଠିକ୍ ଲାଗୁଥିଲେ ବି କେବଳ ସେହି ଗୋଟିଏ କାରଣ ଯାହା ଇଲେକଟ୍ରିକ ସ୍କୁଟରକୁ ଲୋକମାନଙ୍କ ମଧ୍ୟରେ ପରିଚିତ କରାଇପାରିଛି । ଦେଶରେ ଏମିତି ତ ଅନେକ ସ୍କୁଟର କମ୍ପାନୀ ରହିଛନ୍ତି ଯେଉଁମାନେ ସମୟ ସମୟରେ ମାର୍କେଟ୍‌କୁ ନାନା ଜାତିର ସ୍କୁଟର ଛାଡୁଛନ୍ତି, ନାନା ମଡେଲ୍‌ର ସ୍କୁଟର୍ ଛାଡୁଛନ୍ତି ଯାହା ଭାରତ ବଜାରରେ ଲୋକମାନଙ୍କ ମଧ୍ୟରେ ବଡ଼ ଚାହିଦା ସୃଷ୍ଟି କରିଛି । ସେଭଳି କ୍ଷେତ୍ରରେ ଇ-ସ୍କୁଟରର ଚାହିଦା ସେତେ ବେଶି ନୁହେଁ । ହେଲେ କେତେକ ନିର୍ଦ୍ଦିଷ୍ଟ କାରଣରୁ ଯାହା ଆଜି ମାର୍କେଟ୍‌ରେ ବଦନାମ ହୋଇଛି ।

'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା'

॥ ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ ॥

ଆସିଛି ଆଶ୍ୱିନ । ପାର୍ବଣର ପରିବେଶ । ବିଲମାଳ, ନଈପଠାରେ କାଶତଣ୍ଡିର ଫେନିଳ ଉହାସ । ମା'ଆସୁଛନ୍ତି । ଦୁର୍ଗତି ନାଶିନୀ ମୋକ୍ଷପ୍ରଦାୟିନୀଙ୍କ ଆଗମନରେ ଧରଣୀ ଚଳଚଂଚଳ । ଶିଙ୍ଗା ହାତରେ ରଙ୍ଗର ପସରା । ପବନରେ ଭାସି ଆସୁଛି ମା'ଙ୍କର ଆଗମନର ଗୀତିକା । ମା' ଓହ୍ଲାଉଛନ୍ତି ଧରାପୃଷ୍ଠକୁ । ଦୁଃଖ, ଶୋକ ହରଣ କରି ସବୁରି ଓଠରେ ଭରିଦେବେ ଶାନ୍ତି-ମୈତ୍ରୀର ବାର୍ତ୍ତା । ଦେବୀଙ୍କ ଆଶୀର୍ବାଦରେ ସବୁ ପ୍ରତିକୂଳ ହେବ ସାଧନମୁଖୀ । ଘନ ଅନ୍ଧକାରରେ ମା'ଦେବେ ନିରନ୍ତର ଆଲୋକର ସନ୍ଧାନ । ତାଙ୍କରି କୃପା ଦୃଷ୍ଟିରେ ସକଳ ବ୍ୟାଧି ଦୂରେଇଯିବ । ପୋଛି ହୋଇଯିବ ସବୁ ସନ୍ତାପ । ସବୁ ଅଭାବ ପାଲଟିଯିବ ପୂର୍ଣ୍ଣତାରେ । ମା'ସୃଷ୍ଟି ସ୍ଥିତି ବିନାଶର ଆଧାର । ତାଙ୍କରି ଇଚ୍ଛାରେ ଆତଯାତ ଏ ସଂସାର । ଆଜିଠାରୁ ଆରମ୍ଭ ହେଉଛି ମା'ଦୁର୍ଗତିନାଶିନୀଙ୍କ ପବିତ୍ର ନବରାତ୍ରି ଉତ୍ସବ । ଏହି ନବରାତ୍ରିରେ କିଏ ଉପବାସ ରଖୁଛି, ପୁଣି କିଏ ମାନସିକରେ ମା'ଦୁଆରେ ଦୀପ ଜାଳୁଛି । ମା'ଙ୍କର ଏହି ନବଦିନାତ୍ମକ ଯାତ୍ରାରେ ଦେଶ ବିଦେଶର ସମସ୍ତ ଶକ୍ତିପୀଠ ଉଦ୍‌ବେଳିତ । ଏହି ନଅ ଦିନ ମା'ମହିଷମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରିବେ । 'ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ । ତୃତୀୟଂ ଚନ୍ଦ୍ରଘଂଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍ । ପଂଚମଂ ସ୍କନ୍ଦମାତେତି, ଷଷ୍ଠଂ କାତ୍ୟାୟନୀତି ଚ । ସପ୍ତମଂ କାଳରାତ୍ରୀତି, ମହାଗୌରୀ ଚାଷ୍ଟମମ୍ । ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତ୍ତିତାଃ, ଉକ୍ତାନ୍ୟେତାନି ନାମାନି, ବ୍ରହ୍ମଣୈବ ମହାତ୍ମନା ।'

'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି ।

ନବରାତ୍ରି ଅବସରରେ ପୂଜା ପାଉଥିବା ନଅ ଦେବୀ ନବଦୁର୍ଗା ଭାବେ ଖ୍ୟାତ । ଦେବୀ ମାହାତ୍ମ୍ୟ ଏବଂ ଦୁର୍ଗା ସପ୍ତସତୀରେ ସେମାନଙ୍କର କଥା ବର୍ଣ୍ଣିତ । ନବଦୁର୍ଗା ହେଉଛନ୍ତି ଶକ୍ତିଙ୍କ ଭିନ୍ନ ଭିନ୍ନ ଅବତାର । ସେମାନେ ହେଲେ - ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଂଟା, କୁଷ୍ମଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାୟିନୀ । ନବରାତ୍ରିର ପ୍ରଥମ ଦିନରେ ପୂଜା ପାଆନ୍ତି ମାତା ଶୈଳପୁତ୍ରୀ । 'ଶୈଳ' ଅର୍ଥ ପାହାଡ଼ ଓ 'ପୁତ୍ରୀ' ଅର୍ଥ କନ୍ୟା । ସେ ପାର୍ବତୀ ବା ହେମବତୀ ଭାବେ ମଧ୍ୟ ପରିଚିତ । ଦକ୍ଷକନ୍ୟା ସତୀ ପ୍ରଥମ ପୁନର୍ଜନ୍ମ ନେଇଥିଲେ ଶୈଳପୁତ୍ରୀ ଭାବେ । ଦ୍ୱିତୀୟ ପୁନର୍ଜନ୍ମ ନେଇଥିଲେ ହିମାଳୟପୁତ୍ରୀ ପାର୍ବତୀ ରୂପେ ଏବଂ ବିବାହ କରିଥିଲେ ମହାଦେବଙ୍କୁ । ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର । ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା'ବ୍ରହ୍ମଚାରିଣୀ । ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା ଉମା, ଅପର୍ଣ୍ଣା ଏବଂ ତପଶ୍ଚାରିଣୀ । ବ୍ରହ୍ମଚାରିଣୀ ଅର୍ଥ ଚରମ ସତାର ସାନ୍ନିଧ୍ୟ ପାଇବା ଲାଗି ସେ ସଦା ତପସ୍ୟାରତ । ତୃତୀୟ ଦିନରେ ଆରାଧନା କରାଯାଏ ମା'ଚନ୍ଦ୍ରଘଂଟାଙ୍କୁ । ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରିଥିବାରୁ ସେ ହେଲେ ଚନ୍ଦ୍ରଘଂଟା । ଚତୁର୍ଥ ଦିନରେ ଆବାହନ କରାଯାଏ ମା'କୁଷ୍ମଣ୍ଡାଙ୍କୁ । ସେ ଅଷ୍ଟଭୁଜା ଏବଂ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତ୍ରୀ । ନିଜ ହସ ଦ୍ୱାରା ସେ ଦୂର କରିଥିଲେ ଅନ୍ତହୀନ ଅନ୍ଧକାରକୁ ଏବଂ ଯାହା ଦ୍ୱାରା ସୃଷ୍ଟି ପର୍ବ ଆରମ୍ଭ ହୋଇଥିଲା । ପଂଚମ ଦିନରେ ପୂଜା ପାଆନ୍ତି ସ୍କନ୍ଦ ମାତା । ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସ୍କନ୍ଦଙ୍କ ମାତା । ସେ ହେଉଛନ୍ତି ସକଳ ମାତୃତ୍ୱର ପରିପ୍ରକାଶ ଏବଂ ସ୍ନେହଶୀଳ କ୍ଷମାମୟୀ । ଷଷ୍ଠ ଦିବସରେ ପୂଜା ପାଆନ୍ତି ମା'କାତ୍ୟାୟନୀ । କାତ୍ୟ ମୁନିଙ୍କ କନ୍ୟା ଭାବେ ଜାତ ହୋଇଥିବାରୁ ସେ କାତ୍ୟାୟନୀ । ସେ ଦୁର୍ଗାଙ୍କର କନ୍ୟା ସ୍ୱରୂପ । ସ୍ନେହ ଶ୍ରଦ୍ଧାର ପ୍ରତୀକ ।

ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିଣୀ 'ମା'ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ । ଫଳତଃ ସେ ସତ ପ୍ରକୃତିର ବଶବର୍ତ୍ତୀ ହେବା ପରିବର୍ତ୍ତେ ଅସତ୍ ପ୍ରକୃତିର ବଶବର୍ତ୍ତୀ ହୋଇଥାଏ । କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତ୍ତେ ନିରୁତ୍ସାହିତ, ଗ୍ଲାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ । ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତା । ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ । ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ । ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଂଚଳ ଓ ଆନନ୍ଦ ମୁଖର କରିବା ବିଧେୟ । ଏହା ଏ ଜଗତର ଏକ ପ୍ରଚଳିତ ଧାରା । କେଉଁ ପ୍ରାଚୀନ କାଳରୁ ଏ ଧାରା ପ୍ରତିଟି ପ୍ରାଣରେ ପ୍ରବଳ ବେଗଗାମୀ ସ୍ରୋତସ୍ୱିନୀ ସମ ପ୍ରବାହିତ ହେଉଛି । ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି । 'ଶରତ କାଳେ ମହାପୂଜା କ୍ରିୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ । ସର୍ବବାଧା ବିନିର୍ମୁକ୍ତୋ ଧନ୍ୟଧାନ୍ୟ ସୁତନ୍ୱିତଃ, ମନୁଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ ।'

ବିଭବ, ଆଚାର୍ଯ୍ୟ କଲୋନୀ, ବାଳିଗୁଡ଼ା, କନ୍ଧମାଳ
ମୋ : ୯୪୩୭୨୪୨୩୧୬

'ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍ସୁ...'

॥ ପୁଷ୍ପମିତ୍ର ମହାପାତ୍ର ॥

'ମା'- ଶବ୍ଦରେ ଭରିରହିଛି ଅମୃତର ଉଚ୍ଛ୍ୱାସ । ଯୁଗ ଯୁଗ ଧରି ସ୍ମରଣ କରିଛନ୍ତି ଦେବତା, ଦାନବ ଆଉ ମାନବ । ମା' ବାରମ୍ବାର ଆବିର୍ଭୂତା ହୁଅନ୍ତି ସନ୍ତାନର ଅକୁଳ ପ୍ରାର୍ଥନାରେ । ମା'ର ଇଚ୍ଛା ସଦା ପୂର୍ଣ୍ଣହୁଏ । ସେ ଶକ୍ତିସ୍ୱରୂପିଣୀ । ପ୍ରତିଟି ଅଣୁ ପରମାଣୁ, ଜଡ଼ ଚେତନରେ ସେ ଶକ୍ତି ରୂପେ ବିରାଜିତା । ଏ ଶରୀର ମଧ୍ୟ ଶକ୍ତି ବିନା ଜଡ଼ । ଶକ୍ତିକୁ ବାଦ ଦେଲେ ଜୀବ ଶବରେ ପରିଣତ ହୁଏ । ଶକ୍ତି, ଜଡ଼ରେ ଚୈତନ୍ୟସତ୍ତା ଆଣେ । ଦେବତାମାନଙ୍କ ତେଜରୁ ସୃଷ୍ଟ ଦେବୀ ତେଜସ୍ୱିନୀ ହୋଇ ଉଠିଲେ । ଗୋଟି ଗୋଟି କରି ରାକ୍ଷସମାନଙ୍କ ସହ ତାଙ୍କ ସୈନ୍ୟସାମନ୍ତଙ୍କୁ ବିନାଶ କରିବାରେ ଲାଗିଲେ । କ୍ରମାନ୍ୱୟରେ ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ, ନିଶୁମ୍ଭ ଓ ଶୁମ୍ଭଆଦି ରାକ୍ଷସମାନଙ୍କୁ ବଧ କରି ଶାନ୍ତି ପ୍ରତିଷ୍ଠା କରିବାରେ ମା'ଙ୍କ ଭୂମିକା ଅତୁଳନୀୟ । ଚଣ୍ଡ-ମୁଣ୍ଡ ଥିଲେ ମହିଷାସୁରର ଚର । ଚଣ୍ଡ-ମୁଣ୍ଡ ଦେବୀ ଦୁର୍ଗାଙ୍କୁ ସୁନ୍ଦରୀ ନାରୀରୂପରେ ଦର୍ଶନ କରି ମହିଷାସୁରଙ୍କୁ ସମ୍ବାଦ ଦେଇଥିଲେ ଯେ ଏପରି ସୁନ୍ଦରୀ ନାରୀ ହିଁ ଆପଣଙ୍କ ଭୋଗ୍ୟା ହେବା ଉଚିତ୍ । ନାରୀର ରୂପବର୍ଣ୍ଣନା ଶୁଣି ମହିଷାସୁର ଚଣ୍ଡ-ମୁଣ୍ଡଙ୍କୁ ପୁନର୍ବାର ପ୍ରେରଣକଲା ସୁନ୍ଦରୀଙ୍କୁ ଡକାଇ ଆଣିବା ପାଇଁ । ହେଲେ ନାରୀର ଥିଲା ଅଦ୍ଭୁତ ସର୍ତ୍ତ । 'ଯୋ ମାଂ ଜୟତି ସଂଗ୍ରାମେ ଯୋମେ ଦର୍ପଂ ବ୍ୟପୋହତି । ଯୋ ମେ ପ୍ରତିବଳୋ ଲୋକେ ସମେ ଭର୍ତ୍ତା ଭବିଷ୍ୟତି ॥' ଅର୍ଥାତ୍ ଯେ ମୋତେ ସଂଗ୍ରାମରେ ଜୟକରି, ମୋର ଦର୍ପକୁ ବିନାଶ କରିବ ଏବଂ ମୋ ସହିତ ଯାହାର ବଳ ସମକକ୍ଷ ହେବ ସେ ହିଁ ମୋତେ ବିବାହ କରିବ । ଏଭଳି ସର୍ତ୍ତଶୁଣି ମହିଷାସୁର ପରିହାସ କରିଥିଲା । ଚଣ୍ଡ-ମୁଣ୍ଡଙ୍କ ଜରିଆରେ ଭୋଗକରିବାକୁ ସ୍ୱପ୍ନଦେଖିବାବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିଲା । ପରେ ପରେ ପ୍ରେରଣକଲା ରକ୍ତବୀଜକୁ । ଯାହାର ରକ୍ତ ବୀର୍ଯ୍ୟପରି କ୍ରିୟାଶୀଳ । ଭୂଭାଗରେ ବୁନ୍ଦାଏ ରକ୍ତ ପଡ଼ିଲେ ଅପରୂପ ଭାବରେ ଅସୁରଟିଏ ସୃଷ୍ଟିହୋଇଯାଉଥିଲା । ଦେବୀ ତାକୁ ମଧ୍ୟ ବିନାଶ କଲେ । ଶେଷରେ ମହିଷାସୁରକୁ ମଧ୍ୟ ବିନାଶକଲେ । ଦେବତାମାନେ ପ୍ରାର୍ଥନାରେ ଦେବୀଙ୍କୁ ଅନେକ ଭାବରେ ପ୍ରାପ୍ତିହେବାର ବର୍ଣ୍ଣନା ମଧ୍ୟରେ ଏକ ସମ୍ପ୍ରତି ସମାଲୋଚନାଯୋଗୀ ସନ୍ଦେଶଟିଏ ଦେଇଯାଇଥିଲେ । 'ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍ସୁ...' ଅର୍ଥାତ୍ ପ୍ରତିଟି ନାରୀ ହେଉଛନ୍ତି ଦେବୀଙ୍କର ନାନାରୂପ । ନାରୀ ଜାତିର ମହନୀୟତା ହିଁ ଏଥିରେ ପ୍ରତିପାଦିତ ହୁଏ ।

ଏହି ଅନୁସାରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀର ଆଶ୍ୱିନ ଶୁକ୍ଳ ଅଷ୍ଟମୀ ବା ମହାଷ୍ଟମୀ ପର୍ଯ୍ୟନ୍ତ ଦୁର୍ଗାପୂଜା କରାଯାଇଥାଏ । ଏହା ଷୋଡ଼ଶ ଦିବସ ବ୍ୟାପୀ ଦୁର୍ଗାପୂଜା । ଏହା ବ୍ୟତୀତ ନଅଦିନ, ପାଂଚଦିନ, ତିନିଦିନ, ଦୁଇ ଦିନ ଓ ଏକ ଦିନ ଦୁର୍ଗାପୂଜା ମଧ୍ୟ ହୋଇଥାଏ । ମାତ୍ର ଷୋଡ଼ଶ ଦିବସବ୍ୟାପୀ ଦୁର୍ଗାପୂଜା ସେ ସବୁ ମଧ୍ୟରେ ଶ୍ରେଷ୍ଠ । ଦେବୀପୀଠ ମାନଙ୍କରେ ବିଧିମତେ ଦୁର୍ଗୋତ୍ସବ ପାଳିତ ହେବା ସହିତ, ଏହି ଅବଧି ମଧ୍ୟରେ ଦେବୀଙ୍କର ବିଭିନ୍ନ ବେଶ ସଂପନ୍ନ ହୋଇଥାଏ । ଏହାର କିନ୍ତୁ ନିର୍ଦ୍ଧାରିତ ନିୟମ ନାହିଁ । ଏଣୁ ପରମ୍ପରା ଅନୁସାରେ ବା ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ଦେବୀପୀଠରେ ଏହି ବେଶରେ ସଂଖ୍ୟା ଓ ପ୍ରକାର ଭିନ୍ନ ଭିନ୍ନ ହୋଇଥାଏ । ମୂଳାଷ୍ଟମୀରୁ ମହାଷ୍ଟମୀ - ଷୋହଳ ଦିନରେ ଷୋହଳ ପ୍ରକାରର ବେଶ ହେଉଥିବା ଦେବୀ ମାନଙ୍କ ମଧ୍ୟରେ କଟକ ଚଣ୍ଡୀ ଓ କଟକର ଗଡ଼ଚଣ୍ଡୀ ପ୍ରସିଦ୍ଧ । ଏହି ଷୋହଳ ଦିନ ମଧ୍ୟରୁ ପ୍ରଥମ ଆଠଦିନ ଯଥାକ୍ରମେ କଟକ ଚଣ୍ଡୀଙ୍କର ସୁନାବେଶ, ଭୁବନେଶ୍ୱରୀ ବେଶ, ଉଗ୍ରତାର ବେଶ, ତ୍ରିପୁର ଭୈରବୀ ବେଶ, ସିଦ୍ଧେଶ୍ୱରୀ ବେଶ, ନାରାୟଣୀ ବେଶ, ରାଜରାଜେଶ୍ୱରୀ ବେଶ ଓ ମାତଙ୍ଗୀ ବେଶ ହେବା ପରେ, ଶୁକ୍ଳ ପ୍ରତିପଦା ଦିନ ଜଗଦ୍ଧାତ୍ରୀ ବେଶ ହୋଇଥାଏ । ଏହା ନବଦିନ ବ୍ୟାପୀ ଦୁର୍ଗାପୂଜା ବା ନବରାତ୍ରର ପ୍ରଥମ ଦିନ । ଏହାପରେ ଦ୍ୱିତୀୟା ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ସାତଦିନ ଯଥାକ୍ରମେ ତାଙ୍କର ଜୟଦୁର୍ଗା ବେଶ, ଷୋଡ଼ଶୀ ବେଶ, ହରଚଣ୍ଡୀ ବେଶ, ବନଦୁର୍ଗା ବେଶ, ଗାୟତ୍ରୀ ବେଶ, ବଗଳାମୁଖୀ ବେଶ ଓ ମହାକାଳୀ ବେଶ ହୋଇଥାଏ । ମହାଷ୍ଟମୀର ମହାକାଳୀ ବେଶ ପରେ ମହାନବମୀ ଦିନ ମହାଲକ୍ଷ୍ମୀ ବେଶ, ବିଶ୍ରାମଦିନ ମହାସରସ୍ୱତୀ ବେଶ ଏବଂ ବିଜୟା ଦଶମୀରେ ଦେବୀଙ୍କର ମହିଷମର୍ଦ୍ଦିନୀ ବେଶ ହୋଇଥାଏ ।

ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିଣୀ 'ମା'ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ । ଫଳତଃ ସେ ସତ ପ୍ରକୃତିର ବଶବର୍ତ୍ତୀ ହେବା ପରିବର୍ତ୍ତେ ଅସତ୍ ପ୍ରକୃତିର ବଶବର୍ତ୍ତୀ ହୋଇଥାଏ । କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତ୍ତେ ନିରୁତ୍ସାହିତ, ଗ୍ଲାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ । ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତା । ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ । ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ । ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଂଚଳ ଓ ଆନନ୍ଦ ମୁଖର କରିବା ବିଧେୟ । ଏହା ଏ ଜଗତର ଏକ ପ୍ରଚଳିତ ଧାରା । ଶେଷରେ ଏତିକି କୁହାଯାଇପାରେ ପୌରାଣିକ ଯୁଗରେ ମହିଷାସୁର ଓ ତା'ର ଚରମାନଙ୍କ ଦୃଷ୍ଟିନେଇ ନାରୀଙ୍କୁ ନଦେଖି, ଦେବତାମାନଙ୍କ ଅମୃତ ମୟ ଦୃଷ୍ଟିରେ ଦେଖିଲେ ସେମାନେ ଆପେ ଆପେ ମାତୃରୂପରେ ବିଦ୍ୟମାନ ହେବେ । ସାର୍ଥକ ହେବ ନାରୀଜାତିର ପ୍ରତିକାତ୍ମକ ପୂଜା ଦୁର୍ଗାପୂଜାର ଉଦ୍ଦେଶ୍ୟ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ :
୯୪୩୭୨୨୫୬୮୯

ଜୟ ମା' ଦୁର୍ଗେ ଦୁର୍ଗତିନାଶିନୀ

॥ ପ୍ରଶାନ୍ତ କୁମାର ନାୟକ ॥

ଆଶ୍ୱିନର କାଶତଣ୍ଡି ମାଆଙ୍କ ଆଗମନୀର ବାର୍ତ୍ତା ଦେଇସାରିଛି । ଜଗଜ୍ଜନନୀ ମା' ଦୁର୍ଗା ଧରାବତରଣ କରୁଛନ୍ତି । ଶାରଦୀୟ ନବରାତ୍ରୀ ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦାଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ମା' ନଅଟି ରୂପରେ ପୂଜିତ ହେବେ । ପ୍ରଥମ ଦିନ ଘଟ ସ୍ଥାପନାରୁ ନବରାତ୍ରି ପୂଜା ଆରମ୍ଭ ହେଉଛି । ଘଟ ବା କଳସ ସ୍ଥାପନାରୁ ନବରାତ୍ରି ପୂଜା ଆରମ୍ଭ ହୋଇଥାଏ । ଲୋକ ବିଶ୍ୱାସ ଅଛିଯେ , ପିତଳ କଳସ ପରିବର୍ତ୍ତେ ମାଟିର କଳସରେ ଘଟ ସ୍ଥାପନାକଲେ ମା' ପ୍ରସନ୍ନ ହୋଇଥାଆନ୍ତି । ଏହି କଳସ ସ୍ଥାପନା ନୀତି ବ୍ରାହ୍ମ ମୁହୂର୍ତ୍ତରୁ କରାଯାଏ । ଏଥିପାଇଁ ପ୍ରଥମେ ପାଂଚ ପ୍ରକାରର ମୃତ୍ତିକା ପକାଇ ଷୋଡ଼ି କରାଯାଇଥାଏ । ଏହାପରେ ସୁବର୍ଣ୍ଣ ଧାନ ରଖି ଏହା ଉପରେ ମାଟିର କଳସରେ ସ୍ୱଚ୍ଛ ଜଳ ପୂର୍ଣ୍ଣକରି ରଖାଯାଏ । ଏହି କଳସ ଉପରେ ନଅଟି ପତ୍ର ବିଶିଷ୍ଟ ଆମ୍ବଡାଳ ରଖି ପଇଡ ରଖାଯାଇଥାଏ । ଏହା ଉପରେ ସାଲୁକନା ପକାଇ କଳସରେ ସିନ୍ଦୁର ପ୍ରଲେପ କରାଯିବା ଦ୍ୱାରା ନବରାତ୍ରିର ପ୍ରଥମ ପର୍ବରେ ମା' ବିରାଜମାନ କରିବା ସହିତ ଭକ୍ତଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି ।

ମାନ୍ୟତା ଅନୁସାରେ ସୃଷ୍ଟି ଆରମ୍ଭରୁ ପଂଚତତ୍ତ୍ୱର ବିଶେଷ ମହତ୍ତ୍ୱ ରହିଛି । ଏହି ପଂଚତତ୍ତ୍ୱ ବାୟୁ, ଅଗ୍ନି , ଜଳ, ପୃଥିବୀ ଓ ଆକାଶରୁ ମିଳିଥାଏ ଏବଂ ଏହି ପଂଚତତ୍ତ୍ୱ ସଂପୃକ୍ତ କଳସରେ ହିଁ ବିଦ୍ୟମାନ ହୋଇଥାଆନ୍ତି । ହିନ୍ଦୁ ଧର୍ମାବଲମ୍ବୀମାନଙ୍କର ସବୁଠାରୁ ବଡ ପର୍ବ ବୋଲାଉଥିବା ନବରାତ୍ରି ପୂଜା ସାରା ଦେଶରେ ଆରମ୍ଭ ହୋଇଛି । ମନ ଓ ଶରୀରର ଶୁଦ୍ଧତା ପାଇଁ ପାଳନ କରାଯାଉଥିବା ଏହି ନଅଦିନିଆ ଉପବାସ କେବଳଯେ ଏକ ଧାର୍ମିକ ପ୍ରଥା ତାହା ନୁହେଁ ବରଂ , ଏହାର ଏକ ବୈଜ୍ଞାନିକ ଦୃଷ୍ଟିକୋଣ ମଧ୍ୟ ରହିଛି । ନବରାତ୍ରି ହେଉଛି ମାତା ଆଦିଶକ୍ତିଙ୍କର ଉପାସନାର ପର୍ବ । ଏହି ନବରାତ୍ରି ବାର୍ଷିକ ଦୁଇଥର ପାଳିତ ହୋଇଥାଏ । ଗୋଟିଏ ହେଲା ଚୈତ୍ର ମାସରେ ଏବଂ ଅନ୍ୟଟି ଆଶ୍ୱିନ ମାସର ଶାରଦୀୟ ନବରାତ୍ରି । ଏହି ନବରାତ୍ରି ହେଉଛି ଶକ୍ତିର ପୂଜନ ଏବଂ ଦୈତ୍ୟ ଶକ୍ତି ଉପରେ ବିଜୟର ପ୍ରତୀକ ।

ସଂପୃକ୍ତ ନବରାତ୍ରିର ଏକ ବିଶେଷ ମାହାତ୍ମ୍ୟ ରହିଛି । ମା' ଆଦିଶକ୍ତି ନଅ ଦିନରେ ନଅଗୋଟି ନାମରେ ଏବଂ ନଅଗୋଟି ସ୍ୱତନ୍ତ୍ର ରୂପରେ ପୂଜିତ ହୋଇଥାଆନ୍ତି । ନିମ୍ନରେ ଦେବୀ ମାଆଙ୍କର ଏହି ନଅଟି ବେଶର ନାମ ଓ ବିଶେଷତ୍ୱ ବର୍ଣ୍ଣିତ । ଯଥା- ୧. ଶୈଳପୁତ୍ରୀ - ଜଗଜ୍ଜନନୀ ମା' ଦୁର୍ଗାଙ୍କର ନଅଟି ରୂପଅଛି ଯାହାକୁ ଆମେ ନବଦୁର୍ଗା ବୋଲି କହିଥାଉ । ମାଆଙ୍କ ନଅଟି ରୂପ ମଧ୍ୟରୁ ପ୍ରଥମ ରୂପ ହେଲା ଶୈଳପୁତ୍ରୀ । ଶୈଳପୁତ୍ରୀର ଅର୍ଥ ହେଲା ପର୍ବତରାଜ ହିମାଳୟଙ୍କ ପୁତ୍ରୀ ବା କନ୍ୟା । ମାଆଙ୍କ ମସ୍ତକରେ ଅର୍ଦ୍ଧ ଚନ୍ଦନ ଟୋପା, ଡାହାଣ ହସ୍ତରେ ତ୍ରିଶୁଳ ଏବଂ ବାମ ହସ୍ତରେ ପଦ୍ମ ପୁଷ୍ପ ଥାଏ । ମା' ନନ୍ଦୀ ବଳଦ ଉପରେ ଉପବେଶନ କରିଥା'ନ୍ତି । ମା' ଶଙ୍କରଙ୍କ ସହିତ ମିଶି ସକଳ ବିଶ୍ୱର ସଂଚାଳନ, ସର୍ଜନା ଓ ବିଲୟ ମଧ୍ୟ କରିଥାଆନ୍ତି । ନିଜର ୯୯ତମ ଜନ୍ମରେ ଦେବୀ ଦକ୍ଷ ପ୍ରଜାପତିଙ୍କ କନ୍ୟା ସତୀ ରୂପରେ ଜନ୍ମଲାଭ କରିଥିଲେ । ୨. ବ୍ରହ୍ମଚାରିଣୀ - ନବରାତ୍ରିର ଦ୍ୱିତୀୟ ଦିନ ଦେବୀ ମାଆ ବ୍ରହ୍ମଚାରିଣୀ ରୂପରେ ପୂଜିତ ହୁଅନ୍ତି । ବ୍ରହ୍ମ - ଅର୍ଥାତ୍ ତପସ୍ୟା ଏବଂ ଚାରିଣୀ ଅର୍ଥାତ୍ ଆଚରଣ । ଏହି କ୍ରମରେ ବ୍ରହ୍ମଚାରିଣୀର ଅର୍ଥ ହେଲା ତପର ଆଚରଣ କରୁଥିବା ଦେବୀ ମାଆ । ମାଆ ମହାଦେବଙ୍କୁ ନିଜ ପତି ରୂପେ ପାଇବାକୁ କଠୋର ତପସ୍ୟା କରିଥିଲେ । ଏହି ତପସ୍ୟା କାରଣରୁ ଦେବୀଙ୍କୁ ତପଚାରିଣୀ ବା ବ୍ରହ୍ମଚାରିଣୀ ବୋଲି କୁହାଯାଏ । ମାଆଙ୍କ ସ୍ୱରୂପ ଅତ୍ୟନ୍ତ ଉଜ୍ଜ୍ୱଳ ଓ ମହାନ । ନବରାତ୍ରିର ଦ୍ୱିତୀୟ ଦିନରେ ସାଧକର ମନ ସ୍ୱାଧୀଷ୍ଠାନ ଚକ୍ରରେ ରହିଥାଏ । ତପ କରିବା ଶକ୍ତି ମଧ୍ୟ ମାତା ଦେଇଥାଆନ୍ତି । କେବଳ ଶାରୀରିକ ତପସ୍ୟା ନୁହଁ ବରଂ ମାନସିକ ତପସ୍ୟା ଦ୍ୱାରା ନିଜ ଇନ୍ଦ୍ରିୟଗୁଡ଼ିକ ନିୟନ୍ତ୍ରିତ ହୋଇ ଥାଆନ୍ତି । ୩. ଚନ୍ଦ୍ରଘଂଟା - ତୃତୀୟ ଦିନରେ ମା' ଏହି ରୂପରେ ପୂଜା ପାଆନ୍ତି । ଏହା ହେଉଛି ମାଆ ଦୁର୍ଗାଙ୍କର ତୃତୀୟ ସ୍ୱରୂପ । ମାଆଙ୍କର ଏହି ରୂପ ଅତ୍ୟନ୍ତ ଅଲୌକିକ ଓ ଶାନ୍ତି ପ୍ରଦାୟିନୀ । ଏହି ସ୍ୱରୂପରେ ମାଆଙ୍କ କପାଳରେ ଘଂଟା ଆକୃତିର ଅର୍ଦ୍ଧ ଚନ୍ଦ୍ର ରହିଥିବାରୁ ତାଙ୍କୁ ଚନ୍ଦ୍ରଘଂଟା ବୋଲି କୁହାଯାଏ । ମାଆଙ୍କର ଶରୀର ସର୍ବଦା ସ୍ୱର୍ଣ୍ଣ ଭଳି ଚମକୁଥାଏ । ଏହି ସ୍ୱରୂପରେ ମାଆଙ୍କର ଦଶଟି ଭୁଜା ରହିଥାଏ । ମସ୍ତକରେ ସୁଶୋଭିତ ଘଂଟାର ଭୟଙ୍କର ଶବ୍ଦରେ ରାକ୍ଷସମାନେ ଓ ଅନ୍ୟାନ୍ୟ ଅନିଷ୍ଟକାରୀ ଶକ୍ତି ଭୟଭୀତ ହୋଇଯାଆନ୍ତି । ଶୁଦ୍ଧ ମନରେ ମାଆଙ୍କୁ ଆରାଧନା କରିବାଦ୍ୱାରା ପୂର୍ବ ଜନ୍ମରୁ ମୁକ୍ତି ମିଳିଥାଏ । ୪. କୁଷ୍ମାଣ୍ଡା - ଦେବୀ ନିଜର ଧୀର ଏବଂ ଅଳ୍ପ ହାଲୁକା ହସ ମାଧ୍ୟମରେ ଅଣ୍ଡ ଅର୍ଥାତ୍ ବ୍ରହ୍ମାଣ୍ଡକୁ ଉତ୍ପନ୍ନ କରିଥିବାରୁ ମାତାଙ୍କୁ କୁଷ୍ମାଣ୍ଡା କୁହାଯାଏ । ଯେତେବେଳେ କୌଣସି ସୃଷ୍ଟି ନଥିଲା, ଚତୁର୍ଦ୍ଦିଗରେ ଅନ୍ଧକାର ଭରି ରହିଥିଲା ସେତେବେଳେ ଦେବୀ ନିଜର ଈଶ୍ୱରୀୟ ହାସ୍ୟଦ୍ୱାରା ବ୍ରହ୍ମାଣ୍ଡର ସୃଷ୍ଟି କରିଥିଲେ । ସେଥିପାଇଁ ତାଙ୍କୁ ବ୍ରହ୍ମାଣ୍ଡର ମୂଳରୂପ ବା ଆଦିଶକ୍ତି କୁହାଯାଏ । ମାଆଙ୍କ ଅଷ୍ଟଭୁଜାରେ କମଣ୍ଡଳ, ଧନୁଷ, ବାଣ, କମଳ ପୁଷ୍ପ, ଅମୃତ ସମାନ କଳସ, ଚକ୍ର ଏବଂ ଗଦା ଶୋଭାପାଏ । ଅଷ୍ଟମ ହସ୍ତରେ ଜପ କରୁଥିବାର ଏକ ମାଳ ଅଛି ଯାହା ସମସ୍ତ ସଫଳତା ଏବଂ ଧନପ୍ରାପ୍ତିର ମୂଳ ଅଟେ । ଦେବୀଙ୍କର ବାସସ୍ଥାନ ସୂର୍ଯ୍ୟର ମଣ୍ଡଳର ଭିତର ଦୁନିଆରେ ଅଛି । ସୂର୍ଯ୍ୟ ମଣ୍ଡଳରେ ବାସକରିବାର ଶକ୍ତି କେବଳ ଦେବୀ କୁଷ୍ମାଣ୍ଡାଙ୍କର ରହିଥିବାରୁ ତାଙ୍କର ଶରୀରର କାନ୍ତି ସୂର୍ଯ୍ୟଙ୍କ ଭଳି ଉଜ୍ଜ୍ୱଳ ଅଟେ । ୫. ସ୍କନ୍ଦମାତା - ଆଶ୍ୱିନ ଶୁକ୍ଳ ପଂଚମୀ ଦିନ ମାତାଙ୍କୁ ପୂଜା କରାଯାଉଥିବାରୁ ଏହି ଦିନକୁ ଗୁରୁପଂଚମୀ ବୋଲି କୁହାଯାଏ । ସ୍କନ୍ଦ ମାତା ଶବ୍ଦଟି ଯଥାକ୍ରମେ ସ୍କନ୍ଦ, ଯାହାର ଅର୍ଥ କାର୍ତ୍ତିକେୟ, ଯିଏ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କର ପୁତ୍ର ଓ ମାତାର ଅର୍ଥ ମାଆ । ଏହି ଦୃଷ୍ଟିରୁ ସ୍କନ୍ଦମାତାର ସଂପୂର୍ଣ୍ଣ ଅର୍ଥ ହେଲା କାର୍ତ୍ତିକେୟଙ୍କ ମାତା । ୬. କାତ୍ୟାୟନୀ - ନବରାତ୍ରିର ଷଷ୍ଠ ଦିନରେ ପୂଜିତ ମାଆ କାତ୍ୟାୟନୀ ସମସ୍ତ ଦୁଷ୍ଟ ଶକ୍ତିର ବିନାଶ କାରିଣୀ । ମାଆଙ୍କର ଚାରିଗୋଟି ଭୁଜା ଅଛି । ଗୋଟିଏ ହସ୍ତ ମାଆ ବର ପ୍ରଦାୟିନୀ ମୁଦ୍ରାରେ ରଖିଥାଆନ୍ତି । ଦ୍ୱିତୀୟ ହସ୍ତ ଅଭୟ ମୁଦ୍ରାରେ ଥାଏ । ସେହି ଶକ୍ତି ସ୍ୱରୂପିଣୀ ସମସ୍ତ ଭକ୍ତମାନଙ୍କର ସୁରକ୍ଷା କରନ୍ତି । ତୃତୀୟ ହସ୍ତରେ ଖଣ୍ଡା ଧାରଣ କରିଛନ୍ତି ଏବଂ ଚତୁର୍ଥ ହସ୍ତରେ ମାତା ପଦ୍ମପୁଷ୍ପ ଧରିଥାଆନ୍ତି । କତ ନାମକ ଜଣେ ଋଷିଥିଲେ । ଏହି ଋଷିଙ୍କର କାତ୍ୟା ନାମକ ଜଣେ ପୁତ୍ର ମଧ୍ୟ ଥିଲେ । କାତ୍ୟାଙ୍କର କୌଣସି ସନ୍ତାନ ସନ୍ତତି ନଥିବାରୁ ସେ ମା' ଭଗବତୀଙ୍କର କଠୋର ତପସ୍ୟା କଲେ । ଏହି ସମୟରେ ମହିଷାସୁରର ଅତ୍ୟାଚାର କ୍ରମେ ଚରମ ସୀମାରେ ପହଂଚିବାକୁ ଲାଗିଲା । ସମସ୍ତ ଦେବଦେବୀ ଅତିଷ୍ଠ ହୋଇଗଲେ । ଏଥିରୁ ରକ୍ଷା କରିବାକୁ ସମସ୍ତ ଦେବଦେବୀ ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ଫଳରେ ଅତ୍ୟନ୍ତ କ୍ରୋଧିତ ହେବାରୁ ବିଷ୍ଣୁଙ୍କ ସମେତ ସମସ୍ତ ଦେବଦେବୀଙ୍କ ଚକ୍ଷୁରୁ ଅଗ୍ନି ପିଣ୍ଡୁଳା ନିର୍ଗତ ହେଲା । ସମସ୍ତ ଅଗ୍ନି ପିଣ୍ଡୁଳାଗୁଡିକ ଏକାଠି ହୋଇ ତାହା ଜଣେ ଶକ୍ତିଶାଳୀ ଦେବୀଙ୍କ ରୂପ ନେଲା ଏବଂ ଏହି ଦେବୀଜଣଙ୍କ କାତ୍ୟାଙ୍କ କନ୍ୟା ରୂପେ ଜନ୍ମ ନେଲେ ଯାହାଫଳରେ ତାଙ୍କର ନାମ କାତ୍ୟାୟନୀ ରହିଲା । ୭. କାଳରାତ୍ରି - କାଳର ଅର୍ଥ ମୃତ୍ୟୁ ଏବଂ ରାତିର ଅର୍ଥ ଅନ୍ଧକାର । ମାତା କାଳରାତ୍ରିଙ୍କୁ କାଳୀ ରୂପେ ପୂଜା ମଧ୍ୟ କରାଯାଏ । ଏହି ରୂପରେ ମାଆଙ୍କର ଚାରିଗୋଟି ଭୁଜା ରହିଛି । ପ୍ରଥମ ହସ୍ତରେ ସେ ବରମୁଦ୍ରା ଅବସ୍ଥାରେ ରଖିଥାଆନ୍ତି । ଦ୍ୱିତୀୟ ହସ୍ତ ଅଭୟ ମୁଦ୍ରାରେ, ତୃତୀୟ ହସ୍ତରେ ବଜ୍ର ଧାରଣ କରିଛନ୍ତି ଏବଂ ଚତୁର୍ଥ ହସ୍ତରେ ମାଆଙ୍କର କଂଟାର ଅସ୍ତ୍ର ଅଛି । ଏହି ସ୍ୱରୂପରେ ମାଆଙ୍କର ତିନିଟି ଚକ୍ଷୁ ଅଛି । ତାଙ୍କର ବାହନ ହେଲା ଗଧ । ମାଆଙ୍କର ଏହି ସ୍ୱରୂପକୁ ପୂଜା ଅର୍ଚ୍ଚନା କଲେ ଭୂତ ପ୍ରେତ ଓ ଅନିଷ୍ଟକାରୀ ଶକ୍ତି ପ୍ରତି କୌଣସି ଭୟ ରହେନାହିଁ । ମାଆଙ୍କର ଶରୀରର ବର୍ଣ୍ଣ କୃଷ୍ଣ ବର୍ଣ୍ଣ । ଏହି କାରଣରୁ ତାଙ୍କୁ କାଳରାତ୍ରି କୁହାଯାଏ । ତାନ୍ତ୍ରିକମାନେ ନିଜର ଶକ୍ତି ବୃଦ୍ଧି ନିମନ୍ତେ ଏହିଭଳି ମାଆଙ୍କୁ ଅର୍ଦ୍ଧରାତ୍ରିରେ ପୂଜନ କରନ୍ତି । ଏହିଦିନ ତାଙ୍କର ତୃତୀୟ ନେତ୍ର ଖୋଲିଥାଏ । ଏହି ରୂପ ଧାରଣକରି ମାତା ଚଣ୍ଡମୁଣ୍ଡଙ୍କୁ ବଧ କରିଥିବାରୁ ତାଙ୍କର ଅନ୍ୟନାମ ଚାମୁଣ୍ଡା ଅଟେ । ୮. ମହାଗୌରୀ - 'ମହା' ର ଅର୍ଥ ଅତ୍ୟନ୍ତ ଏବଂ 'ଗୌରୀ' ର ଅର୍ଥ ଶ୍ୱେତ । ମାଆଙ୍କର ଶରୀର ଗୌରବର୍ଣ୍ଣର । 'ଅଷ୍ଟ ବର୍ଷ ଭଗବତେ ଗୌରୀ ' ଅର୍ଥାତ୍ ମାଆଙ୍କର ଆୟୁ ମାତ୍ର ଆଠ ବର୍ଷ । ତାଙ୍କର ସମସ୍ତ ଆଭୂଷଣ ଏବଂ ବସ୍ତ୍ର ଧଳା ରଙ୍ଗର ଅଟେ । ମହାଗୌରୀଙ୍କର ଅଷ୍ଟ ଭୁଜା ମଧ୍ୟରୁ ଉପର ଭାଗର ଡାହାଣ ହସ୍ତଟି ଅଭୟ ମୁଦ୍ରାରେ ଏବଂ ତଳ ଭାଗର ଡାହାଣ ହସ୍ତରେ ମା' ତ୍ରିଶୂଳ ଧାରଣ କରିଛନ୍ତି । ଉପର ଭାଗର ବାମ ହସ୍ତରେ ଡମ୍ବରୁ ଓ ତଳଭାଗର ବାମ ହସ୍ତଟି ବର ପ୍ରଦାନ ମୁଦ୍ରାରେ ରହିଛି । ମାଆଙ୍କର ବାହନ ବୃଷଭ । ମାଆଙ୍କର ଏହି ସ୍ୱରୂପ ହେଉଛି ସକଳ ଶକ୍ତିର ଆଧାର । ୮. ସିଦ୍ଧିଦାତ୍ରୀ - ଉତ୍ସବ ଓ ଉତ୍ସାହର ସହ ଚାଲେ । ମାଆ ଦୁର୍ଗାଙ୍କର ନବମ ଶକ୍ତିର ଉର୍ଜାରୁ ଜନ୍ମ ନେଇଛନ୍ତି ମା' ସିଦ୍ଧିଦାତ୍ରୀ । ମାର୍କଣ୍ଡେୟ ପୁରାଣ ଅନୁସାରେ ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରକାମ୍ୟ, ଈଶିତ୍ୱ, ଏହି ଅଷ୍ଟ ସିଦ୍ଧିର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ସିଦ୍ଧିଦାତ୍ରୀ । ଦେବୀ ପୁରାଣ ଅନୁସାରେ ଭଗବାନ ଶିବ ମାତାଙ୍କ କୃପାରୁ ହିଁ ଏହି ସିଦ୍ଧି ପ୍ରାପ୍ତ କରିଥିଲେ । ମାତାଙ୍କ କୃପାରୁ ମହାଦେବଙ୍କର ଅର୍ଦ୍ଧ ଶରୀର ଦେବୀଙ୍କର ହୋଇଥିଲା । ଏହି ଶରୀର ଧାରଣପରେ ଅର୍ଦ୍ଧନାରୀଶ୍ୱର ନାମରେ ପୂଜ୍ୟ ହେଲେ । ଚତୁର୍ଭୁଜା ମା' ସିଦ୍ଧିଦାତ୍ରୀଙ୍କର ବାହନ ସିଂହ । ଦୁଇ ବାମହସ୍ତରେ ଶଙ୍ଖ ଓ କମଳ ପୁଷ୍ପ ଏବଂ ଡାହାଣ ହସ୍ତ ଦ୍ୱୟରେ ଗଦା ଓ ଚକ୍ର ଶୋଭାପାଏ । ସିଂହବାହିନୀ ମାଆଙ୍କୁ କେବଳ ମାନବ ନୁହନ୍ତି, ବରଂ ଦେବତା, ଗନ୍ଧର୍ବ, ଯକ୍ଷ ସମସ୍ତେ ପୂଜନ କରନ୍ତି । ଦେବୀ ପୁରାଣ ଅନୁସାରେ ସ୍ୱୟଂ ମହାଦେବ ମଧ୍ୟ ସିଦ୍ଧିଦାତ୍ରୀଙ୍କୁ ଆରାଧନା କରି ସମସ୍ତ ସିଦ୍ଧି ପ୍ରାପ୍ତ ହୋଇଥିଲେ ।

ସାଧକମାନେ ସାଧନାର ଶେଷ ପର୍ଯ୍ୟାୟରେ ସିଦ୍ଧିଦାତ୍ରୀଙ୍କଠାରୁ ସମସ୍ତ ସିଦ୍ଧିପ୍ରାପ୍ତ ହୋଇ ଜଳତତ୍ୱରେ ମହାକାଳୀ, ଅଗ୍ନି ତତ୍ୱରେ ତାରା, ଆକାଶ ତତ୍ୱରେ ଧୂମାବତୀ, ଜୀବନୀ ତତ୍ୱରେ ଛିନ୍ନମସ୍ତା, ଶକ୍ତି ତତ୍ୱରେ ବଗଳାମୁଖୀ, ଆତ୍ମ ତତ୍ୱରେ ଭୈରବୀ, ଜ୍ଞାନ ତତ୍ୱରେ ମାତଙ୍ଗୀ, ସୌନ୍ଦର୍ଯ୍ୟ ତତ୍ୱରେ ଷୋଡଶୀ, ଅନ୍ନ ତତ୍ୱରେ କମଳାଙ୍କୁ ଅନୁଭବ କରିଥାଆନ୍ତି । ଲୋକ ବିଶ୍ୱାସ ଅଛିଯେ, ନବରାତ୍ରିର ନବମଦିନ ନଅ ଜଣ କୁଆଁରୀ କନ୍ୟାଙ୍କୁ ଦେବୀ ସ୍ୱରୂପ ପୂଜାକରି ସେମାନଙ୍କୁ ଉପହାର ଦେଲେ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ ହୋଇଥାଏ ।

ୟୁନିଟ୍-୦୫; ଭୁବନେଶ୍ୱର, ଫୋନ୍ - ୮୨୪୯୬୫୦୪୧୪

ଜିଲ୍ଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ

ପୁରୀ, ୨୪/୦୯ (ଆ.ପ୍ର) : ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ଠାରେ ମଙ୍ଗଳବାର ଦିନ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲା ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ନିଷେଧ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ, ଚାଇଲଡ ହେଲ୍ପଲାଇନ ବୋର୍ଡ଼ର ସମସ୍ତ ସଦସ୍ୟ, ସଦସ୍ୟା ଓ ସମସ୍ତ ବିଭାଗର ନିମନ୍ତ୍ରିତ ପଦାଧିକାରୀ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ । ଶିକ୍ଷା ବିଭାଗ ଦ୍ୱାରା ଅନୁଷ୍ଠିତ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ ଡ୍ରପ ଆଉଟ ସର୍ଭେ ଓ ସମସ୍ତ ପିଲାମାନଙ୍କୁ ବିଦ୍ୟାଳୟକୁ ଅଣାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । ଜିଲ୍ଲାରେ ଥିବା ମୋଟ ୩୦୦୦ ରୁ ଊର୍ଦ୍ଧ୍ୱ ଡ୍ରପ ଆଉଟ ଶିଶୁଙ୍କ ମଧ୍ୟରୁ ଯେଉଁମାନେ ପିତୃମାତୃହୀନ ଓ ଏକକ ପିତାମାତା ବା ଅଭିଭାବକଙ୍କର ଶିଶୁ ହୋଇଥିବେ ଏବଂ ସେମାନେ ବିଦ୍ୟାଳୟ, ମହାବିଦ୍ୟାଳୟରେ ନିରନ୍ତର ଅଧ୍ୟୟନ କରିବେ, ସେମାନଙ୍କ ପରିବାର ଅନୁଧ୍ୟାନ କରାଯାଇ ମାର୍ଗଦର୍ଶିକା ଆଧାରରେ ଆର୍ଥିକ ପ୍ରୋତ୍ସାହନ ଦିଆଯିବାକୁ ନିଷ୍ପତ୍ତି ହୋଇଛି । ଜିଲ୍ଲାରେ ଥିବା ଔଷଧ ଦୋକାନ ଗୁଡିକରେ ଥିବା ରେଜିଷ୍ଟରକୁ ଡିଜିଟାଇଜେସନ କରିବା ଓ ସିସି ଟିଭି ଲଗାଇବା ସହିତ ଏଚ, ଏଚଓ୍ୱାନ , ଏକ୍ସ ଡ୍ରଗ ଗୁଡିକର ବିକ୍ରିବଟା ମନିଟରିଙ୍ଗ କରାଯିବାକୁ ଡ୍ରଗ ଇନ୍ସପେକ୍ଟରଙ୍କୁ ଦାୟିତ୍ୱ ଦିଆଗଲା । ସେହିପରି ଜିଲ୍ଲାରେ ଥିବା ପ୍ରତି ବିଦ୍ୟାଳୟର ୧୦୦ ଗଜ ମଧ୍ୟରେ ମାଦକ ଦ୍ରବ୍ୟ ନିଷେଧ ନିମନ୍ତେ ଯୋଜନା ଓ ମ୍ୟାପିଙ୍ଗ କରିବା ସହିତ ବିହିତ ପଦକ୍ଷେପ ନେବେ ଅବକାରୀ ବିଭାଗ । ସେହିପରି ଶିଶୁ ଶ୍ରମିକରେ ନିୟୋଜିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା । ତୃଣମୂଳ ସ୍ତରରେ ଅଙ୍ଗନବାଡି କର୍ମୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ପଂଚାୟତ ସମ୍ପ୍ରସାରଣ ଅଧିକାରୀ ବାଲ୍ୟ ବିବାହ ନିଷେଧ ନିମନ୍ତେ ସତର୍କ ରହିବେ ଏବଂ ପୂର୍ବରୁ ଏହାର ନିରୀକ୍ଷଣ କରି ରିପୋର୍ଟ କରିବେ । ଏହା ସହିତ ନିଖୋଜ ଶିଶୁ ମାନଙ୍କ ଅନୁଷ୍ଠାନରେ ଥିବା ଦିବ୍ୟାଙ୍ଗ ଶିଶୁ ମାନଙ୍କ ପେନସନ, ଦିବ୍ୟାଙ୍ଗ ପ୍ରମାଣ ପତ୍ର ନିଶ୍ଚିତ କରିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦାୟିତ୍ୱ ଦିଆଗଲା । ଏହି ବୈଠକରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ ଅଜିତ କୁମାର ମହାପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଦ୍ୱିତୀକାନ୍ତ ପ୍ରଧାନ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଡ୍ରଗ ଇନ୍ସପେକ୍ଟର ହିତେଶ୍ କୁମାର ବେହେରା, ମହାବୀର ରୁଦ୍ର ନାରାୟଣ ସାହୁ ଜେ ଜେ ବି ମେମ୍ବର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଉମେଶ ଚନ୍ଦ୍ର ପାତ୍ର ଜିଆରପି ଇନ୍ସପେକ୍ଟର, ପଲ୍ଲବୀ ସାହୁ ସହକାରୀ ଶ୍ରମ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆଇନ ପରିବୀକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲଡ ହେଲ୍ପଲାଇନର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ।

ଭୂମି ମାଲିକଙ୍କୁ ସତ୍ୱଲିପି ପ୍ରଦାନ

ପୁରୀ, ୨୪/୦୯ (ଆ.ପ୍ର) : ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ବୁଧଙ୍ଗ ମୌଜାର ଜମି ମାଲିକ ମାନଙ୍କୁ ସତ୍ୱଲିପି ବା ଖତିଆନ ବଂଟନ ଆରମ୍ଭ ହୋଇଛି । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ଚକବନ୍ଦୀ ଉପ ନିର୍ଦ୍ଦେଶକ ଡ ଶରତ ଚନ୍ଦ୍ର ମହାପାତ୍ରଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଉପ ଜିଲ୍ଲାପାଳ ତଥା ଚକବନ୍ଦୀ ଅଧିକାରୀ ନିଳମାଧବ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ବୁଧବାର ପୂର୍ବାହ୍ଣରେ ଚକବନ୍ଦୀ କାର୍ଯ୍ୟାଳୟ ପରିସରରେ ଚୁଡାନ୍ତ ସତ୍ୱଲିପି ବା ଖତିଆନ ସଂପୃକ୍ତ ଜମି ମାଲିକ ମାନଙ୍କୁ ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟ ରେ ସହକାରୀ ଚକବନ୍ଦୀ ଅଧିକାରୀ ରତ୍ନାକର ସ୍ୱାଇଁ ଓ କର୍ମଚାରୀ ସହଯୋଗ କରିଥିଲେ । ସୂଚନା ଯୋଗ୍ୟ ଯେ ପୂର୍ବରୁ ଚୁଡାନ୍ତ ବନ୍ଦୋବସ୍ତ ସତ୍ୱଲିପି ବା ଖତିଆନ ତା ୯.୪ ୧୯୭୬ ରିଖରେ ପ୍ରକାଶନ ହୋଇଥିଲା ।ଚକବନ୍ଦୀ କାର୍ଯ୍ୟ ୧୯୯୦ ମସିହାରେ ଆରମ୍ଭ ହୋଇ ତା ୨୪.୯.୨୫ ରିଖରେ ଚକବନ୍ଦୀ ଧାରା ୧୩(୪) ମୁତାବକ ଚୁଡାନ୍ତ ସତ୍ୱଲିପି ପ୍ରକାଶନ କରାଯାଇ ଭୂମି ମାଲିକ ମାନଙ୍କୁ ପ୍ରଦାନ କରାଯାଇଛି । ବର୍ତ୍ତମାନ ଏହି ସତ୍ୱଲିପି ପାଇଥିବାରୁ ଭୂମି ମାଲିକ ମାନେ ସେମାନଙ୍କ ଖୁସି ବ୍ୟକ୍ତ କରିବା ସହ ସରକାର ଓ ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ଭଦ୍ରକ, ୨୪/୦୯ (ଆ.ପ୍ର) : ପ୍ରତିବର୍ଷ ଅକ୍ଟୋବର ୧ ତାରିଖ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥାଏ । ଚଳିତବର୍ଷ ଦୁର୍ଗାପୂଜା ପଡୁଥିବାରୁ ଅକ୍ଟୋବର ୧୦ କୁ ଏହି ଦିବସ ପାଳନ କରାଯିବା ପାଇଁ ସରକାର ନିଷ୍ପତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଆସନ୍ତା ଅକ୍ଟୋବର ୧୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ନେଇ ଆଜି ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଦିଲ୍ଲୀପ ରାଉତରାୟ ଅଧ୍ୟକ୍ଷତା କରିଥିଲେ । ଅନୁଷ୍ଠିତ ବୈଠକରେ ଟାଉନ୍ ହଲ ଠାରେ ଏହି ଜିଲାସ୍ତରୀୟ ଆନ୍ତର୍ଜାତିକ ଦିବସ ପାଳନ ହେବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି । ଏଥର ବ୍ଲକ୍ ସ୍ତରରେ ଏହି ଦିବସ ପାଳନ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିବେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଜିଲାପାଳ ଶ୍ରୀ ରାଉତରାୟ ଏହି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ବ୍ୟବସ୍ଥିତ ଢଙ୍ଗରେ କରି ଏକ ସୁନ୍ଦର ବାର୍ତ୍ତା ଦେବାକୁ ମତପ୍ରକାଶ କରିଥିଲେ । ଗାଁ ଗହଳିରୁ ଆସିଥିବା ବୟୋଜ୍ୟେଷ୍ଠମାନଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ଓ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବାକୁ ସାମାଜିକ ସୁରକ୍ଷା ଅଧିକାରୀ ତଥା ବରିଷ୍ଠ ନାଗରିକ ମହାସଂଘର କର୍ମକର୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଜିଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ମିଶାବନ୍ଦୀମାନଙ୍କୁ ଏହି ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତି ନିଆଯାଇଛି । ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ସୂଚନା ଅନୁଯାୟୀ ସକାଳ ୭.୪୫ ରୁ ୮.୩୦ ପର୍ଯ୍ୟନ୍ତ ଯୋଗାସନ, ୯.୧୫ ରୁ ୧୦.୧୫ ବରିଷ୍ଠମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା ଡାକ୍ତରମାନଙ୍କ ଦ୍ୱାରା କରାଯିବାର ବ୍ୟବସ୍ଥା ରହିଛି । ଏହାବ୍ୟତୀତ ଆଣ୍ଠୁଗଣ୍ଠି ଜନିତ ରୋଗ କାରଣରୁ ଚାଲିବାରେ କଷ୍ଟ ପାଉଥିବା ବରିଷ୍ଠମାନଙ୍କୁ ନି କେପ୍, ଆଖି ବାଡି ପ୍ରଦାନ କରାଯିବ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ଜନପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯିବ । ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ସରୋଜ ଦତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ନାୟକଙ୍କ ସହ ଶିକ୍ଷା, ସ୍ୱାସ୍ଥ୍ୟ, ସମାଜମଙ୍ଗଳ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଏହାବ୍ୟତୀତ ଜିଲା ବରିଷ୍ଠ ନାଗରିକ ମହାସଂଘର ସଭାପତି କଳାଚେନ୍ଦୁ ମହାନ୍ତି, ସଂପାଦକ କୈଳାସ ମହାପାତ୍ର, ପଦ୍ମନ ରାୟ, ରାଧାରାଣୀ ମହାପାତ୍ର, ଇନ୍ଦ୍ରମଣି ପଣ୍ଡା, ସୁଧାକର ରାଉତ, ଚିତ୍ତରଞ୍ଜନ ମହାନ୍ତି, ଡାକ୍ତର ଭଗବାନ ପରିଡା ପ୍ରମୁଖ ସଂଘର କର୍ମକର୍ତାମାନେ ଯୋଗ ଦେଇଥିଲେ ।

ସର୍ଟସର୍କିଟ ହୋଇ ହୋଟେଲ କାଜଲରେ ଅଗ୍ନିକାଣ୍ଡ

ଟାଙ୍ଗୀ ଚୌଦ୍ୱାର, ୨୪/୦୯ (ଆ.ପ୍ର) : କଟକ ଜିଲ୍ଲା ମଙ୍ଗୁଳି ରେଳ ଷ୍ଟେସନ ନିକଟରେ ଥିବା ହୋଟେଲ କାଜଲରେ ନିଆଁ ଲାଗି ବହୁ ମୂଲ୍ୟବାନ ଜିନିଷ ପୋଡି ପାଉଁଶ ହୋଇଯାଇଛି । ଶକ୍ତି ହୋଟେଲ ପାଖରେ ଥିବା ହୋଟେଲ କାଜଲ ସବୁ ଦିନ ଭଳି ଆଜି ମଧ୍ୟ ଅପରାହ୍ନରେ ୪ଟା ସମୟରେ ହୋଟେଲ ବନ୍ଦ କରି ଘରକୁ ଯାଇଥିବା ସମୟରେ ହୋଟେଲ ପାଖରେ ଥିବା ଦୋକାନୀ ମାନେ କାଜଲ ହୋଟେଲ ଭିତରୁ ଧୂଆଁ ବାହାରୁ ଥିବା ଦେଖି ଅଗ୍ନିଶମ ବାହିନୀକୁ ଫୋନ୍ କରି ଜଣାଇବା ପରେ ଦମକଳ ଗାଡି ଆସିବା ଡେରି ହେବାରୁ ପାଖ ଦୋକାନୀ ଭାଇ ମାନେ ମିଶି ତୁରନ୍ତ କବାଟ ଭାଙ୍ଗି ନିଆଁକୁ ଆୟତ କରିଥିଲେ । ଦୋକାନ ଭିତରେ ଥିବା ଫ୍ରିଜ ଓ ଖାଦ୍ୟ ସାମଗ୍ରୀ ଜଳି ପୋଡି ପାଉଁଶ ହୋଇଯାଇଛି ସର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଛି ବୋଲି ଦୋକାନୀ ଭାଇମାନେ କହିଛନ୍ତି । ପାଖ ଦୋକାନୀ ଭାଇମାନଙ୍କର ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ ଧରଣର ଅଗ୍ନିକାଣ୍ଡରୁ ରକ୍ଷା ପାଇଗଲା ବୋଲି ଅଂଚଳବାସୀ ମତ ରଖିଛନ୍ତି ।

ନାଚୁଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ମାନଙ୍କୁ ନେଇ ବୈଠକ

ଚିଲିକା/ବାଣପୁର, ୨୪/୦୯ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଠାରେ ଅବସ୍ଥିତ ନାଚୁଣୀ ଉଚ୍ଚ ମାଧ୍ୟମିକ ମାଧ୍ୟମିକ ବିଦ୍ୟାଳୟ ସଭା ଗୃହରେ ଅଧ୍ୟକ୍ଷା ସଂଘମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅଭିଭାବକ ଓ ଅଧ୍ୟାପକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା ଓ ପାଠପଢ଼ାକୁ ଦୃଷ୍ଟିରେ ରଖି ମୋବାଇଲ ଫୋନ ସମ୍ପୂର୍ଣ୍ଣ ବାରଣ କରାଯାଇଛି, ପ୍ରତ୍ୟେକ ଛାତ୍ରଛାତ୍ରୀ ନିୟମିତ କ୍ଲାସ କରିବେ ଏବଂ ଉପସ୍ଥାନ ଠିକ୍ ରଖିବେ । ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ପିଲାଙ୍କର ଉନ୍ନତ ମାନର ଶିକ୍ଷା ଗ୍ରହଣ ସହ ମହାବିଦ୍ୟାଳୟର ବିକାଶ ସମେତ ବହୁ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ଗୋଲକ ବିହାରୀ ବାରୀକ, ଶିକ୍ଷା ବିଭାଗ ମୁଖ୍ୟ ଅଶୋକ କୁମାର ହୋତାଙ୍କ ସମେତ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ଭାଗନେଇ ଥିଲେ । ଶେଷରେ ଉପସ୍ଥିତ ଥିବା ଅଭିଭାବକ ବୁଦ୍ଧିଜୀବୀ ଓ କର୍ମଚାରୀ ମାନଙ୍କୁ ଅଧ୍ୟାପକ ପ୍ରଦୀପ୍ତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

ନୂଆପଡ଼ାରେ ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥା ସମୀକ୍ଷା କଲେ ଜିଲ୍ଲାପାଳ

ନୂଆପଡା, ୨୪/୦୯ (ଆ.ପ୍ର) : ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଆଜି ଜିଲ୍ଲାରେ ଚାଲିଥିବା ଜଳ ଯୋଗାଣ ଏବଂ ପରିମଳ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ । ବୈଠକରେ ଜଳ ଯୋଗାଣ ବ୍ୟବସ୍ଥା, ହର ଘର ଜଳ ପ୍ରମାଣପତ୍ର ସହିତ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥାର ଉପଯୁକ୍ତ ରକ୍ଷଣାବେକ୍ଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅକ୍ଟୋବର ୨୫ ସୁଦ୍ଧା ସମସ୍ତ ୧୩୧ ଟି ଗ୍ରାମ ପଂଚାୟତରେ ପାନୀୟ ଜଳ ଦେୟ ସଂଗ୍ରହ ଆରମ୍ଭ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । 'ପାଇପ୍ ଜଳ ଯୋଗାଣ ଯୋଜନାଗୁଡ଼ିକର ସୁଗମ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ପାଇଁ ପାନୀୟ ଜଳ ଦେୟ ସଂଗ୍ରହ ଅତ୍ୟନ୍ତ ଜରୁରୀ,' ସେ କହିଥିଲେ ।ସେ ଆହୁରି ନିର୍ଦ୍ଦେଶ ଦେଇଥିଲେ ଯେ ସେପ୍ଟେମ୍ବର ୨୭ ତାରିଖରେ ବିଶ୍ୱ ପର୍ଯ୍ୟଟନ ଦିବସ ଜିଲ୍ଲାର ସମସ୍ତ ପର୍ଯ୍ୟଟନ ସ୍ଥଳରେ ସ୍ୱଚ୍ଛତା ଅଭିଯାନ ସହିତ ପାଳନ କରାଯିବ । ପରିମଳ ସୁବିଧାକୁ ସୁଦୃଢ଼ କରି ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା କରିବା ପାଇଁ, ଜିଲ୍ଲାପାଳ ଅକ୍ଟୋବର ଶେଷ ସୁଦ୍ଧା ସମସ୍ତ ଗ୍ରାମ ପଂଚାୟତରେ ବର୍ଜ୍ୟ ବ୍ୟାଙ୍କ ସ୍ଥାପନ କରିବାକୁ କହିଥିଲେ । ଗ୍ରାମ ସ୍ତରରେ ଉତମ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିମଳ ପାଇଁ ପ୍ରତ୍ୟେକ ପଂଚାୟତରେ ପରିମଳ କର୍ମଚାରୀମାନଙ୍କୁ ନିୟୋଜିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଆଜିର ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆଙ୍କ ସହିତ ଜଳ ଯୋଗାଣ ଓ ପରିମଳ ବିଭାଗର ସମସ୍ତ ଯନ୍ତ୍ରୀ ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

ପଂଚାୟତସ୍ତରୀୟ ଶିଶୁ ସୁରକ୍ଷା ସମିତି ବୈଠକ

ବୋଡେନ, ୨୪/୦୯ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ବୋଡ଼େନ ବ୍ଲକର ପଂଚାୟତ ଠାରେ ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଅଛି । ଏହି ବୈଠକରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ଼. ଫାଣିନ୍ଦମ ଦେଓ ଯୋଗ ଦେଇ ପଂଚାୟତସ୍ତରରେ ଶିଶୁ ମଙ୍ଗଳ ସମିତି କାର୍ଯ୍ୟ କଲେ ଶିଶୁଙ୍କ ଅଧିକାର ପ୍ରଦାନରେ ବାଧା ସୃଷ୍ଟି ହେବ ନାହିଁ । ତେଣୁ ପଂଚାୟତସ୍ତରୀୟ ଏହି ୟୁନିଟ କାର୍ଯ୍ୟ କରିବାକୁ ଆହ୍ୱାନ କରି ଆଗାମୀ ଦିନରେ ନିଜ ପଂଚାୟତର ଶିଶୁଙ୍କ ମଙ୍ଗଳ ଓ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଉପସ୍ଥିତ ବ୍ୟକ୍ତିଙ୍କୁ ବୁଝାଇ ଥିଲେ ।

ଛାତରୁ ଖସୁଛି ସିମେଂଟ ଛେଲା, ଅସୁରକ୍ଷିତ କୋଠାରେ ଚାଲିଛି ସମନ୍ୱିତ ଶିଶୁ ବିକାଶ ସେବା

ଗଣିଆ, ୨୪/୦୯ (ଆ.ପ୍ର) : ବିଭାଗୀୟ କାର୍ଯ୍ୟାଳୟ ଗୁଡିକୁ ସରସ ସୁନ୍ଦର କରିବା ପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା ।କେଉଁଠି ନୂଆ ଗୃହ ନିର୍ମାଣ ହେଉଛି ତ ଆଉ କେଉଁଠି ରଙ୍ଗ ମାରି ଚକାଚକ କରାଯାଉଛି । ଅନାବଶ୍ୟକ ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଗୃହ ଗୁଡିକ ବ୍ୟବହୃତ ନହୋଇ ଖତ ଖାଉଛି । କିନ୍ତୁ ଆବଶ୍ୟକ ସ୍ଥାନରେ ଅସୁରକ୍ଷିତ ଭଙ୍ଗା ଦଦରା ଘରେ ଚାଲିଛି କାର୍ଯ୍ୟାଳୟ । ଗଣିଆ ବ୍ଲକ ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟାଳୟ କଥା ନକହିବା ଭଲ । କମ୍ପୁଟର ରୁମରେ ଡାଟା ଏଂଟ୍ରି ଅପରେଟର ବସୁଥିବା ଘରର ଛାତରୁ ସିମେଂଟ ଛେଲା ଖସୁଥିବା ଦେଖିବାକୁ ମିଳିଛି । ଛାତରୁ ସିମେଂଟ ଖସି ଛଡ ଦେଖାଗଲାଣି । ନିଜେ ସିଡିପିଓ ବସୁଥିବା କାର୍ଯ୍ୟାଳୟ ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡିଛି । କେତେ ବେଳେ ଯେ ସିମେଂଟ ଛେଲା କାହା ଉପରେ ପଡି କିଛି ଅଘଟଣ ନଘଟିବ କହି ହେବ ନାହିଁ । ସେହି ଅସୁରକ୍ଷିତ ଘରେ ଦୟନୀୟ ଅବସ୍ଥାରେ ବିଭାଗ ଚାଲୁଥିଲେ ମଧ୍ୟ ଏଥିପ୍ରତି କେହି ବି ଦୃଷ୍ଟି ଦେଉନାହାନ୍ତି । ସମନ୍ୱିତ ଶିଶୁ ବିକାଶ ଯୋଜନାରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ଅନେକ ସମୟରେ ଏଠାରେ ସଭା ସମିତି ମଧ୍ୟ କରୁଛନ୍ତି । ତେବେ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

ବ୍ରହ୍ମପୁର–ସୁରଟ ମଧ୍ୟରେ ଚାଲିବ ଅମୃତ ଭାରତ ଏକ୍ସପ୍ରେସ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ମୋଦୀ

ଭୁବନେଶ୍ୱର, ୨୪/୦୯ (ପି.ଆଇ.ବି) : ଓଡିଶାର ବ୍ରହ୍ମପୁରରୁ ଗୁଜରାଟର ସୁରଟ (ଉଧନା) ସହିତ ସଂଯୋଗ କରୁଥିବା "ଅମୃତ ଭାରତ ଏକ୍ସପ୍ରେସ"କୁ ୨୭ ସେପ୍ଟେମ୍ବର ୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହାର ଉଦଘାଟନୀ ଯାତ୍ରାରେ, ଏହି ଟ୍ରେନ୍ ୨୭ ସେପ୍ଟେମ୍ବର ୨୦୨୫ରେ ମଧ୍ୟାହ୍ନ ୧୨ ଘଟିକା ସମୟରେ ବ୍ରହ୍ମପୁର ରେଳଷ୍ଟେସନରୁ ଶୁଭାରମ୍ଭ କରାଯିବ । ଏହି ଟ୍ରେନର ନିୟମିତ ସେବା ପାଇଁ ସମୟ ସୂଚୀ ଶୀଘ୍ର ଘୋଷଣା କରାଯିବ । ନିମ୍ନ-ମଧ୍ୟମ ବର୍ଗୀୟ ଗଞ୍ଜାମବାସୀଙ୍କ ପାଇଁ ବିଶେଷ ଲାଭ: ଏହି ସେବା ସୁରଟ ଏବଂ ଏହାର ଆଖପାଖରେ କାମ କରୁଥିବା ବ୍ରହ୍ମପୁର ଏବଂ ଗଞ୍ଜାମ ଜିଲ୍ଲାର ଅନେକ ଶ୍ରମିକଙ୍କ ପାଇଁ ବିଶେଷ ଲାଭଦାୟକ ହେବ । ଏହା ସେମାନଙ୍କୁ ଫେରିବା, ପାରିବାରିକ ଯାତ୍ରା ଓ ଅନ୍ୟାନ୍ୟ ଯାତ୍ରା ପାଇଁ ସୁରକ୍ଷିତ ଅଧିକ ଦ୍ରୁତ ଏବଂ ଆରାମଦାୟକ ଯାତ୍ରା ପ୍ରଦାନ କରିବ । ଏହା ସଂଯୋଗୀକରଣରେ ଉନ୍ନତି ଆଣିବା ସହ ଅଧିକ ନିର୍ଭରଯୋଗ୍ୟ ଯାତ୍ରା ପ୍ରଦାନ କରି, ସୁବିଧା ବୃଦ୍ଧି ଓ ସାମାଜିକ-ଆର୍ଥିକ କଲ୍ୟାଣରେ ଅବଦାନ ରଖିବ । ଏହି ନୂତନ ଅମୃତ ଭାରତ ଏକ୍ସପ୍ରେସକୁ ଆଧୁନିକ ସୁବିଧା ଏବଂ ସୁରକ୍ଷା ବୈଶିଷ୍ଟ୍ୟ ସହିତ ଡିଜାଇନ୍ କରାଯାଇଛି, ବିଶେଷକରି ଅଣ-ଏସି/ସ୍ଲିପର/ସାଧାରଣ ଶ୍ରେଣୀର ଯାତ୍ରୀମାନଙ୍କ ପାଇଁ । ଏହାର କିଛି ବୈଶିଷ୍ଟ୍ୟଗୁଡିକ ହେଉଛି: ସାଧାରଣ (ଅଣସଂରକ୍ଷିତ) ଏବଂ ସ୍ଲିପର ଶ୍ରେଣୀର କୋଚ୍ ସହିତ ଏକ ସମ୍ପୂର୍ଣ୍ଣ ଅଣ-ଏସି ଟ୍ରେନ୍, ଏହା ସହିତ ଏକ ପ୍ୟାଂଟ୍ରି କାର୍ ଏବଂ ଏକ ଗାର୍ଡ/ଦିବ୍ୟାଙ୍ଗ ସହିତ ଗାର୍ଡ୍ କମ୍ ଲଗେଜ୍ ଭ୍ୟାନ କୋଚ । ସୁବିଧାଜନକ ଅଭ୍ୟନ୍ତରୀଣ ଡିଜାଇନ୍ – ସିଟ୍ ଏବଂ ବର୍ଥର ଉନ୍ନତ ଡିଜାଇନ୍, 'ବନ୍ଦେ ଭାରତ ସ୍ଲିପର' ପରି ଲାଇନରେ ଅଧିକ ଆରାମଦାୟକ ଲୁକ୍ ସହିତ ଏବଂ ଅନୁଭବ ପ୍ରଦାନ କରେ । ଏହା ଅର୍ଦ୍ଧ-ସ୍ୱୟଂଚାଳିତ / ଅର୍ଦ୍ଧ-ସ୍ଥାୟୀ କପଲର୍ ଆରମ୍ଭ / ବନ୍ଦ କରିବା ସହଜ ହୋଇ ଯାତ୍ରାକୁ ଆରାମଦାୟକ କରିଥାଏ । ପୁଶ-ପୁଲ୍ ଅପରେସନ୍: ଟ୍ରେନର ଦୁଇ ପ୍ରାନ୍ତରେ ଇଞ୍ଜିନ୍, ଯାହାର ଗତି, ବ୍ରେକିଂ ଓ ଟର୍ନଆରାଉଣ୍ଡ ସୁଧାର ଉପଲବ୍ଧ । ସୁରକ୍ଷା ସୁବିଧା ଗୁଡ଼ିକ ହେଉଛି ; ଦୁର୍ଘଟଣା ପ୍ରତିରୋଧ କୋଚ୍ ଡିଜାଇନ୍ , ସମସ୍ତ କୋଚ୍ ଓ ଲଗେଜ୍ ରୁମରେ ସିସି ଟିଭି କ୍ୟାମେରା, ଟଏଲେଟ୍ ଓ ବିଦ୍ୟୁତ୍ କକ୍ଷରେ ଅଗ୍ନି-ନିରୋଧକ ବ୍ୟବସ୍ଥା, ଇପି ଆଧାରିତ ବ୍ରେକ୍ ସିଷ୍ଟମ୍, ଯାତ୍ରୀ ଓ ଗାର୍ଡ/ଟ୍ରେନ୍ ମ୍ୟାନେଜର୍ ମଧ୍ୟରେ ଇମର୍ଜେନ୍ସି ଟକ୍-ବ୍ୟାକ୍ ସିଷ୍ଟମ୍, ୟୁଏସବି ଟାଇପ- ଏ ଓ ଟାଇପ- ସି ଚାର୍ଜିଂ ପଏଂଟ୍, ଉନ୍ନତ ଧରଣର ଟଏଲେଟ୍ (ମୋଡ୍ୟୁଲାର୍ ଡିଜାଇନ୍, ପାଣି ସେନ୍ସ, ହାଇଜିନ୍), ସୁବିଧାରେ ଚଳପ୍ରଚଳ ପାଇଁ ସୁରକ୍ଷିତ ଗ୍ୟାଙ୍ଗୱେ, କ୍ୱିକ୍-ରିଲିଜ୍ ମେକାନିଜମ୍, ସ୍ନାକ୍ ଟେବୁଲ୍, ବୋତଲ୍ ହୋଲ୍ଡ, ଏଲଇଡି ଲାଇଟ୍, ସୁଧାରିତ ସିଡ଼ି ସହିତ ପ୍ରତି ବର୍ଥ କୁ ଯିବା ପାଇଁ ସୁବିଧା ଓ ସୁରକ୍ଷିତ ସରଞ୍ଜାମ । "ଅମୃତ ଭାରତ ଏକ୍ସପ୍ରେସ"ର ଲକ୍ଷ୍ୟ ସାଧାରଣ ଓ ନିମ୍ନ-ମଧ୍ୟମ ବର୍ଗୀୟ ଯାତ୍ରୀଙ୍କୁ ସୁବିଧାଜନକ ଯାତ୍ରା ଦେବା । ଅଧିକ ସୁବିଧା କିନ୍ତୁ ନିୟନ୍ତ୍ରିତ ଭଡ଼ା ସହିତ ଏହି ଟ୍ରେନ୍ ସାମାଜିକ-ଆର୍ଥିକ ସମାବେଶୀତାର ପ୍ରତୀକ । ଓଡିଶା-ଗୁଜରାଟ ସଂଯୋଗକୁ ସୁଦୃଢ କରିବ: ଏହି ନୂଆ ସେବା ଓଡିଶା ଓ ଗୁଜରାଟ ମଧ୍ୟରେ ସାମାଜିକ ଓ ଆର୍ଥିକ ସମ୍ପର୍କକୁ ଆହୁରି ସୁଦୃଢ କରିବ । ବିଶେଷତଃ ବ୍ରହ୍ମପୁର ଏବଂ ଗଞ୍ଜାମର ନିମ୍ନ-ମଧ୍ୟମ ବର୍ଗୀୟ ଯାତ୍ରୀ ସମ୍ପ୍ରଦାୟ ପାଇଁ ଏହା ଏକ ଜୀବନ-ରେଖା ସାବ୍ୟସ୍ତ ହେବ । ଯାହା ସେମାନଙ୍କୁ ଘର ଓ କାର୍ଯ୍ୟକ୍ଷେତ୍ର ସହିତ ସୁବିଧାଜନକ ଏବଂ ଆର୍ଥିକ ଲାଭ ପ୍ରଦାନ କରିବ ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପକ୍ସୋ ଆଇନ ସଚେତନତା ଶିବିର

ଜି.ଉଦୟଗିରି, ୨୪/୦୯ (ଆ.ପ୍ର) : ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ତାଲୁକା ଆଇନ ସେବା ସମିତି, ଜି.ଉଦୟଗିରି ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ପ୍ରଧାନ ଶିକ୍ଷକ ମଳୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି ଶିବିରଟି ଅନୁଷ୍ଠିତ ହୋଇଅଛି । ଏହି ଶିବିରରେ ମୁଖ୍ୟ ଅତିଥି ରୂପେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଦୀପା ଦାଶ ତଥା ଉପଖଣ୍ଡ ସ୍ତରୀୟ ପୋଲିସ ଅଧିକାରୀ ବିଜୟ କୁମାର ବିଶି, ସବ ଇନିସ୍ପେକଟର ରଞ୍ଜିତା ବେହେରା, ବରିଷ୍ଠ ଆଇନଜୀବୀ କମଳ କୁମାର ରାୟ, ପୁଷ୍ପ ଶ୍ରୀ ରାଉତରାୟ, କୃତାଂଜଳି ନାୟକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗଣ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଗଣ ବିଶେଷ ଭାବରେ ପକ୍ସୋ ଆଇନ ଏବଂ ପୀଡ଼ିତାର ସହାୟତା ସମ୍ବନ୍ଧୀୟ ସରକାରୀ ନିୟମାବଳୀ ଉପସ୍ଥାପନା କରିଥିଲେ ଏବଂ ବାଳିକା ମାନଙ୍କର ସୁରକ୍ଷା ଓ ସଚେତନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

କଳିଙ୍ଗ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ

ଜି.ଉଦୟଗିରି, ୨୪/୦୯ (ଆ.ପ୍ର) : ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଦିବସ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ ନଳିନୀ କୁମାର ପାଣିଗ୍ରାହୀ ଯୋଗଦେଇ ଜାତୀୟ ସେବା ଯୋଜନାରେ ନିଷ୍ଠାପର କାର୍ଯ୍ୟ କରିବାକୁ ସ୍ୱେଚ୍ଛାସେବୀ ମାନଙ୍କୁ ଆହ୍ୱାନ ଦେଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀର ଅନ୍ୟତମ ସଦସ୍ୟ ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆ ଜାତୀୟ ସେବା ଯୋଜନାର ମହତ୍ୱ ସମ୍ପର୍କରେ ଅଭିଭାଷଣ ଦେଇଥିଲେ । ବରିଷ୍ଠ ଅଧ୍ୟାପିକା ସୁପ୍ରିୟା ମହାନ୍ତି ଜାତୀୟ ସେବା ଯୋଜନାର ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଗିରିଶ କୁମାର ମୁଠାମାଝି ଓ କାର୍ଯ୍ୟକ୍ରମର ସଫଳତା ପାଇଁ ଜାତୀୟ ସେବା ଯୋଜନାର ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ଡ଼ ରାଜେଶ ବାର୍ ତଥା ଅଧ୍ୟାପକ ଆବେଦ ମଣ୍ଡଳ ଅଂଶଗ୍ରହଣ କରିବା ସହିତ ଛାତ୍ରଛାତ୍ରୀ ତଥା କର୍ମଚାରୀ ଗଣ ଉପସ୍ଥିତ ଥିଲେ ।

ମା'ଙ୍କ ନିକଟରେ ପାର୍ବଣରେ ହୁଏ ନିରାମିଷ ଭୋଗ

ନିମାପଡ଼ା, ୨୪/୦୯ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଭୋଦର ପଂଚାୟତ ବିଶିମାତ୍ରୀ ଗ୍ରାମରେ ପୂଜା ପାଉଛନ୍ତି ମା ହରଚଣ୍ଡୀ । ମା'ଙ୍କ ମନ୍ଦିରଟି ଭଦ୍ରେଶ୍ୱର ଶମ୍ଭୁ (ହର) ମନ୍ଦିରର ଉତର ପାଶ୍ୱରେ ଅବସ୍ଥିତ ହୋଇ ଥିବାରୁ ମା'ଙ୍କ ନାଁ ହରଚଣ୍ଡି ବୋଲି କୁହାଯାଇଥାଏ । ତେବେ ଏହା କ୍ଲୋରାଇଟ ପଥର ରେ ନିର୍ମିତ ମନସା ଦେବୀଙ୍କ ଏକ ଚତୁର୍ଭୁଜା ପ୍ରତିମୂର୍ତ୍ତି ଓ ଏହା ସୋମବଂଶୀ ଶାସନ ସମୟ (୯ ମ ରୁ ୧୦ ମ)ର ବୋଲି ଐତିହାସିକ ସ୍ୱର୍ଗତ ଶ୍ୟାମ ସୁନ୍ଦର ତ୍ରିପାଠୀ ତାଙ୍କଗବେଷଣାତ୍ମକ ଗ୍ରନ୍ଥ 'ବୁଦ୍ଧିଜୀମ ଆଣ୍ଡ ଅଦର ରିଲିଜିଅସ କଲ୍ଟ ଅଫ ସାଉଥ ଇଷ୍ଟ ଇଣ୍ଡିଆ'ରେ ପ୍ରକାଶ କରିଛନ୍ତି । ମନ୍ଦିରର ପୂଜକ ରୁଦ୍ର ନାରାୟଣ ପଣ୍ଡାଙ୍କ ସୁଚନା ଅନୁସାରେ ଆଶ୍ୱିନ ମାସ ମୂଳାଷ୍ଟମୀ ତିଥି ରେ ମା ଙ୍କ ସ୍ନାନ, ମାର୍ଜଣା ନୀତି ଅନୁଷ୍ଠିତ ହେବା ସହିତ ମନ୍ଦିର ଗର୍ଭ ଗୃହ ରେ ପୂର୍ଣ୍ଣ କୁମ୍ଭ ସ୍ଥାପନା କରାଯାଇଥାଏ । ଏହି ପୂର୍ଣ୍ଣ କୁମ୍ଭ ମା'ଙ୍କ ମନ୍ଦିର ଗର୍ଭ ଗୃହ ରେ ସ୍ଥାପନା ହେବା ପରେ ଷୋଳ ପୂଜା ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ଶକ୍ତି ପୀଠ ମାନଙ୍କରେ ପାର୍ବଣ ପୂଜା ରେ ଆମିଷ ଭୋଗ ଲାଗି ହେବା ପରମ୍ପରା ରହିଥିବା ବେଳେ ଏଠାରେ ମା'ଙ୍କ ମନ୍ଦିର ଟି ଶିବ ଶମ୍ଭୁଙ୍କ ମନ୍ଦିରର ଅତି ନିକଟରେ ଥିବାରୁ ଷୋଳପୂଜାର ପ୍ରତିଦିନ ଏଠାରେ ମା'ଙ୍କୁ ନିରାମିଷ ଭୋଗ ଲାଗି ହୋଇଥାଏ ବୋଲି ପୂଜକ ମାନେ ପ୍ରକାଶ କରିଛନ୍ତି । ଗ୍ରାମର ୨୬ ସେବକ ପରିବାର ପାଳିରେ ମା'ଙ୍କ ନିକଟରେ ପାର୍ବଣ ଭୋଗ ଲାଗି କରିଥାନ୍ତି । ପ୍ରତିଦିନ ମା'ଙ୍କ ପାଖରେ ସପ୍ତସତୀ ଚଣ୍ଡୀ ପାଠ ଅନୁଷ୍ଠିତ ହୋଇଥାଏ । ମହାଷ୍ଟମୀ ଦିନ ମନ୍ଦିର ରେ ହୋମ କରାଯାଇ ବେଲପତ୍ର ଆହୁତି ଦିଆ ଯାଇଥାଏ ଓ ସମୂହ ଗ୍ରାମବାସୀଙ୍କ ପକ୍ଷରୁ ଜନ୍ତାଳ ଭୋଜି ଅନୁଷ୍ଠିତ ହୋଇଥାଏ । ଦଶହରା ବିଜୟା ଦଶମୀ ଦିନ ମା ଙ୍କୁ ଏକ ଶୋଭାଯାତ୍ରାରେ ନିଆଯାଇ ମନ୍ଦିରର ପଶ୍ଚିମ ପାଶ୍ୱ ରେ ଥିବା ଦଶହରା ମଣ୍ଡପରେ ବିଜେ କରା ଯାଇଥାଏ । ସେଠାରେ ଗ୍ରାମବାସୀ ଓ ଶ୍ରଦ୍ଧାଳୁ ଭକ୍ତମାନେ ମାଙ୍କ ନିକଟରେ ବିଭିନ୍ନ ପ୍ରକାରର ପିଠା ପଣା, ଫଳ,ମୂଳ ଭୋଗ ଲାଗି କରିଥାନ୍ତି । ବିଳମ୍ବିତ ରାତିରେ ମା'ଙ୍କୁ ଶୋଭାଯାତ୍ରାରେ ଅଣାଯାଇ ମନ୍ଦିରରେ ପ୍ରବେଶ କରାଯିବା ପରେ ମନ୍ଦିରର ଗର୍ଭ ଗୃହରେ ସ୍ଥାପନା ହୋଇଥିବା ପୂର୍ଣ୍ଣ କଳସକୁ ମନ୍ଦିର ପୁଷ୍କରିଣୀରେ ବିସର୍ଜନ କରା ଯାଇଥାଏ । ଶେଷ ହୋଇଥାଏ ଆଶ୍ୱିନ ମାସ ମୂଳାଷ୍ଟମୀ ତିଥି ଠାରୁ ଆରମ୍ଭ ହୋଇ ଥିବା ମା ହରଚଣ୍ଡୀଙ୍କ ଶାରଦୀୟ ପାର୍ବଣ ପୂଜା ।

ପ୍ରଭାବୀ ଶିକ୍ଷକ ଶିକ୍ଷଣ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଟାଙ୍ଗୀ- ଚୌଦ୍ୱାର, ୨୪/୦୯ (ଆ.ପ୍ର) : ଟାଙ୍ଗୀ- ଚୌଦ୍ୱାର ବ୍ଲକ ମଣିଆ ସ୍ଥିତ ଡିଏଭି ପଦ୍ମାବତୀ ପବ୍ଲିକ ସ୍କୁଲ ତରଫରୁ ପ୍ରଭାବୀ ଶିକ୍ଷକ ଶିକ୍ଷଣ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ବିନୋଦିନୀ ଦାଶଙ୍କ ପୃଷ୍ଠପୋଷକତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶିକ୍ଷାବିଭାଗର ପ୍ରାକ୍ତନ ଡିନ୍ ପ୍ରଫେସର ଡକ୍ଟର ବିମଳ ଚରଣ ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦଘାଟନ କରିଥିଲେ । ପରେ ଏକବିଂଶ ଶତାବ୍ଦୀ ଓ ବିକଶିତ ଭାରତ ଲକ୍ଷ୍ୟପ୍ରାପ୍ତି କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ସ୍ୱାଇଁ ପ୍ରଶିକ୍ଷଣ ଦେଇଥିଲେ । ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରଫେସର ବିମଳ ଚରଣ ସ୍ୱାଇଁ, ଲାଲା ଲଜପତ୍ ରାୟ ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷା ନିହାରିକା ଶତ୍ପଥୀ ଓ ଡିଏଭି ପବ୍ଲିକ ସ୍କୁଲ, ରାଜାବଗିଚାର ଅଧ୍ୟକ୍ଷା ସୁଜାତା ମିଶ୍ର ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ କାଳରେ ଏକବିଂଶ ଶତାବ୍ଦୀର ବିଦ୍ୟାର୍ଥୀଙ୍କ ବ୍ୟକ୍ତିତ୍ୱ ନିର୍ମାଣ ଦିଗରେ ଶିକ୍ଷକ କିପରି ପ୍ରଭାବୀ ପ୍ରୋତ୍ସାହକ ଭୂମିକାରେ ଅବତୀର୍ଣ୍ଣ ହେବା ସର୍ବୋପରି ଗ୍ରହଣୀୟ ଅଟେ ସେ ସମ୍ପର୍କରେ ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅନିନ୍ଦିତା ଘୋଷ ପରିଚାଳନା କରିଥିବା ବେଳେ ଇଂରାଜୀ ବିଭାଗର ଶିକ୍ଷକ ସାତ୍ୱିକ କୁମାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିକ୍ଷଣ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ କଟକରେ ଅବସ୍ଥିତ ସମସ୍ତ ଡିଏଭି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ ପ୍ରଶିକ୍ଷାର୍ଥୀ ଭାବରେ ଯୋଗଦେଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

ସେବାପକ୍ଷ ଅବସରରେ ବିଶାଳ ରକ୍ତଦାନ ଶିବିରଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାସୁଦେବ ପୁର, ୨୪/୦୯ (ଆ.ପ୍ର) : ଭାରତର ପରମ ଆଦରଣୀୟ ପ୍ରଧାନମନ୍ତ୍ରୀ ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଜିଙ୍କ ଜନ୍ମଦିନ ଅବସରରେ ଆଜି ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାସୁଦେବ ପୁର ନାଳମଣି ଟାଉନ ହଲ ଠାରେ ସେବାପକ୍ଷ ଅବସରରେ ବିଶାଳ ରକ୍ତ ଦାନ ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ରକ୍ତଦାନ ଏକ ମହତ ଦାନ,ଏଥିରେ ଯୋଗଦାନ କରି ଥିଲେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବ ପୁର ନିର୍ବାଚନ ମଣ୍ଡଳୀ ବିଧାନ ସଭାନେତା ବାଣୀ କଲ୍ୟାଣ ମହାନ୍ତି,ବିଜେପି ବରିଷ୍ଠ ନେତା ଡକ୍ଟର ରମାକାନ୍ତ ଖୁଂଟିଆ ରକ୍ତତୀର୍ଥ ମଣ୍ଡଳର ସଭାପତି ବିଜୟ କୁମାର ମାଝୀ, ପଦ୍ମପୁର ମଣ୍ଡଳ ସଭାପତି ଲିଙ୍କନ ଦଳାଇ, ବେତଡା ମଣ୍ଡଳ ସଭାପତି ଅମରେନ୍ଦ୍ର ନାୟକ, ଚାନ୍ଦିମାଳ ମଣ୍ଡଳ ସଭାପତି ଶ୍ରୀଯୁକ୍ତ ଜଗବନ୍ଧୁ ମଲ୍ଲିକ, ନାଇକାଣିଡିହି ମଣ୍ଡଳ ସଭାପତି ଅମର ଦାସ, ଅସିତ କୁମାର ଦାସ,ମାନସ କୁମାର ନାୟକ, ମନୋରଞ୍ଜନ ପାତ୍ର, ବଳରାମ ନାୟକ, ନିର୍ମଳ କୁମାର ପଣ୍ଡା, ବିଜୟ କୁମାର ବିଶ୍ୱାଳ, ଅନାଦି ବେହେରା, ଅଜୟ ନାୟକ, ଉମାକାନ୍ତ ଡାଙ୍ଗୁଆ, ସତ୍ୟନାରାୟଣ ଦାସ,ରମେଶ ପଡେଇ , କିଶୋର କୁମାର ଜେନା,ଙ୍କ ସମେତ ବିଜେପି ଦଳ କର୍ମୀକର୍ତ୍ତା ମାନେ ଉପସ୍ଥିତ ଥିଲେ ।

ଦେଶୀ ଓ ବିଦେଶୀ ମଦ ଜବତ

ପାରଳାଖେମୁଣ୍ଡି, ୨୪/୦୯ (ଆ.ପ୍ର) :ଗଜପତି ଜିଲ୍ଲା ଗାରାବନ୍ଧ ଥାନା ଅନ୍ତର୍ଗତ ବଡ ହଂସା ଏବଂ ପାରଳାଖେମୁଣ୍ଡି ଥାନା ଅଧିନସ୍ଥ ଦେବିତୀ ଗ୍ରାମରେ ଅବକାରୀ ଭିଜିଲାନ୍ସ ବିଭାଗର ଅଧୀକ୍ଷକ ସ୍ମୃତିକାନ୍ତ ରାଉତଂକ ନେତୃତ୍ୱରେ ଚଢ଼ାଉ କରାଯାଥିଲା । ଉଭୟ ଗ୍ରାମରୁ ୪୭ ଲିଟରର ବିୟର ଓ ୧୯ ଲିଟରର ବିଦେଶୀ ମଦ ଜବତ କରାଯାଇଥିଲା । ଏ ବାବଦରେ କୃପାସିନ୍ଧୁ ଚୌଧୁରୀ(୫୨), ଭୀଷ୍ମାନନ୍ଦ ପୁରୀ(୪୨), କେ ରାମା(୪୦), ସୁଜୀତ ନାଗବଂଶ(୩୩),ଏ ରାମଲୁଆମ୍ମା(୬୦), ଜିଗୋରିଆମ୍ମା(୫୮) ଏବଂ ଭୁଦେବୀ ନାଗବଂଶ(୫୦)ଂଙ୍କୁ ଗିରଫ କରାଯାଇଛି ।ଏହି ଚଢ଼ାଉ ବେଳେ ଉକ୍ତ ବିଭାଗର ନାରାୟଣ ଜେନା, ଅଜିତ ନାୟକ, ନର୍ମଦା ନାହାକ ଏବଂ ଉମାରାଣୀ ମହାନ୍ତି ଉପସ୍ଥିତ ଥିଲେ ।

ପୋକ୍ସୋ ନିୟମ ଉପରେ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା, ୨୪/୦୯ (ଆ.ପ୍ର) : ମଙ୍ଗଳବାର ଦିନ ଅପରାହ୍ନ ୩ ଘଂଟା ସମୟରେ ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠରେ କଳାହାଣ୍ଡି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀଙ୍କ ଦ୍ୱାରା ଛାତ୍ର ଛାତ୍ରୀଙ୍କୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାପୀଠର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ କମିଟିର ସଦସ୍ୟ ଉପସ୍ଥିତ ରହିଥିଲେ । ସଚେତନତା କାର୍ଯ୍ୟକ୍ରମରେ ଚେୟାର ପର୍ସନ ବିମଳ କୁମାର ଚାନ୍ଦ ପି ଏଲ ଏ (ପିୟୁଏସ) କଳାହାଣ୍ଡି, ସ୍ନିଗ୍ଧା ପଣ୍ଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ, ରୂପ ସିଂ ରାଉତ, ରାଜେଶ କୁମାର ନାୟକ, ସଞ୍ଜୟ କୁମାର ବେହେରା, ଯଶୋବନ୍ତ ନାଏକ, ଅଭିଷେକ ଭୋଇ ଓ ମୀରା ପଣ୍ଡା ପୋକ୍ସୋ ନିୟମ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ ।

ରୋଗୀଙ୍କ ଜିବନ ସହ ଖେଳୁଛି ୧୦୮ ଆମ୍ବୁଲାନ୍ସ

କଳାହାଣ୍ଡି, ୨୪/୦୯ (ଆ.ପ୍ର) : ରୋଗୀଙ୍କ ବିପଦ ସମୟରେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରି ଲୋକେ ସହାୟତା ଆଶା କରିଥାନ୍ତି । କିନ୍ତୁ ୧୦୮ ଆମ୍ବୁଲାନ୍ସ ଯଦି ଅଧା ବାଟରେ ଧୋକା ଦିଏ, ତେବେ ରୋଗୀଙ୍କ ଅବସ୍ଥା କଣ ହେବ ତାହା ସହଜେ ଅନୁମେୟ । ଏଭଳି ଘଟଣା ଆଜି ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଭବାନିପାଟଣା ମୁଖ୍ୟ ଚିକିତ୍ସାଳୟ କୁ ଗୁରୁତର ରୋଗକୁ ନେଉଥିବା ୧୦୮ ଆମ୍ବୁଲାନ୍ସ ଅଧାବାଟରେ ଖରାପ ହେବା ଫଳ ରେ ରୋଗୀ ହନ୍ତସନ୍ତ ହୋଇଛନ୍ତି । କୁଟାଗାଁ ର ପୁଷ୍ପ ଲତା ଦାସଙ୍କୁ ଆଜି ସକାଳେ ଭୀଷଣ ଛାତି ଯନ୍ତ୍ରଣା ହେବା ଫଳରେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇ ଥିଲା । ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ଦେବାପରେ ଭବାନୀପାଟଣା ଶହୀଦ ରେଣ୍ଢୋମାଝୀ ଭିଷେକ ମହାବିଦ୍ୟାଳୟ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ । ହେଲେ ଗାଡିର ବ୍ରେକ୍ ପାଇପ୍ ଖଲିଆଭାଟା ନିକଟରେ ଫାଟିଯିବା ଫଳ ରେ ଗାଡି ଗଡି ନ ଥିଲା । ଫଳରେ ଦୀର୍ଘ ସମୟ ଅକ୍ସିଜେନ ଲାଗିଥିବା ରୋଗୀ ଗାଡିରେ ପଡି ରହିଥିଲେ । ପରେ କୋକସରାରୁ ଆମ୍ବୁଲାନ୍ସ ଆସି ରୋଗୀଙ୍କୁ ଭବାନୀପାଟଣା ଶହୀଦ ରେଣ୍ଢୋମାଝୀ ଭିଷେକ ମହିଳାବିଦ୍ୟାଳୟ ମୁଖ୍ୟ ଚିକିତ୍ସାଳୟ କୁ ନେଇଥିବା ଦେଖିବାକୁ ମିଳିଛି । ରୋଗୀଙ୍କ ଜୀବନ ରକ୍ଷା କରିବା ପାଇଁ ସରକାର ଆମ୍ବୁଲାନ୍ସ ସେବା ପ୍ରଦାନ କରୁଥିବା ବେଳେ ଏଠାରେ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଛି ଆମ୍ବୁଲାନ୍ସ । ଏହି ଘଟଣା ର ତଦନ୍ତ କରାଯାଉ ବୋଲି ଅତୁଲ ବାସି ଦାବି କରିଛନ୍ତି ।

ତୃତୀୟ ଦିନରେ ଜିପିଏଲଏଫ କର୍ମୀଙ୍କ ଗଣଧାରଣା

ଦଶପଲ୍ଲା, ୨୪/୦୯ (ଆ.ପ୍ର) : ତୃତୀୟ ଦିନରେ ପହଁଚିଲା ଜିପିଏଲଏଫ କର୍ମୀମାନଙ୍କ ଗଣଧାରଣା । ଦଶପଲ୍ଲା ବ୍ଲକ ସମ୍ମୁଖରେ ଦଶପଲ୍ଲାର ଏମ ବି କେ, ପ୍ରାଣୀ ମିତ୍ର, ବ୍ୟାଙ୍କ ମିତ୍ରର ସମସ୍ତ କର୍ମୀ ମାନେ ଗଣ ଧାରଣା ଦେଇଥିଲେ । ସେମାନଙ୍କ କହିବା ଅନୁସାରେ, ସମସ୍ତ କାର୍ଯ୍ୟ କରିବା ସତ୍ୱେ ସେମାନଙ୍କୁ ସ୍ଥାୟୀ ଦରମା ଦିଆଯାଉନାହିଁ । ସମସ୍ତ ଗ୍ରାମୀଣ ଉନ୍ନତି, ବିଭିନ୍ନ ସରକାରୀ ଯୋଜନା, ଓ ସ୍ୱୟଂସହାୟିକା ଗୋଷ୍ଠୀ ସଫଳତାରେ ମୁଖ୍ୟ ଭୂମିକାରେ ଅଂଶ ଗ୍ରହଣ କରୁଥିବା ବେଳେ ସରକାର ଆମକୁ ଅଣଦେଖା କରୁଛି ବୋଲି କର୍ମୀମାନେ କହିଥିଲେ । ଧାରଣା ସଭାରେ ନେତୃତ୍ୱମାନେ ସରକାରଙ୍କୁ ଶିଘ୍ର ସମାଧାନ କରିବାକୁ ଦାବି କରିବା ସହିତ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ପ୍ରଶାସନ ଅଧିକାରୀଙ୍କ ଜରିଆରେ ଜିଲ୍ଲାପାଳଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଥିଲେ । ଯଦି ସମାଧାନ ନ ହୁଏ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଚେତନ କରିଥିଲେ ।ଧାରଣା ଅବସରରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

ତିର୍ତୋଲ ବ୍ଲକ ସାମ୍ନାରେ ଗଣ ଧାରଣା ଦେଲେ ମିଶନଶକ୍ତି ମହିଳା

ତିର୍ତୋଲ, ୨୪/୦୯ (ଆ.ପ୍ର) : ଆଜିର ସମୟରେ ନିଜର ହକ ପାଇଁ ଧାରଣା ଦେବା ଏକ ପ୍ରତିବାଦ ଶୈଳୀ ରେ ପରିଣତ ହୋଇଥିବା ବେଳେ, ଜଗତସିଂହପୁର ଜିଲ୍ଲାର ତିର୍ତୋଲ ବ୍ଲକ ଅଧୀନରେ କାର୍ଯ୍ୟରତ ମିଶନଶକ୍ତି ମହିଳା ମାନେ ତିର୍ତୋଲ ବ୍ଲକ ମୁଖ୍ୟ ଫାଟକ ପାଖରେ ଗଣଧାରଣା କରିଥିବାର ଦେଖିବାକୁ ମିଳିଥିଲା । ପ୍ରଥମରୁ ଅଫିସର ମାନଙ୍କୁ ଭିତରକୁ ଛାଡ଼ୁନଥିବାରୁ ତିର୍ତୋଲ ବିଡ଼ିଓ ବସିଥିବା ମହିଳା ମାନଙ୍କୁ ବୁଝାସୁଝା କରିବାପରେ ଅଫିସ ଭିତରକୁ ଛାଡ଼ିଥିଲେ । ନିଜର ଦରମା ବଢିବାକୁ ବି ଏପର୍ଯ୍ୟନ୍ତ ତାହା କାହିଁକି ଦିଆଯାଉ ନାହିଁ ମହିଳା ମାନେ ସ୍ଲୋଗାନ ଦ୍ୱାରା ସହିତ ପେନସନ ପାଇବାକୁ ଦାବୀ ଉପସ୍ଥାପନ କରିଥିବାର ଦେଖିବାକୁ ମିଳିଥିଲା । ଦାବୀ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଗଣ ଧାରଣା ଚାଲିବ ବୋଲି କହିଛନ୍ତି ।

ଜାହାଜ ନିର୍ମାଣ, ସାମୁଦ୍ରିକ ଅର୍ଥଯୋଗାଣ ଏବଂ ଘରୋଇ କ୍ଷମତାକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ଚାରି ସ୍ତମ୍ଭ ଆଭିମୁଖ୍ୟ

ନୂଆଦିଲ୍ଲୀ, ୨୪/୦୯ (ପି.ଆଇ.ବି) : ୧୯,୯୮୯ କୋଟି ଟଙ୍କା ବ୍ୟୟବରାଦ ସହିତ ଜାହାଜ ନିର୍ମାଣ ବିକାଶ ଯୋଜନାର ଲକ୍ଷ୍ୟ ଘରୋଇ ଜାହାଜ ନିର୍ମାଣ କ୍ଷମତାକୁ ମୋଟ ୪.୫ ନିୟୁତ ଟନ୍ ଭାର ପର୍ଯ୍ୟନ୍ତ ବିସ୍ତାର କରିବା ସାମୁଦ୍ରିକ କ୍ଷେତ୍ରର ରଣନୀତିକ ଏବଂ ଆର୍ଥିକ ଗୁରୁତ୍ୱକୁ ସ୍ୱୀକାର କରି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ଭାରତର ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ଇକୋସିଷ୍ଟମକୁ ପୁନର୍ଜୀବିତ କରିବା ପାଇଁ ୬୯,୭୨୫ କୋଟି ଟଙ୍କାର ଏକ ବ୍ୟାପକ ପ୍ୟାକେଜକୁ ଅନୁମୋଦନ କରିଛି । ଏହି ପ୍ୟାକେଜରେ ଘରୋଇ କ୍ଷମତାକୁ ସୁଦୃଢ଼ କରିବା, ଦୀର୍ଘକାଳୀନ ଆର୍ଥିକ ସହାୟତାରେ ଉନ୍ନତି ଆଣିବା, ସବୁଜ କ୍ଷେତ୍ର ଏବଂ ବ୍ରାଉନଫିଲ୍ଡ ଜାହାଜ ନିର୍ମାଣ ବିକାଶକୁ ପ୍ରୋତ୍ସାହିତ କରିବା, ବୈଷୟିକ କ୍ଷମତା ଓ ଦକ୍ଷତା ବୃଦ୍ଧି କରିବା ଏବଂ ଏକ ଦୃଢ଼ ସାମୁଦ୍ରିକ ଭିତିଭୂମି ସୃଷ୍ଟି କରିବା ପାଇଁ ଆଇନଗତ, ଟିକସ ଓ ନୀତିଗତ ସଂସ୍କାର କାର୍ଯ୍ୟକାରୀ କରିବା ପାଇଁ ଏକ ଚାରି-ସ୍ତମ୍ଭ ଆଧାରିତ ପଦ୍ଧତି ପ୍ରଚଳନ କରାଯାଇଛି । ଏହି ପ୍ୟାକେଜ ଅଧୀନରେ, ଜାହାଜ ନିର୍ମାଣ ଆର୍ଥିକ ସହାୟତା ଯୋଜନା (ଏସବିଏଫଏଏସ) ୩୧ ମାର୍ଚ୍ଚ ୨୦୩୬ ପର୍ଯ୍ୟନ୍ତ ବୃଦ୍ଧି କରାଯିବ ଯାହାର ମୋଟ କର୍ପସ ୨୪,୭୩୬ କୋଟି ଟଙ୍କା ହେବ । ଏହି ଯୋଜନାର ଲକ୍ଷ୍ୟ ଭାରତରେ ଜାହାଜ ନିର୍ମାଣକୁ ପ୍ରୋତ୍ସାହିତ କରିବା ଏବଂ ଏଥିରେ ୪,୦୦୧ କୋଟି ଟଙ୍କା ଆବଂଟନ ସହିତ ଏକ ଶିପବ୍ରେକିଂ କ୍ରେଡିଟ୍ ନୋଟ୍ ମଧ୍ୟ ସାମିଲ ରହିଛି । ସମସ୍ତ ପଦକ୍ଷେପର କାର୍ଯ୍ୟାନ୍ୱୟନ ତଦାରଖ କରିବା ପାଇଁ ଏକ ଜାତୀୟ ଜାହାଜ ନିର୍ମାଣ ମିଶନ ମଧ୍ୟ ପ୍ରତିଷ୍ଠା କରାଯିବ । ଏହାସହିତ, ଏହି କ୍ଷେତ୍ର ପାଇଁ ଦୀର୍ଘକାଳୀନ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ୨୫,୦୦୦ କୋଟି ଟଙ୍କା ସହିତ ସାମୁଦ୍ରିକ ବିକାଶ ପାଣ୍ଠି (ଏମଡିଏଫ) କୁ ଅନୁମୋଦନ କରାଯାଇଛି । ଏଥିରେ ଭାରତ ସରକାରଙ୍କ ୪୯% ଭାଗିଦାରୀ ସହିତ ୨୦,୦୦୦ କୋଟି ଟଙ୍କାର ଏକ ସାମୁଦ୍ରିକ ନିବେଶ ପାଣ୍ଠି ଏବଂ ଋଣର ପ୍ରଭାବୀ ଖର୍ଚ୍ଚ ମୂଲ୍ୟ ହ୍ରାସ କରିବା ତଥା ପ୍ରକଳ୍ପ ବ୍ୟାଙ୍କ ଯୋଗ୍ୟତାକୁ ଉନ୍ନତ କରିବା ପାଇଁ ୫,୦୦୦ କୋଟି ଟଙ୍କାର ଏକ ସୁଧ ପ୍ରୋତ୍ସାହନ ପାଣ୍ଠି ଅନ୍ତର୍ଭୁକ୍ତ । ଏହାବ୍ୟତୀତ, ୧୯,୯୮୯ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ସହିତ ଜାହାଜ ନିର୍ମାଣ ବିକାଶ ଯୋଜନା (ଏସବିଡିଏସ)ର ଉଦ୍ଦେଶ୍ୟ ହେଉଛି ଘରୋଇ ଜାହାଜ ନିର୍ମାଣ କ୍ଷମତାକୁ ବାର୍ଷିକ ୪.୫ ନିୟୁତ ମୋଟ ଟନ୍ ଭାରକୁ ବିସ୍ତାର କରିବା, ମେଗା ଜାହାଜ ନିର୍ମାଣ କ୍ଲଷ୍ଟରକୁ ସମର୍ଥନ କରିବା, ଭିତିଭୂମି ବିସ୍ତାର କରିବା, ଭାରତୀୟ ସାମୁଦ୍ରିକ ବିଶ୍ୱବିଦ୍ୟାଳୟ ଅଧୀନରେ ଭାରତ ଜାହାଜ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ପ୍ରତିଷ୍ଠା କରିବା ଏବଂ ଜାହାଜ ନିର୍ମାଣ ପ୍ରକଳ୍ପ ପାଇଁ ବୀମା ସହାୟତା ସମେତ ବିପଦ କଭରେଜ୍ ପ୍ରଦାନ କରିବା । ଏହି ସାମଗ୍ରିକ ପ୍ୟାକେଜ୍ ଭାରତର ସାମୁଦ୍ରିକ କ୍ଷେତ୍ରରେ ୪.୫ ନିୟୁତ ମୋଟ ଟନ ଭାର ଜାହାଜ ନିର୍ମାଣ କ୍ଷମତାକୁ ଉନ୍ମୋଚନ କରିବା, ପ୍ରାୟ ୩୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବା ଏବଂ ପ୍ରାୟ ୪.୫ ଲକ୍ଷ କୋଟି ଟଙ୍କାର ନିବେଶ ଆକର୍ଷିତ କରିବା ଆଶା କରାଯାଉଛି । ଏହାର ଆର୍ଥିକ ପ୍ରଭାବ ବ୍ୟତୀତ, ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଯୋଗାଣ ଶୃଙ୍ଖଳ ଏବଂ ସାମୁଦ୍ରିକ ମାର୍ଗଗୁଡ଼ିକରେ ସ୍ଥିରତା ଆଣି ଜାତୀୟ, ଶକ୍ତି ଏବଂ ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବ । ଏହା ଭାରତର ଭୂରାଜନୈତିକ ସ୍ଥିରତା ଏବଂ ରଣନୀତିକ ଆତ୍ମ ନିର୍ଭରଶୀଳତାକୁ ମଧ୍ୟ ସୁଦୃଢ଼ କରିବ, ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆଗକୁ ବଢାଇବ ଏବଂ ଭାରତକୁ ବିଶ୍ୱ ପରିବହନ ଓ ଜାହାଜ ନିର୍ମାଣରେ ଏକ ପ୍ରତିଯୋଗିତାମୂଳକ ଶକ୍ତି ଭାବରେ ସ୍ଥାପିତ କରିବ । ଭାରତର ଏକ ଦୀର୍ଘ ଏବଂ ଗୌରବଶାଳୀ ସାମୁଦ୍ରିକ ଇତିହାସ ଅଛି, ଯେଉଁଥିରେ ଶହ ଶହ ବର୍ଷ ପୁରୁଣା ବାଣିଜ୍ୟ ଏବଂ ସାମୁଦ୍ରିକ ଯାତ୍ରା ଏହି ଉପମହାଦେଶକୁ ବିଶ୍ୱ ସହିତ ଯୋଡ଼ିଛି । ଆଜି, ସାମୁଦ୍ରିକ କ୍ଷେତ୍ର ଭାରତୀୟ ଅର୍ଥବ୍ୟବସ୍ଥାର ଆଧାର ପାଲଟିଛି, ଯାହା ପରିମାଣ ଅନୁସାରେ ଦେଶର ବାଣିଜ୍ୟର ପ୍ରାୟ ୯୫% ଏବଂ ମୂଲ୍ୟ ଅନୁସାରେ ୭୦%କୁ ସମର୍ଥନ କରେ । ଏହାର ମୂଳରେ ଜାହାଜ ନିର୍ମାଣ ରହିଛି, ଯାହାକୁ ପ୍ରାୟତଃ "ଭାରୀ ଇଞ୍ଜିନିୟରିଂର ଜନନୀ" ଭାବରେ ବର୍ଣ୍ଣିତ କରାଯାଏ । ଏହା କେବଳ ନିଯୁକ୍ତି ଏବଂ ନିବେଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦିଏ ନାହିଁ ବରଂ ଜାତୀୟ ସୁରକ୍ଷା, ରଣନୀତିକ ସ୍ୱାଧୀନତା ଏବଂ ବାଣିଜ୍ୟ ଓ ଶକ୍ତି ଯୋଗାଣ ଶୃଙ୍ଖଳର ସ୍ଥିରତାକୁ ମଧ୍ୟ ବୃଦ୍ଧି କରେ ।

ଜନହିତ ଯୁବକ ସଙ୍ଘ ବାଲେଶ୍ୱର ଓଡିଶା ତରଫରୁ ଖଇରା ବ୍ଲକ ପରିସରରେ ବୃକ୍ଷରୋପଣ

ଖଇରା, ୨୪/୦୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ଗଢ଼ି ଉଠିଥିବା ସ୍ୱେଚ୍ଛାସେବୀ ସଂଗଠନ ଜନହିତ ଯୁବକ ସଙ୍ଘ ବିଭିନ୍ନ ପ୍ରକାରର ସେବା କାର୍ଯ୍ୟ କରିବା ସହିତ, ସ୍ୱଚ୍ଛଭାରତ ଏବଂ ବୃକ୍ଷରୋପଣ ମଧ୍ୟ କରୁଛି । ଏହି ପରିପ୍ରେକ୍ଷୀରେ ଉପଦେଷ୍ଟା ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ତା ୨୪/୯/୨୫ ରିଖରେ ଖଇରା ବ୍ଲକ ପରିସରରେ ବୃକ୍ଷ ରୋପଣ ହୋଇଥିଲା । ଏଥିରେ ସଂଘର ସଦସ୍ୟା, ସଦସ୍ୟ ପଦପଦବୀଧାରୀ ସୁଧାକର ନାୟକ, ଜୟନ୍ତୀ ବିଶ୍ୱାଳ, ଆରତୀ ପ୍ରଧାନ, କୁଞ୍ଜଲତା ମାହୁନ୍ତି, ବିଭୂତି ଭୂଷଣ ରାଉତ, ସନ୍ତୋଷ ରାଉତ, ପୂର୍ଣ୍ଣ ଚନ୍ଦ୍ର ଦାସ, ସଂଗ୍ରାମ କେଶରୀ ବେହେରା, ବାପୁଜୀ ବେହେରା, ଗଯାଧର ବେହେରା, ଦିଲ୍ଲୀପ ବେହେରା, ସଭାପତି ସୁରେଶ କୁମାର ରାଉତଙ୍କ ସମେତ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଚନ୍ଦ୍ର ସାହୁ ଏବଂ ଅନ୍ୟାନ୍ୟ ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିଲେ । ଏମିତି ଆଗକୁ ସମାଜର ହିତଉଦେଶ୍ୟରେ ଏପରି କାର୍ଯ୍ୟ ଜାରି ରହିବ ବୋଲି ସଙ୍ଘର ଅନ୍ୟତମ ଉପଦେଷ୍ଟା ବିଜୟକୁମାର ପ୍ରଧାନ ଏବଂ ରଶ୍ମି ରଞ୍ଜନ ରାଉତ ମତ ପ୍ରକାଶ କରିଛନ୍ତି ।

ଡେରବାରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ପାରଳାଖେମୁଣ୍ଡି, ୨୪/୦୯ (ଆ.ପ୍ର) : ଗଜପତି ଜିଲ୍ଲା ଆର୍ ଉଦୟଗିରି ବ୍ଲକ ଅନ୍ତର୍ଗତ ଉପାନ୍ତ ଡେରବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁକ୍ତ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଏସ୍‌ଡବ୍ଲୁଡବ୍ଲୁଏସ ତରଫରୁ ଏହି କାର୍ଯ୍ୟକ୍ରମରେ ଏହାର ସଭାପତି ଡ.ଡି.ଜଗନ୍ନାଥ ରାଜୁ ଏହାକୁ ପରିଚାଳନା କରିଥିଲେ । ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ୍‌ର କେମ୍ସ ହସପିଟାଲର ପ୍ରମୁଖ ବିଶେଷଙ୍ଗ୍ୟ ରୋଗୀ ମାନଂକ ଚିକିତ୍ସା କରିଥିଲେ । ଏଥିରେ ଆଖପାଖ ଗ୍ରାମରୁ ପାଖାପାଖି ୧୦୦୦ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବିଭିନ୍ନ ବିଶେଷଂଗ୍ୟ ଭିତରେ ପ୍ରସୁତି ବିଭାଗର ଡ.ନିବେଦିତା ପଣ୍ଡା,ଭେଷଜ ବିଭାଗର ଡ.ଉଦୟ କୁମାର, ଶିଶୁ ବିଭାଗର ଡ.ଅଖିଲ, ଶଲ୍ୟ ବିଭାଗର ଡ.ସନ୍ଧ୍ୟା ରାଓ ଓ ଡ.ନିଖିଳ୍ଲା ବର୍ମା ରୋଗୀ ମାନଂକୁ ପରୀକ୍ଷା କରିଥିଲେ । ଆର୍ ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ସ୍ୱାସ୍ଥ୍ୟ ସଂଯୋଗର ସହଯୋଗରେ ଏସ୍‌ଏନ୍‌ଏସ୍‌ପିଏଏହି କାର୍ଯ୍ୟକ୍ରମ ହୋଇଥିଲା । ସ୍ଥାନୀୟ ଅଂଚଳବାସୀ ଉକ୍ତ ସଂଗଠନକୁ ସାଧୁବାଦ ଜଣାଇଛନ୍ତି ।

ସେବାପକ୍ଷ ଅବସରରେ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ

ବାସୁଦେବ ପୁର, ୨୪/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଉପଲକ୍ଷେ ସାରା ଭାରତ ବ୍ୟାପି ଅନୁଷ୍ଠିତ ହେଉଥିବା 'ସେବାପକ୍ଷ' ଏହି ଅବସରରେ ଆଜି ବାସୁଦେବପୁର ପୌରପାଳିକାର ୬ ନମ୍ବର ୱାର୍ଡ ମହାରୀ କଲ୍ୟାଣମଣ୍ଡପ ଠାରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଭଦ୍ରକ ଲୋକସଭାର ମାନନୀୟ ସାଂସଦ ଅଭିମନ୍ୟୁ ସେଠୀଙ୍କ ଦ୍ୱାରା ଏହା ଉଦଘାଟିତ ହୋଇଛି, ରକ୍ତଦାନ ଏକ ମହାପୁଣ୍ୟ ଏହି ରକ୍ତ ଦାନ ଶିବିରରେ ୧୩୫ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଏଥିରେ ଯୋଗ ଦାନ କରିଥିଲେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ବାସୁଦେବ ପୁର ପୌରପାଳିକା ୬ ନମ୍ବର ୱାର୍ଡ କାଉନସିଲର ଜଗବନ୍ଧୁ ଦାସ, ୫ ନମ୍ବର ୱାର୍ଡ କାଉନସିଲର ହେମନ୍ତ କୁମାର ନାୟକ, ରାଜେନ୍ଦ୍ର ବାରିକ, ମହେଶ୍ୱର ଧଳ, ହେମନ୍ତ ସନ୍ଧିବିଗ୍ରହ, ବିଜେପି ଦଳ କର୍ମୀ କର୍ତ୍ତା ମାନେ ଉପସ୍ଥିତ ଥିଲେ ।

କ୍ରୀଡା ନିମନ୍ତେ ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ ଦ୍ୱାରା ଆର୍ଥିକ ସହାୟତା

ନବରଙ୍ଗପୁର, ୨୪/୦୯ (ଆ.ପ୍ର) : ଜିଲ୍ଲା କିନ୍ନର ସଂଘ ପକ୍ଷରୁ ନବରଙ୍ଗପୁର ଜିଲ୍ଲା ସଦର ମହକୁମା ରେ ଚାଲିଥିବା ଦଶହରା କପ୍ ଫୁଟବଲ ଟୁର୍ଣ୍ଣାମେଂଟର ସୁପରିଚାଳନା ନିମନ୍ତେ ଏହି ଟୁର୍ଣ୍ଣାମେଂଟର ଉଦ୍ୟୋକ୍ତା ଅଶୋକ ପାତ୍ରଙ୍କୁ କିନ୍ନର ସଂଘର ସଂପାଦକ ବୃନ୍ଦାକୀ କିନ୍ନର ଦ୍ୱାରା ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି ଅବସରରେ କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇ କ୍ରୀଡାର ବିକାଶ ନିମନ୍ତେ କିନ୍ନର ମାନଙ୍କ ଆର୍ଥିକ ଅନୁଦାନ ନିଶ୍ଚିତ ଭାବରେ ଫୁଟବଲ୍ କ୍ରୀଡାବିତ ନିମନ୍ତେ ଏହା ଏକ ପ୍ରେରଣାଦାୟକ ହେବ ବୋଲି ନିଜ ବ୍ୟକ୍ତବ୍ୟ ରେ କହିଛନ୍ତି । ତାହା କିମ୍ବା ଦାନ ସ୍ୱରୂପ ପାଉଥିବା ଆର୍ଥିକ ସହାୟତରୁ କିଛି ବଳକା କରି ଏହିପରି ସାମାଜିକ କାର୍ଯ୍ୟ କରାଯାଉଛି ବୋଲି ସଂଘର ପ୍ରୋଜେକ୍ଟ ଲିଡର ଏମ. ବାଲା କୃଷ୍ଣ ରାଓ କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ, କିନ୍ନର ସଂଘର ପାପଡାହାଣ୍ଡି ବ୍ଲକର ଉପଦେଷ୍ଟା ତଥା ବ୍ଲକ ଉପସଭାପତି ସୁଶାନ୍ତ କୁମାର ବେହେରା ନବରଙ୍ଗପୁର ପୌର ପରିଷଦ ଅଂଚଳର ଉପଦେଷ୍ଟା ନିନୀବାବୁ ତ୍ରିପାଠୀ, ସଂଘର କାର୍ଯ୍ୟକାରୀ ସଦସ୍ୟ କୃଷ୍ଣ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ପୂର୍ବରୁ ଜିଲ୍ଲା କିନ୍ନର ସଂଘ ପକ୍ଷରୁ ରକ୍ତ ଦାନ ଭଳି ମହାନ୍ କାର୍ଯ୍ୟ କରାଯିବା ସହ ଅସହାୟଙ୍କୁ ସାହାଯ୍ୟ ସହଯୋଗ ଏବଂ ବିଭିନ୍ନ ସମୟରେ ଗରିବ ମାନଙ୍କୁ ଛତା, କମ୍ବଳ ଇତ୍ୟାଦି ରୀତିମତ ବଂଟନ କରାଯାଉଛି । କିନ୍ନର ସଂଘର ଏପରି ସାମାଜିକ କାର୍ଯ୍ୟକଳାପକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି ।

ଚାରି ଦଫା ଦାବିରେ ଭିଆରପି ମହାସଂଘର ବିକ୍ଷୋଭ

ଖୋର୍ଦ୍ଧା/ଭୁବନେଶ୍ୱର, ୨୪/୦୯ (ଆ.ପ୍ର) : ଓଡ଼ିଶାରେ ବିଭିନ୍ନ ପଂଚାୟତରେ ସାମାଜିକ ସମୀକ୍ଷା କରୁଥିବା ୮୬୦୦ ମହିଳା କାର୍ଯ୍ୟ କରୁଥିବା କାର୍ଯ୍ୟକର୍ତା ମାନଙ୍କୁ ୩୬୫ ଦିନର କାର୍ଯ୍ୟ ଦିବସ, ସାମାଜିକ ସୁରକ୍ଷା ଯଥା ଇପିଏଫ, ଇଏସଆଇ ଓ ଅବସର ସମୟରେ ଆର୍ଥିକ ସହାୟତା ସହିତ ବ୍ଲକକୁ ଉପସ୍ଥାନ ଦାଖଲ ପରେ ତୁରନ୍ତ ବରମା ପ୍ରଦାନ କରିବାକୁ ଦାବୀ ହୋଇଛି । ଉଲ୍ଲେଖ ଥାଉ କି ୨୦୧୭ ରୁ କାମ କରିଆସୁଥିଲେବି ଏମାନଂକୁ ଏହି ସବୁ ସୁବିଧା ମିଳିପାରୁନି । ଗାନ୍ଧୀ ମାର୍ଗ ଠାରେ ଏକ ହଜାରରୁ ଉର୍ଦ୍ଧ ଭିଆରପି ଯୋଗଦେଇ ଏକ ବିରାଟ ଶୋଭାଯାତ୍ରାରେ ପହଁଚିଲା ପରେ ଏକ ସାଧାରଣ ସଭା କରାଯାଇ କୁହାଯାଇଛି ଯେ ଯଦି ସରକାର ଦାବୀ ପୂରଣ ନ କରନ୍ତି ପଂଚାୟତ ସ୍ତରରେ ଆନ୍ଦୋଳନର ଆହ୍ୱାନ ଦିଆଯାଇଛି । ଏଥିରେ ସଙ୍ଘର ସଭାନେତ୍ରୀ ସୁପ୍ରିୟା ରାଉତ ସଭାପତିତ୍ୱ କରିଛନ୍ତି । ଏଆଇସିସିଟିୟୁର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡା, ସଭାପତି ରାଧାକାନ୍ତ ସେଠି, ପ୍ରମିତା ଦାସ, ଯୁଗ୍ମ ସମ୍ପାଦିକା ମିନୁ ସାବତ, ପୁଷ୍ପଲତା ରାଉତରାୟ, ବଂଶୀଧର ପରିଡା ଓ ଶ୍ରୀନିବାସ ସାହୁ ତାଙ୍କର ବକ୍ତବ୍ୟରେ ସରକାର ତୁରନ୍ତ ଭି ଆର ପି ମାନଂକର ଦାବୀ ଗୁଡ଼ିକ ମାନିନେବାକୁ ଦାବୀ କରିଛନ୍ତି ।

ବଣାଇଁ ବିଜେପି ପକ୍ଷରୁ ରକ୍ତ ଦାନ ଶିବିର ଅନୁଷ୍ଠିତ

ବଣାଇଁ, ୨୪/୦୯ (ଆ.ପ୍ର) : ବଣାଇ ଭାରତୀୟ ଜନତା ପାର୍ଟି ବଣାଇ ନିର୍ବାଚନ ମଣ୍ଡଳୀ ଜିଲ୍ଲା ଯୁବ ମୋର୍ଚା ସଭାପତି ଅବିନାଶ ବ୍ରହ୍ମଙ୍କ ଅଧ୍ୟକ୍ଷତାରେ ପ୍ରଧାନ ମନ୍ତ୍ରୀଙ୍କ ଜନ୍ମ ଦିନ ପରିପେକ୍ଷୀରେ ଆଜି ସେବାପକ୍ଷ ଉପଲକ୍ଷେ ଉପଖଣ୍ଡ ଚିକିତ୍ସାଳୟ ସଭା ଭବନ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ମନୋଜ କୁମାର ପତି, ପୂର୍ବତନ ଜିଲ୍ଲା ସଭାପତି ତଥା ସେବପକ୍ଷ ପ୍ରଭାରୀ ମୋନଜ ପ୍ରଧାନ, ରାଜ୍ୟ ପରିଷଦ ସଦସ୍ୟ ବାସୁଦେବ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଡ, ଜିଲ୍ଲା ସଂଯୋଜକ ହେମନ୍ତ କୁମାର ସାହୁ, ସାଙ୍ଗଠନିକ ଜିଲ୍ଲା ଉପ ସଭାପତି ଦିବ୍ୟ ମଞ୍ଜରୀ ଶେଖର ଦେଓ, ମଣ୍ଡଳ ସଭାପତି ମିଥିଳା ପାତ୍ର ଯୋଗ ଦାନ କରି ଫିତା କାଟି ଶୁଭାରମ୍ଭ କରିଥିଲେ । ଏହି ରକ୍ତଦାନ ଶିବିରରେ ୧୭ ଜଣ ରକ୍ତ ଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସେବାପକ୍ଷ ସଂଯୋଜକ ଆହ୍ଲାଦ ବଡ଼େଇ, ମଣ୍ଡଳ ସାଧାରଣ ସମ୍ପାଦକ ବୈକୁଣ୍ଠ ଗଡ଼ଦିଆ ଓ ନୃପମଣି ଛନ୍ଦିଆ, ପୂର୍ବତନ ମଣ୍ଡଳ ସଭାପତି ମୁକୁନ୍ଦ ନାୟକ, ମହିଳା ମଣ୍ଡଳ ସଭ୍ୟା ଅନିତା କୁଅଁର, କେ.ବଲାଙ୍ଗ ଜିଲ୍ଲା ମହିଳା ମୋର୍ଚା ସଭାପତି ଜୟନ୍ତୀ ମହାନ୍ତ, ଯୁବ ମୋର୍ଚା ସଭାପତି ରାମ ଚନ୍ଦ୍ର ସାହୁ, ରୋହିତ ଜୟସ୍ୱାଲ, ମଣ୍ଡଳ ସମ୍ପାଦକ ଶଙ୍କର୍ଷଣ ସେନାପତି, ବରିଷ୍ଠ କାର୍ଯ୍ୟକର୍ତା ଶିବ ସୁନ୍ଦର ରାଉତ, ଲକ୍ଷ୍ମୀ ପତା ବରିଷ୍ଠ କାର୍ଯ୍ୟକର୍ତା ଭୁବନେଶ୍ୱର ବେହେରା, ପ୍ରଦୀପ କୁମାର ସ୍ୱାଇଁ, ଚିକିତ୍ସାଳୟ କର୍ମଚାରୀ ଇନ୍ଦ୍ରଜିତ ପ୍ରଧାନ, ରମାକାନ୍ତ ପାତ୍ର, ପଦ୍ମିନୀ ମହାନ୍ତ, ଭ୍ରମର କୁମାର ପାତ୍ର, ମହମ୍ମଦ ସବା, ସାମ୍ବାଦିକ ପ୍ରଦୀପ କୁମାର ସାହୁ ଓ ସମସ୍ତ ବିଜେପି ମଣ୍ଡଳର ବରିଷ୍ଠ ଓ କନିଷ୍ଠ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ସରକାରୀ ସ୍ତରରେ ନ୍ୟାୟ ପାଇଲେ ବିଧବା ମହିଳା

ଦଶପଲ୍ଲା, ୨୪/୦୯ (ଆ.ପ୍ର) : ଦଶପଲ୍ଲା ବ୍ଲକ ପୋଖରୀଗୋଛା ଗ୍ରାମ ପଂଚାୟତ ଅନ୍ତର୍ଗତ ଉଦୁଡ଼ା ଗ୍ରାମର ଆଦିବାସୀ ମହିଳା ବନୀତା କହଁରଙ୍କ ସ୍ୱାମୀ ଲୋକନାଥ କହଁରଙ୍କ ସାତ ମାସ ତଳେ ଦେହାନ୍ତ ଘଟିଥିଲା । ନୀରିହ ଆଦିବାସୀ ମହିଳାଙ୍କ ଦୁଇଟି ଛୋଟ ଛୋଟ ଛୁଆ ଥିବା ବେଳେ ତାଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ପାଖରେ କେହି ନ ଥିବାରୁ ସେ ଭାଙ୍ଗି ପଡ଼ିଥିଲେ । ଏ ଦୁର୍ଦ୍ଦିନ ପରିସ୍ଥିତିରେ ଅଧିକାର ମିତ୍ର ପ୍ରକାଶ ମଣ୍ଡଳ ସେଠାରେ ପହଂଚି ତାଙ୍କୁ କିପରି ସରକାରୀ ସହାୟତା ମିଳି ପାରିବ ସେଥିପାଇଁ ସେ ଉଦ୍ୟମ ଆରମ୍ଭ କଲେ । ମୃତ ପ୍ରମାଣ ପତ୍ର ସହିତ ଆବଶ୍ୟକୀୟ ସମସ୍ତ କାଗଜ ପତ୍ର ସହ ପରିବାର ମଙ୍ଗଳ ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରାଯାଇଥିଲା ।ପରିବାର ମଙ୍ଗଳ ଯୋଜନା ଅଧୀନରେ ବନୀତା କହଁର କୋଡ଼ିଏ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଆଜି ଗ୍ରହଣ କରିବା ସହିତ ପରିବାର ସମେତ ଗ୍ରାମ ବାସୀ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ।ବନୀତା ଜଣେ ଗରିବ ଆଦିବାସୀ ବିଧବା ମହିଳା ହୋଇଥିବାରୁ ସେ ବିଧବା ଭତା ପାଇବା ପାଇଁ ଯୋଗ୍ୟ ତେଣୁ ତାଙ୍କ ପାଇଁ ବିଧବା ଭତା ମଧ୍ୟ ଆବେଦନ କରାଯାଇଛି ଏବଂ ତାଙ୍କ ପୁଅ ସୁରେଶ କହଁରଙ୍କ ନାମ ରାସନ କାର୍ଡ଼ରେ ସଂଯୋଗ କରାଯାଇଛି । ସ୍ୱାମୀଙ୍କ ନାମରେ ଥିବା ସି.ଏମ କିସାନରୁ ସ୍ୱାମୀଙ୍କ ନାମ କାଟି ବନୀତାଙ୍କ ନାମ ଯୋଡିବା ପାଇଁ ସରକାରୀ ସ୍ତରରେ ଆବେଦନ ମଧ୍ୟ କରାଯାଇଛି ।ସୂଚନା ଯୋଗ୍ୟ ଯେ, ପ୍ରକଳ୍ପ ଅଧିକାର ଦଶପଲ୍ଲା ବ୍ଲକ୍ ର ଦଶଟି ପଛୁଆ ଅବହେଳିତ ଆଦିବାସୀ ବହୁଳ ଗ୍ରାମ ପଂଚାୟତରେ ଗରିବ ବଂଚିତ ଦଳିତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସରକାରୀ ଜନ ମଙ୍ଗଳ ଯୋଜନାର ସୁଫଳ କିପରି ପହଂଚି ପାରିବ ସେଥିପାଇଁ ଦୀର୍ଘଦିନ ଧରି ନିରନ୍ତର ଉଦ୍ୟମ କରିଆସୁଅଛି । ବିଗତ ଏକ ବର୍ଷ ମଧ୍ୟରେ ପ୍ରାୟ ପାଂଚ ହଜାରରୁ ଉର୍ଦ୍ଧ୍ୱ ଗରିବ ଦଳିତ ବଂଚିତ ମହିଳା, ପୁରୁଷ, ବୃଦ୍ଧ, ବୃଦ୍ଧା,ଶିଶୁ ଓ ଭିନ୍ନକ୍ଷମ ସରକାରୀ ସହାୟତା ପାଇବା କ୍ଷେତ୍ରରେ ସଫଳ ହେଉଛନ୍ତି ଓ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ବହୁ ପରିବର୍ତ୍ତନ ଆସିଛି । ପ୍ରକଳ୍ପ ଅଧିକାରର ଦଶପଲ୍ଲା ଙ୍କ ଏ ପ୍ରକାର ନିସ୍ୱାପର ଉଦ୍ୟମକୁ ସ୍ଥାନୀୟ ଅଂଚଳବାସୀ ଭଉ ପ୍ରଶଂସା କରିବା ସହିତ ଏ ପ୍ରକଳ୍ପର ଆବଶ୍ୟକତା,ଉପାଦେୟତା ଓ ଅଧିକାର ମିତ୍ରଙ୍କ ସମର୍ପିତ ସେବାକୁ ସ୍ୱାଗତ କରିଛନ୍ତି ।

ମା ଫୁଲଖାଇ ବିଦ୍ୟାଳୟ, ଢ଼ିଙ୍କିଆରେ ପୋଷାକ ବିତରଣ ଉତ୍ସବ

ଏରସମା, ୨୪/୦୯ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ମା ଫୁଲଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଢ଼ିଙ୍କିଆରେ ମା ରାମଚଣ୍ଡୀ ସ୍ୱୟଂ ସହାୟିକା ଗୋଷ୍ଠୀ, ଗୋବିନ୍ଦପୁର ସହାୟତାରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ମଲ୍ଲଙ୍କ ଅଧକ୍ଷ୍ୟତାରେ ଢ଼ିଙ୍କିଆ ଗ୍ରାମ ପଂଚାୟତ ର ସରପଂଚ ଶ୍ରୀମତୀ ପିଙ୍କି ଦାସ ମୁଖ୍ୟ ଅତିଥି ଭାବରେ ଏବଂ ସମ୍ମାନୀୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ସ୍ୱାଇଁ ଉପସଭାପତି ମମତା ସେଠି ସଭା ମଣ୍ଡନ କରି ପୋଷାକ ବିତରଣ ସହିତ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଅଧ୍ୟୟନ ସହ ଭବିଷ୍ୟତର ଜଣେ ଜଣେ ସୁନାଗରିକ ହୋଇ ନିଜ ଅଂଚଳର ସୁନାମ ଆଣିବା ପାଇଁ ଆଶ୍ରିବଚନ ପ୍ରଦାନ କରିଥିଲେ । ପରିଚାଳନା କମିଟିର ଅନ୍ୟ ସଦସ୍ୟାସଦସ୍ୟା ମାନଙ୍କ ମଧ୍ୟରେ କପିଳାସ ସେଠି, ସସ୍ମିତା ବାରିକ, ଗାୟତ୍ରୀ ଦଳାଇ, ମମତା ସ୍ୱାଇଁ, ସସ୍ମିତା ସାମଲ, ତ୍ରୈଲୋଚନ ଖଟୁଆ, ସୁଶାନ୍ତ ସେନାପତି ଓ ନରେନ୍ଦ୍ର ମହାନ୍ତିଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଥ୍ରର୍ଡ ସଖ୍ୟା ସଂଘମିତ୍ରା ମଲିକ, ଆଶାକର୍ମୀ ସୁମିତ୍ରା ମଲିକ ଓ ଅଙ୍ଗନୱାଡି କର୍ମୀ ହେମଲତା ସାହୁ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମାପନ କରିଥିଲେ । ଶିକ୍ଷକ ରମେଶ କୁମାର ବେହେରା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ରଖିଥିଲେ । ପରିଶେଷରେ ଶିକ୍ଷକ ସନାତନ ବେହେରା ସମସ୍ତ ଅତିଥି ଓ ଅଭିଭାବକ ମାନଙ୍କୁ କୃତଜ୍ଞତା ଅର୍ପଣ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

ଜାତୀୟ ସେବା ଯୋଜନା ଦିବସରେ ମେଗା ରକ୍ତଦାନ ଶିବିର

ବାଳିଗୁଡା, ୨୪/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଳିଗୁଡା ଆଦିବାସୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଦିବସ ଅବସରରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ଏବଂ ରେଡ୍ ରିବନ୍ କ୍ଲବର ମିଳିତ ପ୍ରଚେଷ୍ଟାରେ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ସି.ରାମ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଅଧକ୍ଷ ଲକ୍ଷ୍ମଣ ପାଳ, ଯୁବ ରେଡକ୍ରସ୍ କନ୍ଧମାଳ ଜିଲ୍ଲା ସଂଯୋଜକ ଡ.ବିଭୂତି ଭୂଷଣ ଆଚାର୍ଯ୍ୟ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ଅରୁନ୍ଧତୀ ପ୍ରଧାନ, ହମନ୍ ଦିବାକା, କାଉନସେଲର ମାନସ ରଂଜନ ପ୍ରଧାନ, ଏକାଉଂଟ ବର୍ସର ସରୋଜ କୁମାର ପାଠୀ, ଅଧ୍ୟପକ ପରିଷଦ ସଂପାଦକ ତେଜେଶ୍ୱର ନାୟକ, ଶୈକ୍ଷିକ ପରାମର୍ଶଦାତା ଡ.ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ରକ୍ତଦାନ କରି ଜୀବନ ଦାନ କରିବାକୁ ଉତ୍ସାହିତ କରିଥିଲେ । ଏଥିରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଅଧ୍ୟାପକ ନୀଳାଚଳ ମହାରଣା, କାହ୍ନୁ ଗମାଂଗ ଅବିନାଶ ମହାପାତ୍ର, କୁନି ନାୟକ, ଅମିତାଭ ବଚନ ନାୟକ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହୃଦୟତାର ସହ ଏହି ରକ୍ତଦାନରେ ସହଯୋଗ କରିଥିଲେ ।

ଅନ୍ତଜିଲ୍ଲା ଅନୁଭୂତି ପରିଦର୍ଶନ ସକାଶେ ନବରଙ୍ଗପୁର ଜିଲ୍ଲା କିଶୋରୀ ମାନଙ୍କ ଭୁବନେଶ୍ୱର ଗସ୍ତ



ନବରଙ୍ଗପୁର, ୨୪/୦୯ (ଆ.ପ୍ର) : ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନ୍ତଜିଲ୍ଲା ଅନୁଭୂତି ସକାଶେ ପରିଦର୍ଶନ ଯିବାର ବ୍ୟବସ୍ଥା ଥିବାରୁ ନବରଙ୍ଗପୁର ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ଅଦ୍ୱିକା ଯୋଜନା ଅଧୀନରେ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା, ପାପଡ଼ାହାଣ୍ଡି, ଡ଼ାବୁଗାଁ, ଉମରକୋଟ ବ୍ଲକ୍‌ର ୧୪ ବର୍ଷରୁ ୧୮ ବର୍ଷିଆ ୩୩ ଜଣ କିଶୋରୀ ବାଳିକା ଗତ କାଲି ତା ୨୩/୦୯/ ୨୦୨୫ ସାନ୍ଧ୍ୟ ୬.୦୦ ଘଂଟା ସମୟରେ ରାଜଧାନୀ ଭୁବନେଶ୍ୱରକୁ ଗସ୍ତ କରିଛନ୍ତି । ରାଜଧାନୀକୁ ଗସ୍ତ ସମୟରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମହୋଦୟ, ଉନ୍ନୋଚିତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଂଟିଆ, ବିଧାୟକ ନବରଙ୍ଗପୁରଙ୍କ ପ୍ରତିନିଧି ଦେବଦାସ ମହାକୁଡ, ଜିଲ୍ଲା ଶ୍ରମ ବିଭାଗ ଅଧିକାରୀ, ନବରଙ୍ଗପୁର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ନବରଙ୍ଗପୁର ଉପସ୍ଥିତ ରହି କିଶୋରୀ ଯାତ୍ରୀଙ୍କୁ ପତକା ଦେଖାଇ ଶୁଭ ଯାତ୍ରାର ଶୁଭେଚ୍ଛା କାମନା କରିଥିଲେ । । ଏହି କିଶୋରିଙ୍କ ସୁରକ୍ଷା ଦାୟିତ୍ୱରେ ଶ୍ରୀମତୀ ରୋମା ପଟ୍ଟନାୟକ, PO-CUM-PO, DISTRICT HUB FOR WOMEN EMPOWERMENTରୁ କର୍ମ କର୍ତା ଶ୍ରୀମତୀ ସସ୍ମିତା ପାତ୍ର, ପ୍ରୀତି କୁମାରୀ ବାଘ୍, ସୁମିତ୍ ରାଜ ମିଶନ ଗ୍ରାହାମ ଏବଂ ଚାରଟି ବ୍ଲକର ଚାରିଜଣ ଅଙ୍ଗନୱାଡ଼ି କର୍ମୀମାନେ ମଧ୍ୟ ସୁରକ୍ଷା ଦାୟିତ୍ୱରେ ସାଙ୍ଗରେ ରହିଛନ୍ତି । ରାଜଧାନୀ ଭୁବନେଶ୍ୱର ଠାରେ ବିଶ୍ୱ ଦକ୍ଷତା କେନ୍ଦ୍ର, କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର ଆଇ ଟି ଆଇ ପରିଦର୍ଶନ କରାଇ କିଶୋରୀ ମାନଂକ ମଧ୍ୟରେ ସାବଲମ୍ବ ହେବାର ଆଗ୍ରହ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ଏହି ଗସ୍ତର ଆୟୋଜନ କରାଯାଇଛି ।

ଛତିଶଗଡ ଓ ବୋଡ଼େନ ବ୍ଲକ୍‌ରେ ବିକ୍ରି ହେଉଛି ସିନାପାଲି ବ୍ଲକର ବାଲି, ଦିନରାତି ଚାଲିଛି ଚୋରା ଚାଲାଣ

ସିନାପାଲି, ୨୪/୦୯ (ଆ.ପ୍ର) : ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ରୁ ଦିନରାତି ଚୋରାଚାଲାଣ ହେଉଛି ବାଲି ।ଏଠାରୁ ବାଲି ନେଇ ଛତିଶଗଡ଼ ଓ ବୋଡ଼େନରେ ବିକ୍ରି ହେଉଛି କିନ୍ତୁ ଏଥିରେ ଖଣି ବିଭାଗ ଲଗାମ ଲଗାଇ ପାରୁ ନଥିବା ଅଭିଯୋଗ ହେଉଛି । ବର୍ତ୍ତମାନ ଅନେକ ବାଲି ଘାଟରୁ ଅବାଧରେ ଦିନରାତି ବାଲି ଚାଲାଣ ହେଉଛି । କିଛି ବାଲି ମାଫିଆ ସ୍ଥାନୀୟ ଉଦନ୍ତି ନଦୀର ବିଭିନ୍ନ ବାଲିଘାଟରୁ ଦିନରାତି ଟ୍ରାକ୍ଟର ଲଗାଇ ବାଲି ଚୋରା ଚାଲାଣ କରୁଛନ୍ତି । କେବଳ ସିନାପାଲି ଭିତରେ ନୁହେଁ, ନିୟମିତ ଭାବେ ଛତିଶଗଡ଼କୁ ମଧ୍ୟ ଦୈନିକ ଶହ ଶହ ଟ୍ରାକ୍ଟର ବାଲି ଚାଲାଣ ହେଉଛି । ମାଫିଆ ଏଠି ମାଲିକ ସାଜିଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ସେହିପରି ଆଗରୁ ନିଲାମ ବାଲିଘାଟରୁ ଯେତିକି ପରିମାଣର ବାଲି ଉଠାଣ ହେଉନଥିଲା, ତା'ଠାରୁ ଦଶଗୁଣା ବାଲି ଫୁର୍ସୁଣ୍ଡ ମାଝୀ ପଡ଼ାଘାଟରୁ ଉଠାଯାଉଛି ସେହିପରି ଖଜନା, ନିଲଜୀ ଶନୀ ମନ୍ଦିର ଘାଟ, କର୍ପେଁପଦର,ଖଇରପଦର, ଫୁଲଚି, ଘାଟମାଳ, ସରେକେଲା ଆମ୍ବ ବରୀ ଘାଟ, ସାଗୁନଭାଡ଼ି, ଚନନା, ବରଗାଁ ଛୋଟିବୁଢ଼ି ଘାଟ,ଗୋର୍ଲା, କର୍ଲାଖମାର ନଦିଗାଁ, ଗିଦମାଲ, କୋପିଆ, ମୁଣ୍ଡପଲା, ଲିଆଜ ଘାଟରୁ ବେଆଇନ ଭାବେ ଖୁଲମଖୁଲ୍ଲା ବାଲି ଉଠାଣ ଯୋଗୁଁ ନଦୀଶଯ୍ୟା ବିପଦରେ ରହିଛି ଓ ପରିବେଶ ଉପରେ ଏହାର ପ୍ରଭାବ ପଡୁଛି । ବାଲି ଚୋରି ରୋକିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିବା ଓଡ଼ିଶା ବାଲିନୀତିକୁ ସିନାପାଲିରେ କାର୍ଯ୍ୟକାରୀ କରାଯାଉ ନଥିବା ଅଭିଯୋଗ ହେଉଛି । ଖଣି କାର୍ଯ୍ୟାଳୟ ନୂଆପଡାରେ ରହିଛି ତାହା ସିନାପାଲିରୁ ୧୦୦ କି. ମି ଦୂରରେ ଅଛି ଯାହା ଫଳରେ କାହାକୁ ଖାତିର ନକରି ବାଲି ମାଫିଆ ଖୁଲମ୍ ଖୁଲ୍ଲା ଚୋରା ଚାଲାଣ କରୁଛନ୍ତି । ନିୟମ ଭାବେ ଖଣି ବିଭାଗ ଅଧିକାରୀ ମାନେ ଏହି ଅଂଚଳକୁ ଗସ୍ତ କରୁନଥିବାରୁ ବାଲି ମାଫିଆ, ଟ୍ରାକ୍ଟର ମାଲିକ ସକ୍ରିୟ ହୋଇ ଚୋରା ଚାଲାଣ କରି ମାଲେମାଲ ହେଉଛନ୍ତି । ଏହି ଅଭିଯୋଗ ସମ୍ପର୍କରେ ଜିଲ୍ଲା ଖଣି ଅଧିକାରୀ ଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ କଲ ଗ୍ରହଣ କରିନଥିଲେ । ତେଣୁ ଏହି ଅଭିଯୋଗ ଉପରେ କେତେ ଗୁରୁତ୍ୱ ଦେଇ ଧରପଗଡ କରାଯିବା ସହ କେଉଁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଂଚଳର ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଅପର ପକ୍ଷରେ ବାଲି ଟ୍ରାକ୍ଟର ଟ୍ରିପ ପିଛା ୩ରୁ ୪ହଜାର ଟଙ୍କା ଥିବାବେଳେ ଆବାସ ହିତାଧିକାରୀ ଦୁଃଖ ପ୍ରକାଶ କରିଛନ୍ତି । ଯଦି ଚଢ଼ା ଦରରେ ବାଲି ବିକ୍ରୀ ହେବ ଜଣେ ଗରିବ ଶ୍ରେଣୀର ଲୋକ ଘର କେମିତି ତିଆରି କରିବ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ମା ଦୁଆରସନି ଦେବୀଙ୍କ ଦଶହରା ପୂଜା ସମ୍ପନ୍ନ

ଭବାନୀପାଟଣା, ୨୪/୦୯ (ଆ.ପ୍ର) : ରାଜ ରାଜୁଡା ଅମଳରୁ ପୂଜା ପାଇ ଆସୁଥିବା ରାଜକୀୟ ଦେବୀ ମାଁ ଦୁଆର ସନିଙ୍କ ଦଶହରା କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମତୁଆଲ୍ ଗୁଡ଼ା ଗ୍ରାମ ଠାରେ ମହା ଆଡମ୍ବର ରେ ପାଳିତ ହୋଇ ଯାଇଛି । ଦେବୀ ଦୁଆରସନିଙ୍କ ଦଶହରା ରାମପୁର ମାଣିକେଶ୍ୱରୀଙ୍କ ଝାମୁଯାତ୍ରା ପର ମହାଳୟା ଠାରୁ ପୂଜା ଆରମ୍ଭ ହୋଇଥାଏ । ଦେବୀ ପୀଠରେ ମହାଳୟା ଦିନ ପ୍ରଥମ ଦୀପ ପ୍ରଜ୍ୱଳନ ସହ ଦେବୀଙ୍କ ବନ୍ଦନା କରି ଆମନ୍ତ୍ରିତ କରିଥାନ୍ତି । ଦିତୀୟ ଦିନ ସନ୍ଧ୍ୟାରେ ମଧ୍ୟ ଭକ୍ତ ମାଙ୍କ ଠାରେ ଅସ୍ଥା ବିଶ୍ୱାସର ସହ ଦୁଃଖ ଜଣାଇ ମାନସିକରଖି ଥାଆନ୍ତି । ତୃତୀୟ ଦିନ ସକାଳେ ଦେବୀ ଶିରା ବା କଳିଶି ରୂପରେ ଭକ୍ତଙ୍କ ଘର ଘର ବୁଲି ଭକ୍ତଙ୍କ ଦୁଃଖ ଶୁଣି ଥାଆନ୍ତି । ମଧ୍ୟାହ୍ନରେ ଦେବୀ ପୀଠ ରେ ପାରା, କୁକୁଡ଼ା, ବୋଦା ବଳିପଡ଼ିଥାଏ । ସବୁଠାରୁ ଭିନ୍ନ ପରମ୍ପରା ଦେଖିବାକୁ ମିଳି ଥାଏ, ଅନ୍ୟ ଯେ କୋନସି ଦେବୀ ପୀଠରେ ବଳି ପଡ଼ିଥିବା ବୋଦା ରକ୍ତଙ୍କୁ ମାଟିରେ ଭୋଗ ଦେଉଥିବା ବେଳେ ଏଥି କିନ୍ତୁ ମଣିଷ ଦେହରେ ସବାର ହୋଇ ଥିବା ସିର ବା କାଳିଶି ସିଧା ସଳଖ କଂଚା ରକ୍ତ ଭକ୍ଷଣ କରିଥାନ୍ତି । କଂଚା ରକ୍ତ ପାଉ ସାରି ମଧ୍ୟ କାଳୀସୀଙ୍କ କିଛି ହୋଇଁ ନଥାଏ । ଚଳିତ ୨୦୨୫ ଦୁଆରସନୀ ଦେବୀଙ୍କ ଦଶହରାର ପ୍ରଥମ ସଂଧ୍ୟରେ ନୃତ୍ୟ, ବାଜା ଶାଲ୍, ଘୁମୁରା ରଙ୍ଗରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଥମ ଦିନ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବ ରେ ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ, ପୂର୍ବତନ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ବିଜଂତି ଛତ୍ରିଆ,ନରହରି ପଟ୍ଟନାୟକ, ସାମ୍ବାଦିକ ନରେନ୍ଦ୍ର ଖୁଡି, ନିକୁଞ୍ଜ ଚଲାନ, ମହାଦେବ ଖଣ୍ଡୁଆଲ, ଗଣେଶ ରାମ୍ ବାଗ, ଟିକଚନ ବାଗ ପ୍ରମୁଖ ମଂଚାସିନ ଥିଲେ । ତୃତୀୟ ଦିନ ଉଦଯାପନୀ ସନ୍ଧ୍ୟା ରେ ମୁଖ୍ୟ ଅତିଥି ଭାବରେ ଯୁବ ଆଇକ ଯିବି ସମାଜ ସେବୀ ମାନସ ରଂଜନ ବାଗ, ସମ୍ମାନିତ ହେବେ (ଆଇ ଟି ବି ପି) ଆସିଷ୍ଟାନ କମାଣ୍ଡର ପଙ୍କଜ ଛତ୍ରିଆ, ବିଦେଶୀ ଛତ୍ରିଆ, ଶ୍ରୀକାନ୍ତ ଛତ୍ରିଆ, ଯୁବ ସାମ୍ବାଦିକ ରଜନୀକାନ୍ତ ଛତ୍ରିଆ, ହରିହର ଛତ୍ରିଆ, ହର୍ଷ ପାଣିଗ୍ରାହୀ, ଟଙ୍କ ଧର ବିହାରୀ, ଜୟରାମ ଛତ୍ରିଆ, ଅବିଜର ଛତ୍ରିଆ, ପ୍ରମୁଖ ମଂଚସିନା ଥିଲେ । କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନ କରିବାରେ ବାବୁନି ଡାଣ୍ଡି ଖଗପତି ଛତ୍ରିଆ, ଅଙ୍କୁର ଛତ୍ରିଆ, ପରମେଶ୍ୱର ଛତ୍ରିଆ, ଗଗନ ଛତ୍ରିଆ, ତଥା ଦୁଆର ଶନି ପୂଜା କମିଟି ର ସମସ୍ତ କର୍ମ କର୍ତା ସହଯୋଗ କରିଥିଲେ ।

ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ

ଦଶପଲ୍ଲା, ୨୪/୦୯ (ଆ.ପ୍ର) : ଦଶପଲ୍ଲା ବ୍ଲକ ପରିସରରେ ବୁଧବାର ଦିନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGA) ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA) ବିଷୟରେ ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଆୟୋଜିତ ହୋଇଥିଲା ।ଉକ୍ତ ଶିବିରରେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ,ବ୍ଲକ ଅଧିକାରୀ ଭୁବନାନନ୍ଦ ପଟ୍ଟନାୟକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ପ୍ରଶାସନ ଅଧିକାରୀ ଆର୍ଲ୍ବଟ ଲାକ୍ରା, ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିଆର ସିଂହ, ଏଇଇ ସନାତନ ଭୋଳ,ଏପିଓ ମଧୁସ୍ମିତା ସ୍ୱାଇଁଙ୍କ ସହିତ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(MGNREGA) ଯୋଜନାର ଉଦେଶ୍ୟ, ଗ୍ରାମୀଣ ନିର୍ବାହୀ କାମ, କାର୍ମିକଙ୍କ ପରିଶ୍ରମିକ ଦେବା ପ୍ରକ୍ରିୟା, ନିଶ୍ଚିତ କାମର ସୁବିଧା ବିଷୟରେ ବିସ୍ତୃତ ତଥ୍ୟ ଦିଆଯାଇଥିଲା ।ସେପରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA) ଅନୁସାରେ ଗରିବ ଓ ଅସହାୟ ପରିବାରମାନେ କିପରି ସରକାରୀ ରାସନ୍ ଦୋକାନରୁ ସୁଲଭ ଦରରେ ଆବଶ୍ୟକ ସାମଗ୍ରୀ ପାଇପାରିବେ ତାହାକୁ ନେଇ ସଚେତନତା କରାଯାଇଥିଲା । ଜନଶୁଣାଣୀରେ ସାଧାରଣ ଲୋକମାନେ ସ୍ୱୟଂ ତାଙ୍କ ଅଭିଯୋଗ, ସମସ୍ୟା ଓ ପ୍ରସ୍ତାବ ଦେଇଥିଲେ । କାମରେ ବିଳମ୍ବ, ଦାମାନ୍ତରଣରେ ଅସୁବିଧା, ରାସନ୍ କାର୍ଡ ସମ୍ପର୍କୀୟ ସମସ୍ୟା ଇତ୍ୟାଦି ବିଷୟରେ ସାଧାରଣଙ୍କ ମଧ୍ୟରୁ ମୁଦ୍ଦା ଉଠିଥିଲା । ଅଧିକାରୀମାନେ ସମସ୍ୟାଗୁଡ଼ିକୁ ଗୁରୁତ୍ୱ ସହ କଣ୍ଟଗତ କରି, ଶୀଘ୍ର ସମାଧାନ କରାଯିବ ବୋଲି ଆଶ୍ୱାସନ ଦେଇଥିଲେ ।

ଟିକାବାଲି ଅଂଚଳରେ ବାଣ ଦୋକାନରେ ଚଢ଼ାଉ ଦୁଇ ଜଣ ଗିରଫ

ଟିକାବାଲି, ୨୪/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଟିକାବାଲି ପୋଲିସକୁ ବଡ଼ ସଫଳତା । ତା ୨୪/୯/୦୨୫ ରିଖ ଟିକାବାଲି ଥାନା ଅଧିକାରିଣୀ ଶ୍ରୀମତୀ ପ୍ରଜ୍ଞାରୀତପସ୍ୱରା କରଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ରବୀନ୍ଦ୍ର ହେମ୍ବ୍ରମଙ୍କ ସମେତ ଅନ୍ୟାନ୍ୟ କର୍ମ ଚାରୀଙ୍କ ମିଳିତ ଉଦ୍ୟମରେ ବେଆଇନ ଭାବରେ ବିକ୍ରି କରୁଥିବା ବାଣ ଦୋକାନୀ ଦୁଇ ଜଣଙ୍କୁ କାବୁ କରି ଗିରଫ କରିଛି । ଟିକାବାଲି ସହର ଅଂଚଳରେ ବେଆଇନ ଭାବରେ ବିକ୍ରି କରୁଥିବାର କୌଣସି ପ୍ରକାର ସୂଚନା ଜାଣିବା ପରେ ଅତର୍କିତ ଭାବରେ ପହଂଚି ଥିଲା ଟିକାବାଲି ପୋଲିସ ଏବଂ ବିକ୍ରି କରୁଥିବା ଦୁକାନୀ ଗୁଡାକ ସିଜ କରି ବେପାରୀ ନବକିଶୋର ନାୟକ ଠାରୁ ୫୦୦ରୁ ଉର୍ଦ୍ଧ ବିଭିନ୍ନ ପ୍ରକାରର ବାଣ ଯଥା ଡାଳ ଫଟକା, ଫୁଲ ଝରି ଫଟକା, ଲଙ୍କା ବାଣ, ସୁରୁସୁରୀ ବାଣ, କୁମ୍ଭି ବାଣକୁ ପୋଲିସ ଜବତ କରିଛି । ଟିକାବାଲି ଥାନାରେ ଏକ କେସ ନଂ ୨୦୭/୨୫ ରେ ଏକ ମାମଲା ରୁଜୁ କରିଛି । ତାରିଖ ୨୩/୯/୦୨୫ ରେ ପୁଣି ଏକ ବେପାରୀ ମନ୍ମଥ ପାତ୍ରଙ୍କ ଦୁକାନ ରୁ ୧୦୦୦ରୁ ଉର୍ଦ୍ଧ ପରିମାଣ ରେ ବାଣ ଜବତ କରି କେସ ନଂ 288 BNS / RWS 9(B)1 (b) ରେ ଗିରଫ କରି କେସ ନଂ ୨୦୮/୨୫ ରେ ଏକ ମାମଲା ରୁଜୁ କରିଛି ଟିକାବାଲି ପୋଲିସ ।

ସେଇଠୁ
ଆରମ୍ଭ
SEITHO ARAMBHA
ଗୁରୁବାର, ୨୫ ସେପ୍ଟେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

ବାଂଲାଦେଶ ବିପକ୍ଷ ମ୍ୟାଚରେ ଭାରତ ଜିତୁ ବୋଲି ପାକିସ୍ତାନ ପ୍ରାର୍ଥନା କରିବ

ନୂଆଦିଲ୍ଲୀ,୨୪।୦୯(ନ୍ୟୁ.ଏ): ଏସିଆ କପ୍ ଫାଇନାଲରେ ପହଞ୍ଚିବା ପାଇଁ ଦୌଡ଼ ରୋମାଞ୍ଚକର ହୋଇଗଲାଣି । ପାକିସ୍ତାନଠାରୁ ହାରିବା ପରେ କେଉଁ ଦଳ ଯୋଗ୍ୟତା ଅର୍ଜନ କରିବାର ସମ୍ଭାବନା ଅଧିକ ସେ ବିଷୟରେ ସମୀକରଣ ଏବେ ସ୍ପଷ୍ଟ ହୋଇଗଲାଣି । ଶ୍ରୀଲଙ୍କା କ୍ରିକେଟ୍ ଦଳ ପାକିସ୍ତାନଠାରୁ ହାରିବା ପରେ ପ୍ରାୟ ବାଦ୍ ପଡ଼ିଛି । ଯଦି କୌଣସି ଚମତ୍କାର ଘଟେ ନାହିଁ, ତେବେ ଭାରତ ଫାଇନାଲରେ ବାଂଲାଦେଶ କିମ୍ବା ପାକିସ୍ତାନ ସହିତ ମୁକାବିଲା କରିବ । ଏସିଆ କପ୍ ୨୦୨୫ ସୁପର ଫୋର୍‌ରେ ତିନୋଟି ମ୍ୟାଚ୍ ଖେଳାଯାଇସାରିଛି ଏବଂ ତିନୋଟି ବାକି ଅଛି । ସମସ୍ତ ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ଆଜି ଭାରତ ବନାମ ବାଂଲାଦେଶ ମ୍ୟାଚ୍, ଗୁରୁବାର ପାକିସ୍ତାନ ବନାମ ବାଂଲାଦେଶ ଏବଂ ସେପ୍ଟେମ୍ବର ୨୬ ତାରିଖରେ ଭାରତ ବନାମ ଶ୍ରୀଲଙ୍କା ମ୍ୟାଚ୍ ଖେଳାଯିବ ।

ଯଦି ଭାରତ ଆଜି ବାଂଲାଦେଶକୁ ପରାସ୍ତ କରେ, ତେବେ ଟିମ୍ ଇଣ୍ଡିଆ ଫାଇନାଲରେ ପହଞ୍ଚିଥିବା ପ୍ରଥମ ଦଳ ହେବ । ଶ୍ରୀଲଙ୍କା ଆନୁଷ୍ଠାନିକ ଭାବରେ ବାଦ ପଡିବ । ଭାରତ ବନାମ ଶ୍ରୀଲଙ୍କା ମ୍ୟାଚ୍ କେବଳ ଏକ ଔପଚାରିକତା ହେବ । ଦ୍ୱିତୀୟ ଫାଇନାଲିଷ୍ଟ ସେପ୍ଟେମ୍ବର ୨୫ ତାରିଖରେ ପାକିସ୍ତାନ ବନାମ ବାଂଲାଦେଶ ମ୍ୟାଚ୍ ଦ୍ୱାରା ନିର୍ଣ୍ଣୟ କରାଯିବ । ତେଣୁ, ପାକିସ୍ତାନ ଆଜି ଭାରତ ବାଂଲାଦେଶକୁ ପରାସ୍ତ କରିବାକୁ ଚାହିଁବ, କାରଣ ପାକିସ୍ତାନ ବନାମ ବାଂଲାଦେଶ ମ୍ୟାଚ୍‌ରେ ପାକିସ୍ତାନ ସବୁଠାରୁ ଶକ୍ତିଶାଳୀ ଦଳ ହେବ । ୨୦୨୫ ଏସିଆ କପରେ ଭାରତ ଏକମାତ୍ର ଦଳ ଯିଏ କୌଣସି ମ୍ୟାଚ୍ ହାରିନାହିଁ । ଆଜି ବାଂଲାଦେଶ ପାଇଁ ଜିତିବା ବହୁତ କଷ୍ଟକର । ତଥାପି, ଯଦି ବାଂଲାଦେଶ ଭାରତକୁ ପରାସ୍ତ କରେ, ତେବେ ସେମାନଙ୍କର ପଥ ସହଜ ହୋଇଯିବ । ଏପରି ପରିସ୍ଥିତିରେ, ବାଂଲାଦେଶ ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ସ୍ଥାନ ସୁରକ୍ଷିତ କରିପାରିବ, କିନ୍ତୁ ଯଦି ସେମାନେ ହାରିଯାଆନ୍ତି, ତେବେ ସେମାନଙ୍କୁ ଭାରତ ବନାମ ଶ୍ରୀଲଙ୍କା ମ୍ୟାଚ୍ ପାଇଁ ଅପେକ୍ଷା କରିବାକୁ ପଡିବ । ଯଦି ଶ୍ରୀଲଙ୍କା ଜିତିବ, ତେବେ ବାଂଲାଦେଶ ଫାଇନାଲକୁ ଉଠିବ । ଯଦି ଭାରତ ଜିତିବ, ତେବେ ନେଟ୍ ରନ୍ ରେଟ୍ ନିର୍ଣ୍ଣୟ କରିବ ଯେ କିଏ ଫାଇନାଲରେ ଖେଳିବ ।

ରିପୋର୍ଟ ଲେଖାହେବା ସୁଦ୍ଧା ଏସିଆ କପ୍-୨୦୨୫ର ୧୬ତମ ମ୍ୟାଚରେ ବାଂଲାଦେଶ ବିପକ୍ଷରେ ଭାରତ ୧୬୮ ରନ୍ ସଂଗ୍ରହ କରିଛି । ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ବୁଧବାର ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୬୮ ରନ୍ ସଂଗ୍ରହ କରିଛି । ଫଳରେ ବାଂଲାଦେଶକୁ ଏହି ମ୍ୟାଚ୍ ? ଜିତିବା ପାଇଁ ୧୬୯ ରନ୍‌ର ଲକ୍ଷ୍ୟ ମିଳିଛି । ଏହି ମ୍ୟାଚ୍‌ରେ ଭାରତର ପ୍ରାରମ୍ଭିକ ବ୍ୟାଟର ଅଭିଷେକ ଶର୍ମା ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଛନ୍ତି । ଏହି ମ୍ୟାଚରେ ବାଂଲାଦେଶ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ।

ନୂଆ କୀର୍ତ୍ତିମାନ ସ୍ଥାପନ କଲେ ବୈଭବ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ,୨୪।୦୯(ନ୍ୟୁ.ଏ): ଅଷ୍ଟ୍ରେଲିଆ ଓ ଭାରତ ଅଣ୍ଡର ୧୯ ଟିମ ମଧ୍ୟରେ ଖେଳା ଯାଉଥିବା ଦ୍ୱିତୀୟ ୟୁଥ ଦିନିକିଆରେ ସୂର୍ଯ୍ୟବଂଶୀ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆ ଟୁରରେ ଯାଉଥିବା ବେଳେ ସେଠାରେ ନିଜର ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି । କନିଷ୍ଠ ଖେଳାଳି ଭାବେ ଆଇପିଏଲରେ ଡେବ୍ୟୁ କରିଥିବା ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି । ଆଇପିଏଲରେ ସମସ୍ତଙ୍କୁ ପ୍ରଭାବିତ କରିଥିବା ସୂର୍ଯ୍ୟବଂଶୀ ଭାରତ ପାଇଁ ଜୁନିୟର ବର୍ଗରେ କ୍ରମାଗତ ଭଲ ପ୍ରଦର୍ଶନ କରିଚାଲିଛନ୍ତି । ଏବେ ସେ ଅଷ୍ଟ୍ରେଲିଆ ଟୁରରେ ଥିବା ବେଳେ ଭାରତ ପାଇଁ ଅଣ୍ଡର ୧୯ ବିଶ୍ୱକପ ଜିତିଥିବା ଅଧିନାୟକ ଉନ୍ମୁକ୍ତ ଚାନ୍ଦଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି । ଅଷ୍ଟ୍ରେଲିଆ ଓ ଭାରତ ଅଣ୍ଡର ୧୯ ଟିମ ମଧ୍ୟରେ ଖେଳା ଯାଉଥିବା ଦ୍ୱିତୀୟ ୟୁଥ ଦିନିକିଆରେ ସୂର୍ଯ୍ୟବଂଶୀ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆ ଟୁରରେ ଯାଇଥିବା ବେଳେ ସେଠାରେ ନିଜର ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି । ଆଜି ଦ୍ୱିତୀୟ ଦିନିକିଆରେ ସୂର୍ଯ୍ୟବଂଶୀ ୬୮ ବଲରେ ୭୦ ରନର ଇନିଂସ ଖେଳିଛନ୍ତି । ଏଥିରେ ୬ଟି ଛକା ଓ ୫ଟି ଚୌକା ରହିଛି । ଏହି ଇନିଂସ ପରେ ୟୁଥ ଦିନିକିଆରେ ସର୍ବାଧିକ ଛକା ମାରିବାର ରେକର୍ଡ ସୂର୍ଯ୍ୟବଂଶୀଙ୍କ ନାଁରେ ଯୋଡ଼ି ହୋଇଯାଇଛି । ପୂର୍ବରୁ ଏହା ଚାନ୍ଦଙ୍କ ନାଁରେ ଥିଲା । ବର୍ତ୍ତମାନ ସୁଦ୍ଧା ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ୟୁଥ ଦିନିକିଆରେ ୪୧ଟି ଛକା ମାରି ସାରିଲେଣି । ଚାନ୍ଦ ୩୮ଟି ଛକା ମାରିଥିଲେ । ପ୍ରଥମ ଦିନିଆରେ ସୂର୍ଯ୍ୟବଂଶୀ ୨୨ ବଲରେ ୩୮ ରନ କରିଥିଲେ । ଭାରତ ୨୨୬ ରନର ଟାର୍ଗେଟକୁ ୩୦.୩ ଓଭରରେ ଚେଜ କରି ଦେଇଥିଲା । ଆଜି ଭାରତ ୩୦୦ ରନ କରିଥିବା ବେଳେ ଅଷ୍ଟ୍ରେଲିଆ ଅଣ୍ଡର ୧୯ ଟିମ କେବଳ ୨୪୯ ରନ କରି ପାରିଥିଲା । ଭାରତ ୫୧ ରନରେ ମ୍ୟାଚ୍ ଜିତି ନେଇଛି । ସୂର୍ଯ୍ୟବଂଶୀଙ୍କ କଥା ବିଚାରକୁ ନେଲେ ଏହାପୂର୍ବରୁ ସେ ଇଂଲଣ୍ଡ ଗସ୍ତ କରିଥିଲେ । ସେଠାରେ ୫ଟି ଦିନିଆରେ ୭୧ ହାରରେ ୩୫୫ ରନ କରିଥିଲେ । ତାଙ୍କ ବ୍ୟାଟରୁ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା । ପ୍ରଥମ ଦୁଇଟି ମ୍ୟାଚ୍‌ରେ ସେ ୪୦ରୁ ଅଧିକ ରନ କରିଥିଲେ । ଏହାପରେ ୩୧ ବଲରେ ୮୬ ରନ ଓ ୪ର୍ଥ ମ୍ୟାଚ୍‌ରେ ୭୮ ବଲରେ ୧୪୩ ରନର ଇନିଂସ ଖେଳି ସେ ସମସ୍ତଙ୍କୁ ନିଜ ଦକ୍ଷତାର ପରିଚୟ ଦେଇଥିଲେ । ଏହି ଇନିଂସରେ ସେ ୧୩ଟି ଚୌକା ଓ ୧୦ଟି ଛକା ମାରିଥିଲେ । ୫୧ ବଲରେ ଶତକ ହାସଲ କରିବାର ୟୁଥ ଦିନିକିଆ ରେକର୍ଡ ମଧ୍ୟ ସୂର୍ଯ୍ୟବଂଶୀ ନିଜ ନାଁରେ କରିଥିଲେ ।

ପାକିସ୍ତାନ ଦଳ ବିରୋଧରେ ନିଆଯାଇପାରେ ବଡ଼ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୨୪।୦୯(ନ୍ୟୁ.ଏ): ଭାରତ, ପାକିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କା ଏସିଆ କପ ୨୦୨୫ର ସୁପର ଫୋର୍ ରେ ଖେଳୁଛନ୍ତି । ଟୁର୍ନାମେଣ୍ଟ ଏବେ ଏହାର ଶେଷ ପର୍ଯ୍ୟାୟରେ ପହଂଚିଛି । ଏହି ସଂସ୍କରଣରେ ପାକିସ୍ତାନ କ୍ରିକେଟ ଦଳ ବିବାଦ ପାଇଁ ଖବରରେ ରହିଛି । ସେମାନେ ଭାରତ ବିପକ୍ଷରେ ଗ୍ରୁପ ପର୍ଯ୍ୟାୟ ମ୍ୟାଚ ପରେ ମ୍ୟାଚ ରେଫରି ଏବଂ ଅଂପାୟାରଙ୍କ ବିରୋଧରେ ଆଇସିସିରେ ଅଭିଯୋଗ ଦାଖଲ କରିଥିଲେ, ତା'ପରେ ୟୁଏଇ କ୍ରିକେଟ ଦଳ ବିପକ୍ଷରେ ମ୍ୟାଚ ପାଇଁ ଗୋଟିଏ ଘଂଟା ବିଳମ୍ବରେ ପହଂଚିଥିଲେ । ସେମାନେ ଭାରତ ବିପକ୍ଷରେ ସୁପର ଫୋର୍ ମ୍ୟାଚ ରେ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲେ, ତା'ପରେ ଅଂପାୟାରଙ୍କ ବିରୋଧରେ ଅଭିଯୋଗ କରିଥିଲେ । ଏହି ସମୟରେ, ଆଇସିସି ଏକ କ୍ରିକେଟ ବୋର୍ଡକୁ ନିଲମ୍ବିତ କରିଛି, କିନ୍ତୁ ଏହା ପାକିସ୍ତାନ ନୁହେଁ । ଆନ୍ତର୍ଜାତୀୟ କ୍ରିକେଟ ପରିଷଦ ତୁରନ୍ତ ପ୍ରଭାବରୁ ଆମେରିକା କ୍ରିକେଟ ବୋର୍ଡର ସଦସ୍ୟତାକୁ ନିଲମ୍ବିତ କରିଛି । ମଙ୍ଗଳବାର, ସେପ୍ଟେମ୍ବର ୨୩ ତାରିଖରେ ଏକ ଭର୍ଚୁଆଲ ବୋର୍ଡ ବୈଠକ ସମୟରେ ବୋର୍ଡ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ତଥାପି, ଆମେରିକା କ୍ରିକେଟ ଦଳ ଏବେ ବି ଆଗାମୀ ବର୍ଷ ଟି୨୦ ବିଶ୍ୱକପରେ ଅଂଶଗ୍ରହଣ କରିପାରିବ ।

ଇଂଲଣ୍ଡ ଆଶେସ ସ୍କ୍ୱାଡ: ଫେରିଲେ ମାର୍କ ଉଡ, ପଟ୍ସ ଓ ଜ୍ୟାକ୍ସ, ବ୍ରୁକ ଉପ ଅଧିନାୟକ

ଲଣ୍ଡନ,୨୪।୦୯(ନ୍ୟୁ.ଏ): ଗୋଡ଼ ଜନିତ ଆହତ ସମସ୍ୟାରୁ ସଂପୂର୍ଣ୍ଣ ମୁକ୍ତି ନଥିଲେ ହେଁ ବେନ ଷ୍ଟୋକଙ୍କୁ ଆଶେସ ସିରିଜ ପାଇଁ ଇଂଲଣ୍ଡର କ୍ୟାପ୍ଟେନ ଭାବେ ଘୋଷଣା କରାଯାଇଛି । ନଭେମ୍ବର ମାସରୁ ଆରମ୍ଭ ହେଉଥିବା ଆଶେସ ସିରିଜ ପାଇଁ ଆଜି ଇଂଲିଶ କ୍ରିକେଟ ବୋର୍ଡ ସ୍କ୍ୱାଡ ଘୋଷଣା କରିଛି । ମାର୍କ ଉଡ, ମାଥ୍ୟୁ ପଟ୍ସ ଓ ୱିଲ ଜ୍ୟାକଙ୍କୁ ୧୬ ଜଣିଆ ସ୍କ୍ୱାଡରେ ସୁଯୋଗ ମିଳିଛି । ଡୁରହାମର ପେସ ବୋଲର ପଟ୍ସ ଶେଷ ଥର ପାଇଁ ୨୦୨୪ରେ ଡିସେମ୍ବର ମାସରେ ନ୍ୟୁଜିଲାଣ୍ଡ ବିପକ୍ଷ ଖେଳିଥିଲେ । ସେହିପରି ସରୀର ଜ୍ୟାକ ୨୦୨୨ ଡିସେମ୍ବରରୁ ଇଂଲଣ୍ଡ ପାଇଁ ଟେଷ୍ଟ ଖେଳି ନାହାନ୍ତି । ଆହତ ସମସ୍ୟା ଯୋଗୁ ଦ୍ରୁତ ବୋଲର ମାର୍କ ଉଡ ମଧ୍ୟ ଦୀର୍ଘ ସମୟ ହେଲା ଦଳରୁ ବାହାରେ ରହିଥିଲେ । କିନ୍ତୁ ଏବେ ସେ ଦଳକୁ କମବ୍ୟାକ କରିଛନ୍ତି ।

ଆଶେସ ପାଇଁ ହ୍ୟାରୀ ବ୍ରୁକଙ୍କୁ ଉପ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି । ପୂର୍ବରୁ ଇଂଲଣ୍ଡ ଟେଷ୍ଟ ଟିମର ଉପ ଅଧିନାୟକ ଭାବେ ଓଲି ପୋପ କାର୍ଯ୍ୟ କରୁଥିଲେ । ତାଙ୍କ ଠାରୁ ଉପ ଅଧିନାୟକ ପଦ ଛଡ଼ାଇ ନିଆଯାଇ ବ୍ରୁକଙ୍କୁ ଦିଆଯାଇଛି । ତେବେ ପୋପ ଦଳରେ ରହିଛନ୍ତି । ଭାରତ ବିପକ୍ଷ ଟେଷ୍ଟରେ ଆଙ୍ଗୁଠି ଜନିତ ସମସ୍ୟାରେ ପଡ଼ିଥିବା ଶୋଏବ ବଶିର ମଧ୍ୟ ଆଶେସରେ ନଜର ଆସିବେ । ତେବେ ଆହତ ସମସ୍ୟା ଯୋଗୁ କ୍ରିସ ୱୋକ ଆଶେସ ସ୍କ୍ୱାଡରେ ନାହାନ୍ତି । ଭାରତ ବିପକ୍ଷ ଶେଷ ଟେଷ୍ଟରେ ୱୋକ ଆହତ ହୋଇଥିଲେ । ଇଂଲଣ୍ଡର ଆଶେସ ସ୍କ୍ୱାଡ: ବେନ ଷ୍ଟୋକ(ଅଧିନାୟକ), ଜୋଫ୍ରା ଆର୍ଚର, ଗସ ଅଟକିନସନ, ଶୋଏବ ବଶିର, ଜ୍ୟାକବ ବେଥେଲ, ହ୍ୟାରୀ ବ୍ରୁକ(ଉପ ଅଧିନାୟକ), ବ୍ରାୟଣ୍ଡନ କାର୍ସେ, ଜ୍ୟାକ କ୍ରଉଲୀ, ବେନ ଡକେଟ, ୱିଲ ଜ୍ୟାକ, ଓଲି ପୋପ, ମାଥ୍ୟୁ ପଟ୍ସ, ଜୋ ରୁଟ, ଜାମି ସ୍ମିଥ, ଜୋଶ ଟଙ୍ଗ ଓ ମାର୍କ ଉଡ୍ । ନଭେମ୍ବର ୨୧ରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଆଶେସ ସିରିଜ ଆରମ୍ଭ ହେବ । ପ୍ରଥମ ଟେଷ୍ଟ ଅପଟସେ ଷ୍ଟାଡିୟମରେ ଖେଳାଯିବାକୁ ଥିବା ବେଳେ ଏହାପରେ ବ୍ରିସବେନ, ଆଡିଲେଡ, ମେଲବର୍ଣ୍ଣ ଓ ସିଡ଼ନୀରେ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ । ଆଶେଷ ପୂର୍ବରୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୩ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବ ଇଂଲଣ୍ଡ । ଏଥିପାଇଁ ମଧ୍ୟ ସ୍କ୍ୱାଡ ଘୋଷଣା ହୋଇଛି । ଉଭୟ ଟି-୨୦ ଓ ଦିନିକିଆରେ ହ୍ୟାରୀ ବ୍ରୁକ ହିଁ ଦଳର କମାଣ ସମ୍ଭାଳିବେ । ଟି-୨୦ରେ ଡକେଟ, ସ୍ମିଥ ଓ ଆର୍ଚରଙ୍କୁ ବିଶ୍ରାମ ଦିଆଯାଇଛି । କିନ୍ତୁ ପ୍ରଥମଥର ପାଇଁ ଟି-୨୦ରେ ସୁଯୋଗ ପାଇଛନ୍ତି ଦଳର ଟେଷ୍ଟ ଓପନର କ୍ରଉଲୀ । ଦିନିକିଆ ସ୍କ୍ୱାଡକୁ ସାମ କୁରାନ ଓ ଲିଆମ ଡାୱ୍ସନଙ୍କ ପ୍ରତ୍ୟାବର୍ତ୍ତନ ହୋଇଛି । ଧଳା ବଲ କ୍ରିକେଟ ପାଇଁ ଲୁକ ଉଡଙ୍କୁ ମଧ୍ୟ ସୁଯୋଗ ମିଳିଛି । ଇଂଲଣ୍ଡର ଦିନିକିଆ ସ୍କ୍ୱାଡ: ହ୍ୟାରୀ ବ୍ରୁକ(ଅଧିନାୟକ), ରେହାନ ଅହମଦ, ଜୋଫ୍ରା ଆର୍ଚରଣ, ସୋନି ବାକେର, ଟମ ବାଣ୍ଟନ, ଜ୍ୟାକବ ବେଥେଲ, ଜୋଶ ବଟଲର, ବ୍ରାୟଣ୍ଡନ କାର୍ସେ, ସାମ କୁରାନ, ଲିଆମ ଡାୱ୍ସନ, ବେନ ଡକେଟ, ଜାମି ଓଭରଟନ, ଆଦିଲ ରଶିଦ, ଜୋ ରୁଟ, ଜାମି ସ୍ମିଥ ଓ ଲୁକ ଉଡ । ଇଂଲଣ୍ଡ ଟି-୨୦ ସ୍କ୍ୱାଡ: ହ୍ୟାରୀ ବ୍ରୁକ, ରେହାନ ଅହମଦ, ସୋନି ବାକେର, ଟମ ବାଣ୍ଟନ, ଜ୍ୟାକବ ବେଥେଲ, ଜୋଶ ବଟଲର, ବ୍ରାୟଣ୍ଡନ କାର୍ସେ, ଜୋର୍ଡାନ କକ୍ସ, ଜ୍ୟାକ କ୍ରଉଲୀ, ସାମନ କୁରାନ, ଲିଆମ ଡାୱ୍ସନ, ଜାମି ଓଭରଟନ, ଆଦିଲ ରଶିଦ, ଫିଲ ସଲ୍ଟ ଓ ଲୁକ ଉଡ ।

ଲଦାଖ ଅଶାନ୍ତ: ୪ ଜଣଙ୍କ ମୃତ୍ୟୁ ପରେ କର୍ଫ୍ୟୁ ଜାରି

ଲଦାଖ,୨୪।୦୯(ନ୍ୟୁ.ଏ): ବୁଧବାର ଦିନ ଲେହ-ଲଦାଖରେ ଯୁବ ପ୍ରଦର୍ଶନକାରୀଙ୍କ ପ୍ରତିବାଦ ହିଂସାତ୍ମକ ରୂପ ନେଇଛି । ରାସ୍ତାରେ ପ୍ରତିବାଦ କରୁଥିବା ଜେନ୍-ଜିମାନେ ବିଜେପି କାର୍ଯ୍ୟାଳୟ ଜାଳି ଦେବା ସହ ପଥର ମାଡ଼ କରିଛନ୍ତି । ଏହା ସହ ଏକ ପୁଲିସ ଗାଡ଼ିକୁ ମଧ୍ୟ ଜାଳି ଦିଆଯାଇଥିବା ଜଣାପଡ଼ିଛି । ଏହି ପ୍ରତିବାଦରେ ଅତି କମରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ପ୍ରଦର୍ଶନକାରୀମାନେ ରାଜ୍ୟ ମାନ୍ୟତା ଏବଂ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରି ବିରୋଧ ପ୍ରଦର୍ଶନ କରୁଛନ୍ତି । ପରିସ୍ଥିତି ଖରାପ ହେଉଥିବା ଦେଖି କର୍ତ୍ତୃପକ୍ଷ ସହରରେ କର୍ଫ୍ୟୁ ଜାରି କରିଛନ୍ତି । ପାଞ୍ଚ ଜଣରୁ ଅଧିକ ଲୋକଙ୍କ ଏକତ୍ରିତ ହେବା ଉପରେ ରୋକ୍ ଲଗାଯାଇଛି । ପୋଡ଼ାଜଳା ସମୟରେ, ସ୍ଥାନୀୟ ବିଜେପି କାର୍ଯ୍ୟାଳୟରେ ନିଆଁ ଲଗାଇ ଦିଆଯାଇଥିଲା ଏବଂ ଏକ ଗାଡ଼ି ମଧ୍ୟ ପୋଡ଼ି ଦିଆଯାଇଥିଲା । ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲୁହବୁହା ଗ୍ୟାସ ବ୍ୟବହାର କରିଥିଲା ଏବଂ ପ୍ରତିବାଦକାରୀଙ୍କ ଉପରେ ଲାଠିଚାର୍ଜ କରିଥିଲା । ଏବେ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଏକ ସରକାରୀ ଆଦେଶରେ କୁହାଯାଇଛି ଯେ, ଲେହରେ ପାଞ୍ଚ କିମ୍ବା ତା'ଠାରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ । କୌଣସି ଶୋଭାଯାତ୍ରା ବା ରାଲି କରାଯାଇପାରିବ ନାହିଁ । ଉଲ୍ଲେଖଯୋଗ୍ୟ, ପୂର୍ବରୁ ଲଦାଖ, ଜମ୍ମୁ-କଶ୍ମୀରର ଅଂଶ ଥିଲା ଏବଂ ୫ ଅଗଷ୍ଟ, ୨୦୧୯ରେ ଧାରା ୩୭୦ ଉଚ୍ଛେଦ ହେବା ପରେ ଏହା ଏକ କେନ୍ଦ୍ରଶାସିତ ଅଞ୍ଚଳ ହୋଇ ସିଧାସଳଖ କେନ୍ଦ୍ରର ନିୟନ୍ତ୍ରଣକୁ ଆସିଗଲା । ଲଦାଖର ଲୋକମାନେ ସେବେଠାରୁ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ରାଜ୍ୟ ମାନ୍ୟତା ଦାବି କରିଆସୁଛନ୍ତି । ଏହି ଦାବି ପୂରଣ ହୋଇନଥିବାରୁ ଏବେ ରାସ୍ତାକୁ ଓହ୍ଲାଇଛନ୍ତି ଲଦାଖବାସୀ ।

ଇଟାଲୀର ପ୍ରଧାନମନ୍ତ୍ରୀ ପୁଣି ଥରେ ଭାରତକୁ କଲେ ପ୍ରଶଂସା

ନୂଆଦିଲ୍ଲୀ,୨୪।୦୯(ନ୍ୟୁ.ଏ); ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ପୁଣି ଥରେ ଭାରତକୁ ପ୍ରଶଂସା କରିଛନ୍ତି । ଭାରତ ବିଶ୍ୱରେ ଦ୍ୱନ୍ଦ୍ୱ ସମାଧାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ମେଲୋନି କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଜର୍ଜିଆ ମେଲୋନି ଏହି ମାସର ଆରମ୍ଭରେ ଫୋନ ଯୋଗେ କଥା ହୋଇଥିଲେ, ପାରସ୍ପରିକ ସ୍ୱାର୍ଥର ଆଂଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଉଭୟ ନେତା ଯଥାଶୀଘ୍ର ରୁଷିଆ-ୟୁକ୍ରେନ ଯୁଦ୍ଧ ଶେଷ କରିବା ଏବଂ ଏକ ଶାନ୍ତିପୂର୍ଣ୍ଣ ସମାଧାନ ଖୋଜିବାର ଆବଶ୍ୟକତା ଉପରେ ସହମତ ହୋଇଥିଲେ ପ୍ରଧାନମନ୍ତ୍ରୀ ମୋଦି ଏହି ଦିଗରେ ପ୍ରୟାସ ପାଇଁ ଭାରତର ପୂର୍ଣ୍ଣ ସମର୍ଥନକୁ ଦୋହରାଇଥିଲେ । ଦୁଇ ନେତା ନିବେଶ, ପ୍ରତିରକ୍ଷା, ସୁରକ୍ଷା, ମହାକାଶ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ଲୋକ-ଲୋକ ସଂପର୍କକୁ ଆହୁରି ମଜବୁତ କରିବା ଏବଂ ଆତଙ୍କବାଦ ମୁକାବିଲା ଭଳି କ୍ଷେତ୍ରରେ ଦ୍ୱିପାକ୍ଷିକ ରଣନୈତିକ ସହଭାଗୀତାରେ ବିକାଶ ସମୀକ୍ଷା କରିଥିଲେ । ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ୨୦୨୫-୨୯ ଫ୍ରେମୱାର୍କ ଅନୁଯାୟୀ ସହଭାଗୀତାକୁ ଆହୁରି ମଜଭୁତ କରିବା ପାଇଁ ଦୁଇ ନେତା ମିଳିତ ଭାବରେ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନି ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଏବଂ ୨୦୨୬ରେ ଭାରତ ଦ୍ୱାରା ଆୟୋଜିତ ହେବାକୁ ଥିବା ଇୟୁ ପ୍ରଭାବ ସମ୍ମିଳନୀର ସଫଳତା ପାଇଁ ଇଟାଲୀର ଦୃଢ଼ ସମର୍ଥନକୁ ଦୋହରାଇଛନ୍ତି ।ମୋଦି ଏବଂ ମେଲୋନି ଭାରତ-ମଧ୍ୟ ପୂର୍ବ ୟୁରୋପ ଅର୍ଥନୈତିକ କରିଡର ଆଇଏମ୍‌ଇଇସି ଅଧୀନରେ ସଂଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ ସହମତ ହୋଇଛନ୍ତି । ଭାରତ ଏବଂ ଇୟୁ ଏକ ସନ୍ତୁଳିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଚୂଡ଼ାନ୍ତ କରିବା ପାଇଁ ଆନ୍ତରିକତା ଏବଂ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରୁଛନ୍ତି, ଯାହା ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ଆହୁରି ବୃଦ୍ଧି କରିବ ଏବଂ ସାଧାରଣ ଲୋକଙ୍କୁ ଲାଭ ଦେବ ।

୫ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ତାରିଖ ଘୋଷଣା

ନୂଆଦିଲ୍ଲୀ,୨୪।୦୯(ନ୍ୟୁ.ଏ): ୫ଟି ରାଜ୍ୟସଭା ଆସନରେ ଉପନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିଶନ । ପଞ୍ଜାବରେ ଗୋଟିଏ ଏବଂ ଜମ୍ମୁ-କାଶ୍ମୀରରେ ଚାରୋଟି ଆସନ ଖାଲି ପଡିଥିବାରୁ ଏଠାରେ ଉପନିର୍ବାଚନ ହେବାକୁ ତାରିଖ ଘୋଷଣା କରାଯାଇଛି । ଆସନ୍ତା ଅକ୍ଟୋବର ୨୪ରେ ଏହି ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ । ସାଂସଦ ସଞ୍ଜୀବ ଆରୋରାଙ୍କ ଇସ୍ତଫା ପରେ ପଞ୍ଜାବର ରାଜ୍ୟସଭା ଆସନ ଖାଲିପଡିଥିଲା । ସେପଟେ ୨୦୧୯ରେ ଯେତେବେଳେ ଧାରା ୩୭୦ ଉଚ୍ଛେଦ ହେଲା ସେବେଠାରୁ ଜମ୍ମୁ ଓ କାଶ୍ମୀରର ଚାରୋଟି ରାଜ୍ୟସଭା ଆସନ ଖାଲି ପଡିଛି ।

ଭାରତକୁ ନେଇ ଚାଞ୍ଚଲ୍ୟକର ବୟାନ ଦେଲେ ଜେଲେନସ୍କି

ନୂଆଦିଲ୍ଲୀ,୨୪।୦୯(ନ୍ୟୁ.ଏ): ରୁଷିଆ-ୟୁକ୍ରେନ ଯୁଦ୍ଧ ମଧ୍ୟରେ, ଭାରତ ଏହି ବିବାଦକୁ ପ୍ରୋତ୍ସାହିତ କରୁଛି କି ନାହିଁ ସେ ବିଷୟରେ ପ୍ରାୟତଃ ପ୍ରଶ୍ନ ଉଠିଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏହାର ସ୍ପଷ୍ଟ ଜବାବ ଦେଇଛନ୍ତି । ସେ କହିଛନ୍ତି, ଭାରତ ମୁଖ୍ୟତଃ ୟୁକ୍ରେନ ପକ୍ଷରେ ଅଛି ଏବଂ କୌଣସି ପ୍ରକାରେ ସଂଘର୍ଷକୁ ପ୍ରୋତ୍ସାହିତ କରୁନାହିଁ ।ଜେଲେନସ୍କି କହିଛନ୍ତି, ଶକ୍ତି କ୍ଷେତ୍ରରେ କିଛି ସମସ୍ୟା ଅଛି, କିନ୍ତୁ ସେଗୁଡିକର ସମାଧାନ ହୋଇପାରିବ । ଆମର ଶକ୍ତି ସମ୍ବନ୍ଧୀୟ ସମସ୍ୟା ଅଛି, କିନ୍ତୁ ସେଗୁଡ଼ିକର ସମାଧାନ ହୋଇପାରିବ । ଭାରତ ଆମ ସହିତ ଠିଆ ହୋଇଛି, ଏବଂ ୟୁରୋପ ମଧ୍ୟ ଭାରତ ସହିତ ଦୃଢ଼ ସଂପର୍କ ସ୍ଥାପନ କରିବା ଉଚିତ ।ସେ ୟୁରୋପୀୟ ଦେଶମାନଙ୍କୁ ଭାରତ ସହିତ ସହଯୋଗ ଏବଂ ସଂପର୍କକୁ ଆହୁରି ମଜଭୁତ କରିବାକୁ ଅନୁରୋଧ କରିଛନ୍ତି । ଜେଲେନସ୍କି କହିଛନ୍ତି, ଆମେ ଭାରତୀୟ ସହଯୋଗୀ ଦେଶମାନଙ୍କଠାରୁ ନିଜକୁ ଦୂରେଇ ରଖିବା ଉଚିତ୍ ନୁହେଁ, କାରଣ ସେମାନେ ଏହି ସଂଘର୍ଷରେ ୟୁକ୍ରେନ ସହିତ ଠିଆ ହୋଇଛନ୍ତି । ତାଙ୍କର ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରି ରହିଛି ଏବଂ ଏହାର ପ୍ରଭାବ ବିଶ୍ୱ ସ୍ତରରେ ଅନୁଭୂତ ହେଉଛି ।ୟୁକ୍ରେନ ରାଷ୍ଟ୍ରପତି ଏହା ମଧ୍ୟ ସୂଚାଇଛନ୍ତି ଯେ, ଭାରତ ସହିତ ଭଲ ସଂପର୍କ ବଜାୟ ରଖିବା ଉଭୟ ପକ୍ଷ ପାଇଁ ଲାଭଦାୟକ ହେବ । ଅନ୍ତର୍ଜାତୀୟ ସହଯୋଗ, ବିଶେଷକରି ୟୁରୋପ ଏବଂ ଭାରତ ମଧ୍ୟରେ ସହଭାଗୀତା, ଶକ୍ତି ସଙ୍କଟ ଏବଂ ଯୁଦ୍ଧ ସମ୍ବନ୍ଧୀୟ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବାରେ ସାହାଯ୍ୟ କରିପାରିବ ବୋଲି ସେ କହିଛନ୍ତି ।ରୁଷିଆ-ୟୁକ୍ରେନ ଯୁଦ୍ଧ ୨୦୨୨ରେ ଆରମ୍ଭ ହୋଇଥିଲା ରୁଷିଆ ୟୁକ୍ରେନ ଆକ୍ରମଣ କରିଥିଲା । ଅନେକ ଲୋକ ଆହତ ଏବଂ ମୃତାହତ ହୋଇଥିଲେ । ୟୁରୋପ ଏବଂ ଯୁକ୍ତରାଷ୍ଟ୍ର ରୁଷିଆ ଉପରେ ଆର୍ଥିକ ଏବଂ ଶକ୍ତି କଟକଣା ଲଗାଇଥିଲେ । ୟୁକ୍ରେନ ଅନ୍ତର୍ଜାତୀୟ ସହାୟତାରେ ନିଜକୁ ରକ୍ଷା କରିଥିଲା ଏବଂ ରୁଷିଆ ଅଧିକୃତ ଅଂଚଳଗୁଡ଼ିକର ନିୟନ୍ତ୍ରଣ ବଜାୟ ରଖିବାକୁ ଚାହୁଁଥିଲା । ଏହି ଯୁଦ୍ଧ ବିଶ୍ୱର ଶକ୍ତି, ଖାଦ୍ୟ ଏବଂ ଅର୍ଥନୀତି ଉପରେ ଏକ ବଡ଼ ପ୍ରଭାବ ପକାଇଛି ।

ଫିଲିପାଇନ୍ସରେ ତାଣ୍ଡବ ରଚୁଛି ମହାବାତ୍ୟା 'ରାଗାସା'

ହଂକଂ,୨୪।୦୯(ନ୍ୟୁ.ଏ): ଦକ୍ଷିଣ ଚୀନ ସାଗରରେ ସୃଷ୍ଟ ମହାବାତ୍ୟା 'ରାଗାସା' ଉଗ୍ରରୂପ ଧରି ଆଗକୁ ବଢ଼ିବାରେ ଲାଗିଛି । ଚଳିତ ବର୍ଷର ଏହାକୁ ସବୁଠାରୁ ଶକ୍ତିଶାଳୀ ଝଡ଼ କୁହାଯାଉଛି । 'ରାଗାସା' ଫିଲିପାଇନ୍ସ ସମେତ ଅନେକ ପଡୋଶୀ ଦେଶକୁ ଦୋହଲାଇ ଦେଇଛି । ଭୟାବହତାକୁ ନଜରରେ ରଖି ହଂକଂ ଅନ୍ତର୍ଜାତୀୟ ବିମାନବନ୍ଦରକୁ ୨୩ରୁ ୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ବନ୍ଦ କରାଯାଇଛି । ମହାବାତ୍ୟା ଏବେ ଚୀନ ମୁହାଁ ହୋଇଛି । ଫିଲିପାଇନ୍ସରେ ଏହାର ଗତି ଘଣ୍ଟା ପ୍ରତି ୨୧୫ କିମି ରହିଛି । ଦକ୍ଷିଣ ଚୀନ ସାଗରରେ ଅନେକ ଦ୍ୱୀପରୁ ବିମାନ ଚଳାଚଳକୁ ବାତିଲ କରାଯାଇଛି । ମକାଉ ଓ ହଂକଂ ସମେତ ଅନେକ ଅଞ୍ଚଳରେ ସ୍କୁଲ-କଲେଜ ବନ୍ଦ କରିଦିଆଯାଇଛି । ଚୀନର ଦକ୍ଷିଣ-ପୂର୍ବ ଉପକୂଳ ଫୁଜିୟାନ ଓ ଗୁଆଁଙ୍ଗଡୋଙ୍ଗରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି । ଶେନଜେନ୍ ସହରରୁ ପ୍ରାୟ ୪ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଯାଇଛି । ଚୀନର ଦକ୍ଷିଣ ଭାଗ ୧୦ ସହରରେ ସମସ୍ତ ଦୋକାନ ବଜାର ସହ ଶିକ୍ଷାନୁଷ୍ଠାନକୁ ବନ୍ଦ କରିବାକୁ ଆଦେଶ ଦିଆଯାଇଛି । ରାଗାସା ଫିଲିପାଇନ୍ସରେ ଅନେକ କ୍ଷତି ଘଟାଇଛି । ଅନେକ ଗଛ ଭାଙ୍ଗିପଡିବା ସହ ଘର ମାଟିରେ ମିଶିଯାଇଛି ।

ବିଜେପି ଅଫିସ ଓ ପୁଲିସ ଗାଡ଼ି ପୋଡ଼ିଲେ ଯୁବଗୋଷ୍ଠୀ, ୪ ମୃତ

ନୂଆଦିଲ୍ଲୀ,୨୪।୦୯(ନ୍ୟୁ.ଏ): ୨୦୧୯ ଅଗଷ୍ଟ ମାସରୁ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ପାଇଥିବା ଲଦାଖରେ ତାତିଛନ୍ତି ଯୁବଗୋଷ୍ଠୀ । ଦୀର୍ଘ ଦିନ ଧରି ଲଦାଖକୁ ରାଜ୍ୟ ମାନ୍ୟତା ଦାବି ପାଇଁ ଉଠୁଥିବା ସ୍ୱର ଆଜି ବିସ୍ଫୋରକ ରୂପ ନେଇଛି । ଆଜି ଶତାଧିକ ଯୁବକଯୁବତୀ ଲେହରେ ଏକାଠି ହୋଇ ଲଦାଖକୁ ରାଜ୍ୟ ମାନ୍ୟତା ସହ ସମ୍ବିଧାନର ୬ଷ୍ଠ ସେଡ୍ୟୁଲରେ ସାମିଲ କରିବାକୁ ଦାବି କରିଛନ୍ତି । ତେବେ ଏହି ବିକ୍ଷୋଭ ଶୋଭାଯାତ୍ରା ହିଂସାତ୍ମକ ରୂପ ଧାରଣ କରିଛି । ଏଥିରେ ୪ ଜଣ ବିକ୍ଷୋଭକାରୀ ପ୍ରାଣ ହରାଥିବା ବେଳେ ୭୦ରୁ ଅଧିକ ଆହତ ହୋଇଛନ୍ତି । ସ୍ଥିତିକୁ ଦେଖି ପ୍ରଶାସନ ପକ୍ଷରୁ ଲେହରେ ସମସ୍ତ ପ୍ରକାରର ଶୋଭାଯାତ୍ରାକୁ ବ୍ୟାନ କରାଯାଇଛି । ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି । ବିକ୍ଷୋଭକାରୀମାନେ ଆଜି ଲେହରେ ଥିବା ବିଜେପି ଅଫିସରେ ଭଙ୍ଗାରୁଜା କରିବା ସହ ସେଠାରେ ନିଆଁ ଲଗାଇ ଦେଇଛନ୍ତି । ସ୍ଥାନୀୟ ଥାନାକୁ ପଥର ମାଡ଼ କରିଛନ୍ତି ଓ ପୁଲିସ୍ ଗାଡ଼ିକୁ ପୋଡ଼ି ଦେଇଛନ୍ତି । ସେହିପରି ଆଉ କିଛି ସ୍ଥାନରେ ଭଙ୍ଗାରୁଜା ଓ ପୋଡ଼ାଜଳା ହୋଇଛି । ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିବାରୁ ପୁଲିସ୍ ପକ୍ଷରୁ ଲୁହ ବୁହା ଗ୍ୟାସ, ରବର ବୁଲେଟ ଓ ଲାଠିଚାର୍ଜ କରାଯାଇଛି । ଏଥିରେ ୪ ଜଣ ପ୍ରାଣ ହରାଇଥିବା ବେଳେ ୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଏହାକୁ ନେଇ ସ୍ଥିତି ଅତ୍ୟନ୍ତ ଉତ୍ତେଜନାମୂଳକ ରହିଥିବାରୁ ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଲାଗୁ କରାଯାଇଛି ।

ଲେହ ଆପେକ୍ସ ବଡି(ଏଲଏବି) ଦୀର୍ଘ ଦିନ ହେଲା ଲଦାଖକୁ ରାଜ୍ୟ ମାନ୍ୟତା ଦେବାକୁ ଦାବି କରି ଚାଲିଛି । ଏହି ଦାବିକୁ ଆହୁରି ଶାଣିତ କରିବା ପାଇଁ ଆଜି ଏଲଏବିର ଯୁବ ସଂଗଠନ ଲେହରେ ବିକ୍ଷୋଭ ଶୋଭାଯାତ୍ରା ଆୟୋଜନ କରିଥିଲା । ସଂଗଠନ ପକ୍ଷରୁ ବନ୍ଦ ଡାକରା ବି ଦିଆଯାଇଥିଲା । କିନ୍ତୁ ଏହି ଶୋଭାଯାତ୍ରା ବେଳେ ହିଂସାକାଣ୍ଡ ଦେଖିବାକୁ ମିଳିଛି । ପରିବେଶବିତ ସୋନମ ୱାଙ୍ଗଚୁକଙ୍କ ନେତୃତ୍ୱରେ ସେପ୍ଟେମ୍ବର ୧୦ରୁ ୧୫ ଜଣ ଲଦାଖ ପାଇଁ ଆମରଣ ଅନଶନ କରୁଛନ୍ତି । ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମଙ୍ଗଳବାର ମଧ୍ୟ ୱାଙ୍ଗଚୁକ ନିଜର ୧୫ ଦିନିଆ ଅନଶନ ଭାଙ୍ଗିଥିଲେ । ଏହାପରେ ଆଜି ବନ୍ଦ ଡାକରା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିକ୍ଷୋଭ ବେଳେ ଶାନ୍ତି ପ୍ରତିଷ୍ଠା ପାଇଁ ୱାଙ୍ଗଚୁକ କହିଥିଲେ ହେଁ କିଛି ଯୁବକ ପଥର ମାଡ଼ କରିଥିଲେ । ଏଥିଯୋଗୁ ପୁଲିସ ପାଲଟା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଏହି ସମୟରେ ବିକ୍ଷୋଭକାରୀ ଲେହରେ ଥିବା ବିଜେପି ଅଫିସରେ ଭଙ୍ଗାରୁଜା କରି ସେଠାରେ ନିଆଁ ଲଗାଇ ଦେଇଥିଲେ । ଅଫିସ ବାହାରେ ଥିବା ଗୋଟିଏ ପୁଲିସ୍‌ଗାଡ଼ିକୁ ମଧ୍ୟ ସେମାନେ ଜାଳି ଦେଇଛନ୍ତି । ସ୍ଥିତିକୁ ଦେଖି ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das